

ଅଲଗା ହେଲେ
ତାରା-ବୀର!
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-198 ◆TUESDAY ◆13 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୯୮ ◆ମଙ୍ଗଳବାର ◆୧୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଇସ୍ରୋ ମିଶନ ବିଫଳ: ପିଏସ୍ଏଲ୍ଭି ସି୬୨ ବାଟବଣା

## ଉତ୍କ୍ଷେପଣ ପରେ ଗତିପଥରୁ ବିଚ୍ୟୁତ



■ ଶ୍ରୀହରିକୋଟା, ୧୨।୧: ଭାରତର ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ୍ (ପିଏସ୍ଏଲ୍ଭି)ର ୬୪ତମ ମିସନ ଆଜି ଫେଲ୍ ମାରିଛି। ଉତ୍କ୍ଷେପଣ ହେବାର କିଛି ସମୟ ପରେ ରକେଟ୍ ବାଟବଣା ହେବାରୁ ଏହା ସହିତ ଯାଇଥିବା ୧୬ଟି ଉପଗ୍ରହ ମହାକାଶରେ ହଜିଯାଇଛନ୍ତି। କ୍ରମାଗତ ଦ୍ୱିତୀୟ ଥର ଲାଗି ପିଏସ୍ଏଲ୍ଭିର ତୃତୀୟ ପର୍ଯ୍ୟାୟରେ ଏଭଳି ତ୍ରୁଟି ଇସ୍ରୋ ପାଇଁ ବଡ଼ ଧରଣର ଝଟକା ବୋଲି କୁହାଯାଉଛି।

ପିଏସ୍ଏଲ୍ଭି-ସି୬୨ର ଉତ୍କ୍ଷେପଣ ପାଇଁ ଗତକାଲି ରାତିରୁ ଚଳଚଞ୍ଚଳ ଥିଲା ଶ୍ରୀହରିକୋଟା ସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ର। ଆଜି ଦିନ ଠିକ୍ ୧୦ଟା ୧୮ ମିନିଟରେ ପିଏସ୍ଏଲ୍ଭି ସଫଳତା ସହ

**ମହାକାଶରେ ହଜିଗଲା ୧୬ ଉପଗ୍ରହ**



ଉତ୍କ୍ଷେପଣ ହୋଇଥିଲା। ଏହା ଇଓଏସ୍-ଏନ୍୧ ସମେତ ୧୬ଟି ଉପଗ୍ରହ ନେଇ ଯାତ୍ରା କରିଥିଲା। ପ୍ରଥମ ଦୁଇଟି ପର୍ଯ୍ୟାୟ ଠିକ୍ ଭାବେ କାର୍ଯ୍ୟ କରିଥିଲା। ମାତ୍ର ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ରକେଟ୍ ଏହାର ନିର୍ଦ୍ଧାରିତ ଗତିପଥରୁ ହଟିବା ଆରମ୍ଭ କରିଥିଲା। ଏହାକୁ ନେଇ ମହାକାଶ କେନ୍ଦ୍ରରେ ନିରବତା ଛାଇ ଯାଇଥିଲା। ପରେ ଭାରତୀୟ ମହାକାଶ ଅନୁସନ୍ଧାନ କେନ୍ଦ୍ର ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ପିଏସ୍ଏଲ୍ଭି-ସି୬୨ ମିସନ ବିଫଳ ହୋଇଛି। ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ଏହି ରକେଟ ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତା ସହିତ କାର୍ଯ୍ୟ କରିଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ଏହା ନିଜର ଗତିପଥରୁ ଅଲଗା ହୋଇଯାଇଥିଲା। ଏପରି କାହିଁକି ହେଲା? ଡାଟା ବିଶ୍ଳେଷଣ କରିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଇସ୍ରୋ ମୁଖ୍ୟ ଡ. ଭି. ନାରାୟଣନ୍ ପ୍ରକାଶ କରିଛନ୍ତି। ଫଳରେ କୌଣସି ଉପଗ୍ରହକୁ ଏହାର କକ୍ଷପଥରେ ସ୍ଥାପିତ କରାଯାଇ ପାରିନାହିଁ। ତେବେ ଏସଂପର୍କରେ ଅଧିକ କିଛି କହିବାକୁ ସେ ମନା କରିଦେଇଛନ୍ତି। ପିଏସ୍ଏଲ୍ଭି ସହ ଆଜି ଯେଉଁ ଉପଗ୍ରହ ପ୍ରେରଣ କରାଯାଇଥିଲା ▸ପୃଷ୍ଠା-୭

# ଆଡ଼ବାୟା ଟ୍ରମ୍ପ

## 'ମୁଁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି'



■ ୱାଶିଂଟନ୍, ୧୨।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ସେ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ କରି ଏହି କଥା ଉଲ୍ଲେଖ କରିଛନ୍ତି। ଏହି ପୋଷ୍ଟରେ ଟ୍ରମ୍ପଙ୍କ ଫଟୋ ଓ 'ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତି'ର କ୍ୟାପସନ ରହିଛି। ଏଥିରେ ସେ ୨୦୨୬ରୁ ଦାୟିତ୍ୱ ଗ୍ରହଣ କରିବା ବିଷୟରେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ ନିଜକୁ ୪୫ ଓ ୪୭ତମ ରାଷ୍ଟ୍ରପତି ଭାବେ ମଧ୍ୟ ବର୍ଣ୍ଣନା କରିଛନ୍ତି। ତେବେ ଏହି ପଦବୀ ସମ୍ପର୍କରେ ହ୍ୱାଇଟ୍ ହାଉସ କିମ୍ବା ଆମେରିକା ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ବିବୃତ୍ତି ଜାରି କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ଜାନୁଆରୀ ୨ରେ ଆମେରିକା ଭେନେଜୁଏଲ ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନ୍ୟୁୟର୍କକୁ ଆଣିଥିଲେ। ଏହି ଦୁଇଜଣଙ୍କ ବିରୋଧରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଇଛି। ଟ୍ରମ୍ପ କହିଛନ୍ତି ଯେ, ଭେନେଜୁଏଲା ପ୍ରଶାସନକୁ ଆମେରିକା ହିଁ ଚଳାଇବ। ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ ଉପ- ରାଷ୍ଟ୍ରପତି ରୋଡ୍ରିଗ୍ୱେଜଙ୍କୁ ଗତ ସପ୍ତାହରେ ଦେଶର ଅନ୍ତରୀଣ ରାଷ୍ଟ୍ରପତି ନଯୁକ୍ତି କରାଯାଇଥିଲା। ଏବେ ଭେନେଜୁଏଲା ତୈଳ ପାଇଁ କେଉଁ କମ୍ପାନୀ ଆମେରିକା ଯିବ ତାହା ଆମେରିକା ନିଷ୍ପତ୍ତି ନେବ। ଆମେରିକାର ଆକ୍ରମଣରେ ଭେନେଜୁଏଲାର ୧୦୦ ଜଣ ସୈନିକ ମୃତ୍ୟୁବରଣ କରିଥିଲେ।

## ବଡ଼ ଚାଷୀଙ୍କୁ ସରକାରୀ ଝଟ୍‌କା

# ମିଳିବନି ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି

■ ଭୁବନେଶ୍ୱର, ୧୨।୧(ସମିସ): ରାଜ୍ୟରେ ଧାନ କିଣାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ମଧ୍ୟରେ ଚାଷୀ ଦହଗଞ୍ଜ ହେଉଥିବାବେଳେ ସେମାନଙ୍କ କଟା ଘା'ରେ ଚୂନ ମାରିଛନ୍ତି ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଯୋଗାଣମନ୍ତ୍ରୀଙ୍କ ଘୋଷଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଜ ଘୋଷଣା ଅନୁଯାୟୀ ଚାଷୀଙ୍କଠାରୁ ସବୁ ଧାନ ଉଠାଇବେ। ମାତ୍ର ୧୫୦ କୁଇଣ୍ଟାଲ ଧାନ ପରେ ଆଉ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଦିଆଯିବ ନାହିଁ। ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଚାଷୀ ୩୧୦୦ ଟଙ୍କା ପାଇବେ। ଏହା ପରେ ଆଉ ଯେତେ ଧାନ ଦେବେ, ସରକାର ତାହାକୁ ୨୩୬୯ ଟଙ୍କାରେ କିଣିବେ। ଅର୍ଥାତ୍ ହାରାହାରି ୭ ଏକରରୁ ଅଧିକ ଜମିରେ ଧାନ ଚାଷ କରିଥିବା ଚାଷୀ ସିଧାସଳଖ କ୍ଷତିଗ୍ରସ୍ତ ହେବେ।

ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସହାୟତା ଘୋଷଣା

**୧୫୦ କ୍ୱିଣ୍ଟାଲ ପରେ ଅବଶିଷ୍ଟ ଧାନ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା**


**କ୍ଷତିଗ୍ରସ୍ତ ହେବେ ୭ ଏକରରୁ ଅଧିକ ଚାଷ କରିଥିବା ଚାଷୀ**



କରିବା ପରେ ଅନେକ ପ୍ରଶଂସା ନେଇଥିଲେ; ହେଲେ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟ୍‌ନୀଛଟ୍‌ନୀ ପରିମାଣ ବଢ଼ିଗଲା। କ୍ୱିଣ୍ଟାଲ ପିଛା ୧୨-୧୫ କିଲୋ ଧାନ କଟ୍‌ନୀଛଟ୍‌ନୀ କରିବା ପରେ ସରକାରଙ୍କ ଉପରେ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ କିଣା ସ୍ୱାଭାବିକ ହୋଇପାରୁ ନାହିଁ। ପଶ୍ଚିମ ଓଡ଼ିଶାରେ ୨ ମାସ ହେବ ସରକାରୀ ଭାବେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ ମଧ୍ୟ ମିଳିପାରି ନାହିଁ। ଏହାକୁ ନେଇ ଉପକୂଳରୁ-ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସବୁଠି ଚାଷୀ ପ୍ରତିକ୍ରିୟାଶୀଳ ହେଉଛନ୍ତି। ଏହାକୁ ପ୍ରଶମିତ କରିବା ବଦଳରେ ଚାଷୀ ନୌଟଙ୍କି କରୁଛନ୍ତି ଓ ଦଲାଲଗିରି କରୁଥିବା ଉପମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି। ଏହି ସମୟରେ ଯୋଗାଣ ମନ୍ତ୍ରୀ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ଉପରେ ଚାଷୀଙ୍କୁ ଇନ୍‌ପୁଟ ସବସିଡ଼ି ▸ପୃଷ୍ଠା-୭

# ଜଗଦୀପ ଧନଖଡ଼ ଅସୁସ୍ଥ

■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୋମବାର ଅସୁସ୍ଥତା କାରଣରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଗତ ସପ୍ତାହନ୍ତରେ ଦୁଇଥର ବେହୋଶ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



୭୪ ବର୍ଷୀୟ ଧନଖଡ଼ ଜାନୁଆରୀ ୧୦ରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ ଏମ୍ସ ନିଆଯାଇଥିଲା। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଗତବର୍ଷ ଜୁଲାଇ ୨୧ରେ ଉପ-ରାଷ୍ଟପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେଳେ ବେଶ ଚର୍ଚ୍ଚା ଚାଲିଥିଲା। ସେ ଶନିବାର ଦିନ ଶୌଚାଳୟକୁ ଯିବା ସମୟରେ ଦୁଇଥର ଚେତାଶୂନ୍ୟ ହୋଇପଡିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଇଥିଲା। ତାଙ୍କର ଏମ୍ଆରଆଇ କରାଯିବ ବୋଲି ଏମ୍ସର ତରଫରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଧନଖଡ଼ କିମ୍ବା ତାଙ୍କ ପରିବାର ତରଫରୁ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସରକରୀ ସୂଚନା ଦିଆଯାଇନାହିଁ।

## ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲା

# ୭ ପରୀକ୍ଷାର୍ଥୀଙ୍କୁ ନୋଟିସ

■ ଭୁବନେଶ୍ୱର, ୧୨।୧ (ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ ପୂର୍ବରୁ ପୁଲିସ ଦ୍ୱାରା ଗିରଫ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କୁ ଜେରା କରିବ ସିବିଆଇ। ଏ ସଂକ୍ରାନ୍ତରେ ସିବିଆଇ ପକ୍ଷରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ନୋଟିସ ଜାରି କରାଯାଇଛି। ସମସ୍ତ ପରୀକ୍ଷାର୍ଥୀ ବ୍ରହ୍ମପୁରର ବୋଲି ଜଣାପଡ଼ିଛି। ଓପିଆର୍‌ବି, ସିଲିକନ୍ ଏବଂ ଶଙ୍କର ପୃଷ୍ଟି ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ କ'ଣ ଲିଙ୍କ୍ ରହିଥିଲା, ପରୀକ୍ଷା ପୂର୍ବରୁ ସେମାନଙ୍କୁ କିଭଳି ପ୍ରଶ୍ନପତ୍ର ମିଳି ଯାଉଥିଲା ଏବଂ ଓପିଆର୍‌ବିର କିଏ ଏହି ପ୍ରଶ୍ନପତ୍ର ଲିକ୍‌ରେ ସାମିଲ ଅଛି ସେ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ତେବେ ସିବିଆଇ ଆଜି ଆଉ ୭ ଜଣଙ୍କୁ ଏହି ମାମଲାରେ ଜେରା କରିଥିବା ଜଣାପଡ଼ିଛି।

ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ଏସଆଇ ପଦବୀର ଡିଲ୍ କରିଥିଲେ; ମାତ୍ର ଏହି ଖବର କୌଣସି ସୂତ୍ରରୁ ▸ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପରେ ବଢ଼ିଲା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଚର୍ଚ୍ଚା

# ୨୦୦ ଛୁଇଁବ ବିଧାନସଭା ଆସନ !

■ ଭୁବନେଶ୍ୱର, ୧୨।୧ (ସମିସ): ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେସନ) ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ ଛୁଇଁପାରେ। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ସୂଚନା

**▸ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ କ୍ଷତିରେ ପଡ଼ିବ ଓଡ଼ିଶା**

**▸ ୨୦୨୯ ନିର୍ବାଚନ ପୂର୍ବରୁ ସମ୍ଭବ ହେବନି ସୀମା ପୁନଃ ନିର୍ଦ୍ଧାରଣ**



ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଟିପ୍ପଣୀ ପରେ ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ମହଲରେ ସୀମା ପୁନଃନିର୍ଦ୍ଧାରଣକୁ ନେଇ ପୁଣି ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବରୁ ଜନସଂଖ୍ୟା ଆଧାରରେ ଡ଼ିଲିମିଟେସନ ହେବ ବୋଲି ହେଉଥିବା ଚର୍ଚ୍ଚା ସତ୍ୟ ହେଲେ ଓଡ଼ିଶା କ୍ଷତିରେ ପଡ଼ିବାର ସମ୍ଭାବନା ରହିଛି। ମାତ୍ର ମୁଖ୍ୟମନ୍ତ୍ରୀ ବିଧାନସଭା ଆସନ ସଂଖ୍ୟା ୨୦୦ ଛୁଇଁବ ବୋଲି ଦେଇଥିବା ଟିପ୍ପଣୀ ରାଜ୍ୟରେ ରାଜନୈତିକ ମହଲକୁ ଉଷ୍ମ କରି ଦେଇଛି।

ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ରାଜ୍ୟ ବିଧାନସଭା ଅଛି, ସେଥିରେ ଅତି ବେଶିରେ ଆଉ ୩-୪ ଜଣ ବସିପାରିବେ। ନୂଆଦିଲ୍ଲୀରେ ଯେପରି ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଛି, ଠିକ୍ ସେପରି ଭାବେ ରାଜ୍ୟରେ ନୂଆ ବିଧାନସଭା ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଡିଲିମିଟେସନ ପ୍ରକ୍ରିୟାରେ ପ୍ରାୟ ୫୦ଟି ବିଧାନସଭା ଆସନ ବଢ଼ି ଏହା ୨୦୦ରେ ପହଞ୍ଚିବାର ସମ୍ଭାବନା ରହିଛି। ଆଗାମୀ ୫୦ରୁ ୧୦୦ ବର୍ଷକୁ ଆଖି ଆଗରେ ରଖି ୩୦୦ ସିଟ୍ ବିଶିଷ୍ଟ ବିଧାନସଭା ସୌଧ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ▸ପୃଷ୍ଠା-୭

## ବିଶ୍ୱର ୪ର୍ଥ ବୃହତ୍ ମହଙ୍ଗା ଛାଡ଼ପତ୍ର

# ପତ୍ନୀଙ୍କୁ ୧୪ ହଜାର କୋଟି ଦେବେ ଜୋହୋ ପ୍ରତିଷ୍ଠାତା



■ ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଛାଡପତ୍ର ଘଟଣାକୁ ନେଇ ଚର୍ଚ୍ଚାରେ ଜୋହୋ ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଧର ଭେମ୍ବୁ। କାରଣ ଭେମ୍ବୁ ଛାଡ଼ପତ୍ରରେ ପତ୍ନୀଙ୍କୁ ଦେବେ ୧୪,୦୦୦ କୋଟି ଟଙ୍କା କ୍ଷତିପୂରଣ। ତେବେ ଏହାକୁ ବିଶ୍ୱର ୪ର୍ଥ ବୃହତ୍ ଏବଂ ଭାରତର ସବୁଠାରୁ ମହଙ୍ଗା ଛାଡ଼ପତ୍ର ବୋଲି କୁହାଯାଉଛି। ଆମେରିକାର କାଲିଫର୍ଣ୍ଣିଆରେ ଚାଲିଥିବା ଛାଡପତ୍ର ମାମଲାରେ କୋର୍ଟ ଭେମ୍ବୁଙ୍କୁ ୧.୭ ବିଲିୟନ ଡଲାର (୧୪ ହଜାର କୋଟି ଟଙ୍କା)ର ବଣ୍ଡ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଭେମ୍ବୁ ଏବଂ ତାଙ୍କ ପତ୍ନୀ ପ୍ରମିଳା ଶ୍ରୀନିବାସନଙ୍କ ମଧ୍ୟରେ ଛାଡପତ୍ରର ମୁଖ୍ୟ କାରଣ ହେଉଛି, ▸ପୃଷ୍ଠା-୭






## ସଂକଟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

# ବିନା ବନ୍ଧକରେ ୪୭ ଲକ୍ଷ କୋଟି ଋଣ

■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି)): ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅଣ-କାର୍ଯ୍ୟକାରୀ ସମ୍ପତ୍ତି(ଏନ୍‌ପିଏ)ରେ ବୃଦ୍ଧିକୁ ନେଇ ବ୍ୟାଙ୍କଗୁଡିକ ସମସ୍ୟାରେ ରହିଥିବାବେଳେ ଏବେ ବିନା ଗ୍ୟାରେଣ୍ଟିଯୁକ୍ତ ଋଣ ପରିମାଣରେ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କଗୁଡିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷରେ ଏହି ବିନା ଗ୍ୟାରେଣ୍ଟିରେ ଦିଆଯାଇଥିବା ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ

**୨୦ ବର୍ଷରେ ଋଣ ପରିମାଣ ବଢ଼ିଛି ୨୩ ଗୁଣା**

**୨୦୦୫ରେ ୨ ଲକ୍ଷ କୋଟି, ୨୦୨୫ରେ ୪୭ ଲକ୍ଷ କୋଟି**



ବ୍ୟାଙ୍କଗୁଡିକ ୨ ଲକ୍ଷ କୋଟି ଟଙ୍କାର ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ୍ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶରେ ଅସୁରକ୍ଷିତ ଋଣ ପରିମାଣ ରେକର୍ଡ ୪୬.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣରେ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକବର୍ଷରେ ଏହା ୨୪.୫%କୁ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକବର୍ଷଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣଗୁଡ଼ିକ ▸ପୃଷ୍ଠା-୭

## କେନ୍ଦ୍ର ଓ ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନରଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରିଥିବା ନୂଆ ଆଇନକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି । ଏହାକୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କୁ ନୋଟିସ ଜାରି କରିଛନ୍ତି । ତେବେ ଏସଂକ୍ରାନ୍ତ ନୂଆ ଆଇନ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ଆଇନର ଅନୁଧ୍ୟାନ କରାଯିବ । ଲୋକ ପ୍ରହରୀ ନାମକ ଏକ ଏନ୍‌ଜିଓ ଜନସ୍ୱାର୍ଥ ମାମଲା ଦାୟର କରି ଏହି ଆଇନକୁ ଚାଲେଞ୍ଜ କରିଛି । ସଂସଦ ଦ୍ୱାରା ଅନୁମୋଦିତ ନିର୍ବାଚନ କମିସନ ନିଯୁକ୍ତି ସର୍ତ୍ତ ଆଇନରେ ମୁଖ୍ୟ ନିର୍ବାଚନ କମିସନ ଏବଂ ଅନ୍ୟ ନିର୍ବାଚନ କମିସନଙ୍କୁ ଯେକୌଣସି ସିଭିଲ ଏବଂ ଫୌଜଦାରୀ ମାମଲାରୁ ଆଜୀବନ ମୁକ୍ତି ପ୍ରଦାନ କରାଯାଇଛି । ନିଜ କାର୍ଯ୍ୟକାଳ ସମୟରେ ନେଇଥିବା ନିଷ୍ପତ୍ତି ସଂପର୍କରେ ସେମାନଙ୍କ ବିରୋଧରେ କୌଣସି ମାମଲା ଦାୟର କରାଯାଇପାରିବ ନାହିଁ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି । ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରାଷ୍ଟ୍ରପତି, ରାଜ୍ୟପାଳ କିମ୍ବା ବିଚାରପତିମାନଙ୍କ ପାଇଁ କରାଯାଇ ନାହିଁ, ତାହା ନିର୍ବାଚନ କମିସନଙ୍କ ପାଇଁ କାହିଁକି କରାଯାଇଛି ବୋଲି ସଂଗଠନ ପ୍ରଶ୍ନ କରିଛି ।

## ତେଲଙ୍ଗାନାରେ ବିଷ ଦେଇ ୩୦୦ ବୁଲା କୁକୁରଙ୍କୁ ହତ୍ୟା

ହାଇଦରାବାଦ୍, ୧୨।୧(ଏଜେନ୍ସି): ତେଲଙ୍ଗାନାର ହନମକୋଣ୍ଡା ଜିଲ୍ଲାରେ ୩୦୦ ବୁଲା କୁକୁରଙ୍କ ହତ୍ୟା କରାଯିବା ଘଟଣା ସାମ୍ନାକୁ ଆସିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ୍‌ର ପ୍ରାସଙ୍ଗିକ ଧାରା ଅନୁଯାୟୀ ୨ ଜଣଙ୍କ ବିରୋଧରେ ଏହି ମାମଲା ନେଇ ଏଫ୍‌ଆଇଆର ରୁଜୁ କରାଯାଇଛି । ପଶୁ କଲ୍ୟାଣ କର୍ମୀ ଆଦୁଲାପୁରମ ଗୌତମ ଓ ଫରଜାନା ବେଗମ ଜାନୁଆରୀ ୨ରେ ଶ୍ୟାମପେଟ ଥାନାରେ ଅଭିଯୋଗ କରିଥିଲେ । ଜାନୁଆରୀ ୬ରୁ ଆରମ୍ଭ ହୋଇ ତିନିଦିନ ମଧ୍ୟରେ ଶ୍ୟାମପେଟ ଓ ଆରେପାଲି ଗାଁରେ ୩୦୦ ବୁଲା କୁକୁରଙ୍କୁ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି । ହତ୍ୟା ପରେ ମୃତଦେହଗୁଡ଼ିକୁ ଗାଁ ବାହାରେ ପୋତି ଦିଆଯାଇଥିଲା । ଗାଁର ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ସଚିବଙ୍କ ସମେତ ୮ ଜଣ ଲୋକ ହିଁ ଏହି ଅପରାଧ ଘଟାଇଛନ୍ତି ବୋଲି ଅଭିଯୋଗ କରାଯାଇଛି । ସରପଞ୍ଚ ଓ ସଚିବ ଦୁଇ ଲୋକଙ୍କୁ ପଇସା ଦେଇ ବୁଲା କୁକୁରଙ୍କୁ ହତ୍ୟା କରିବା ପରେ ମୃତଦେହ ଗୁଡ଼ିକୁ ପୋତିବା ପାଇଁ ନିୟୋଜିତ କରିଥିଲେ । ପୁଲିସ ମଧ୍ୟ ଏନେଇ ମାମଲା ରୁଜୁ କରିଛି । ପ୍ରଶାସନ ଏହି ମାମାଲାକୁ ଗମ୍ଭୀରତା ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ କରିବ ବୋଲି ପ୍ରତିଶ୍ରୁତି ଦେଇଛି ।

## ଜର୍ମାନୀରେ ଭାରତୀୟଙ୍କ ପାଇଁ ଭିସା ମୁକ୍ତ ଟ୍ରାନ୍‌ଜିଟ୍

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜର୍ମାନୀ ଚାନ୍ସଲର ଫ୍ରେଡ୍ରିଚ ମର୍ଜ ଗୁଜରାଟର ଗାନ୍ଧୀନଗରରେ ପରସ୍ପରକୁ ଭେଟିଛନ୍ତି । ଦୁହେଁ ମହାତ୍ମା ମନ୍ଦୀର କନଭେନସନରେ ଏକାଠି ବସି ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ । ଆଲୋଚନା ପରେ ମୋଦୀ କହିଥିଲେ ଯେ, ଭାରତ ଓ ଜର୍ମାନୀ ଘନିଷ୍ଠ ସହଯୋଗୀ । ଏଥିପାଇଁ ଭାରତରେ ଆଜି ଜର୍ମାନୀର ୨୦୦୦ କମ୍ପାନୀ ଅଛନ୍ତି । ଦୁଇ ଦେଶ ନୂଆ ପ୍ରକଳ୍ପକୁ ଆଗକୁ ବଢ଼ାଉଛନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ଏକାଠି କାର୍ଯ୍ୟ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଓ ଏହା ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ସେ କହିଥିଲେ । ଦୁଇ ନେତା ସବୁ କାର୍ଯ୍ୟକ୍ରମରେ ଗୋଟିଏ କାର୍‌ରେ ହିଁ ସାଥି ହୋଇ ଯାତ୍ରା କରିଥିଲେ । ସୋମବାର ସକାଳେ ଦୁହେଁ ସାବରମତୀ ଆଶ୍ରମରେ ପହଞ୍ଚିଥିଲେ । ଦୁହେଁ ସେଠାରେ ସାଥି ହୋଇ ଗୁଡ଼ି ଉଡାଇଥିଲେ । ଆଜିର ଯୁଗରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନୀତିର ବହୁତ ଆବଶ୍ୟକତା ରହିଛି ବୋଲି ମର୍ଜ କହିଛନ୍ତି । ଏହାସହିତ ସେ ଘୋଷଣା କରିଛନ୍ତି ଯେ, ଜର୍ମାନୀରେ ପାସପୋର୍ଟ ଧାରୀ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ମୁକ୍ତ ଟ୍ରାନଜିଟ ସୁବିଧା ଯୋଗାଇ ଦିଆଯିବ ।

## ପକ୍ଷୀ ମାଡ଼ ପରେ ବାରାଣସୀରେ ବିମାନର ଜରୁରୀ ଅବତରଣ

ବାରଣାସୀ, ୧୨।୧(ଏଜେନ୍ସି): ଗୋରଖପୁରରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ବାରାଣସୀରେ ଜରୁରୀକାଳୀନ ଅବତରଣ କରିଛି । ପକ୍ଷୀ ମାଡ଼ ହେବା କାରଣରୁ ଏଭଳି ସ୍ଥିତି ଉପୁଜିଥିଲା । ଏହି ବିମାନରେ ୨୧୬ ଜଣ ଯାତ୍ରା କରୁଥିଲେ । ସୁରକ୍ଷା କାରଣରୁ ବିମାନକୁ ଅବତରଣ କରାଯାଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ପକ୍ଷୀ ମାଡ଼ ହେବା ପରେ ବିମାନକୁ ଆଗକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା । ଗୋରଖପୁରରୁ ଏହି ୬ଇ-୪୩୭ ବିମାନ ରବିବାର ସନ୍ଧ୍ୟା ୬.୨୫ରେ ଉଡାଣ ଭରିଥିଲା ଓ ଏହା ବେଙ୍ଗାଲୁରୁରେ ୯.୦୨ରେ ଅବତରଣ କରିଥାନ୍ତା । କିନ୍ତୁ ଟେକଅଫ୍‌ର ୧୫ ମିନିଟ ପରେ ହିଁ ବିମାନରେ ପକ୍ଷୀ ମାଡ଼ ହୋଇଥିଲା । ଏହି ସମୟରେ ବିମାନ ଜୋନପୁରର ଆଖପାଖ ଆକାଶରେ ଥିଲା । ଫଳରେ ପାଇଲଟ ତୁରନ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରିଥିଲେ । ଏହାପରେ ବିମାନ ୬.୫୬ରେ ବାରଣାସୀ ବିମାନ ବନ୍ଦରରେ ଅବତରଣ କରିଥିଲା ।

## ସମୀର ପୁଟାଟୁଣ୍ଡୁଙ୍କ ପରଲୋକ

କୋଲକାତା, ୧୨।୧(ଏଜେନ୍ସି): ପଶ୍ଚିମବଙ୍ଗର ବରିଷ୍ଠ ବାମପନ୍ଥୀ ନେତା ସମୀର ପୁଟାଟୁଣ୍ଡୁ ରବିବାର ରାତିରେ ପରଲୋକ ଗମନ କରିଛନ୍ତି । କୋଲକାତାର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଥିଲା । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା ଓ ତାଙ୍କ ନିକଟରେ ପତ୍ନୀ ଅନୁରାଧା ଉପସ୍ଥିତ ଥିଲେ । ପୁଟାଟୁଣ୍ଡୁ ପଶ୍ଚିମବଙ୍ଗ ବାମପନ୍ଥୀ ଆନ୍ଦୋଳନର ଜଣେ ପ୍ରମୁଖ ଅଗ୍ରଣୀ ବ୍ୟକ୍ତିଥିଲେ । ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଣେ ପ୍ରଭାବଶାଳୀ ନେତା ଥିଲେ ।

# ମକରରେ ବଦଳିବ ପ୍ରଧାନମନ୍ତ୍ରୀ ଅଫିସ ଠିକଣା

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଦିଲ୍ଲୀର ରାଇସିନା ହିଲ୍ସ ନିକଟରେ ପ୍ରଧାନମନ୍ତ୍ରୀଙ୍କ ନୂଆ କର୍ଯ୍ୟାଳୟର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତିରେ ନୂଆ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ନୂଆ କାର୍ଯ୍ୟାଳୟ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୁହାଯାଉଛି । ଏହି ନୂଆ କର୍ଯ୍ୟାଳୟ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପର ଅଂଶବିଶେଷ । କାର୍ଯ୍ୟାଳୟ ନିକଟରେ ପ୍ରାଧାନମନ୍ତ୍ରୀଙ୍କ ବାସଭବନ ମଧ୍ୟ ନିର୍ମାଣ କରାଯାଉଛି । ଏହାର ନିର୍ମାଣ ଶେଷ ପରେ ପ୍ରଧାନମନ୍ତ୍ରୀ ୭ ଲୋକକଲ୍ୟାଣ ମାର୍ଗସ୍ଥିତ ଏବେକାର ବାସଭବନ ଛାଡି ନୂଆ ବାସଭବନକୁ ଯିବେ । ପ୍ରଧାନମନ୍ତ୍ରୀଙ୍କ ନୂଆ ଅଫିସର ନାମ ପ୍ରଥମେ ଏକଜିକ୍ୟୁଟିଭ କମ୍ପେଲକ୍ସ ରଖାଯାଇଥିଲା । ତେବେ ପରେ ଏହାକୁ ବଦଳାଯାଇ 'ସେବା ତୀର୍ଥ' ରଖାଯାଇଛି । ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅନୁସାରେ ନୂଆ ସଂସଦ ଭବନ ଓ ଉପ-ରାଷ୍ଟ୍ରପତି ଏନକ୍ଲେଭ ପୂର୍ବରୁ ପ୍ରସ୍ତୁତ ହୋଇସାରିଛି । ସେବା ତୀର୍ଥ କମ୍ପେଲକ୍ସରେ ୩ଟି କୋଠା ରହିଛି । ସେବା ତୀର୍ଥ-୧ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟ ହେବ । ସେବା ତୀର୍ଥ-୨ କ୍ୟାବିନେଟ ସଚିବାଳୟ ହେବ । ସେବା ତୀର୍ଥ-୩ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟାଙ୍କ କାର୍ଯ୍ୟାଳୟ ହେବ । ୭୮ ବର୍ଷ ପରେ ପ୍ରଧାନମନ୍ତ୍ରୀ ଅଫିସ ନର୍ଥ ବ୍ଲକରୁ ସ୍ଥାନାନ୍ତର ହେବ ।



# ଇରାନରେ ବ୍ୟାପୁଛି ହିଂସା; ୫୫୦ ମୃତ

ଲସ୍ ଏଞ୍ଜେଲସ, ୧୨।୧(ଏଜେନ୍ସି): ଗତ ଦୁଇ ସପ୍ତାହ ଧରି ଇରାନରେ ସରକାର ବିରୋଧୀ ପ୍ରତିବାଦ ଜାରି ରହିଛି । ଇରାନରେ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା (ଏଚ୍‌ଆରଏଏନ୍‌ଏ) ଦେଇଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୮ ଜଣ ଶିଶୁଙ୍କ ସମେତ ଏହି ହିଂସ୍ରକ ଆନ୍ଦୋଳନରେ ମୋଟ୍ ୫୪୪ ଜଣ ମୃତ୍ୟୁବରଣ କରିଛନ୍ତି । ୧୦ହଜାର ଲୋକଙ୍କୁ ଗିରଫ କରାଯାଇ ଜେଲ୍‌ରେ ଭର୍ତ୍ତି କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏଭଳି ଦମନ ଚଳାଇ ଇରାନ ତା'ର ରେଡ୍ ଲାଇନ୍ ଅର୍ଥାତ ଲକ୍ଷ୍ମଣ ରେଖା ପାର୍ କରିଛି । ତେଣୁ ଆମେରିକା ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଚିନ୍ତା କରୁଛି । ।ସେ କହିଛନ୍ତି ଯେ, ଇରାନ ବି ।କ୍ଷୋଭକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ଓ କ'ଣ କରୁଛି ସେ ତାହା ଉପରେ ଆମେରିକା ତୀକ୍ଷ୍ଣ ନଜର ରଖିଛି । ଇତିମଧ୍ୟରେ ଇରାନ ଆଲୋଚନା ପାଇଁ ଏକ ପ୍ରସ୍ତାବ ଦେବା ସହ ଆମେରିକା ସହ ଯୋଗାଯୋଗ କରିଛି । ଏ ନେଇ ଏକ ବୈଠକ ସ୍ଥିତ କରିବା ପାଇଁ ଆଲୋଚନା ଚାଲିଛି । ତଥାପି, ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମ ପଦକ୍ଷେପ ନେବାକୁ ପଡ଼ିପାରେ । କାରଣ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ଓ ଗିରଫ ହେଉଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତେଣଉ ବୈଠକ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ।

ଅନପଟେ ଇରାନ ବୈଦେଶିକ ମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ, ଦେଶରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଏବେ ରକ୍ତାକ୍ତ ହୋଇଛି ଓ ଏହା ଟ୍ରମ୍ପଙ୍କୁ ହସ୍ତକ୍ଷେପ କରିବା ପାଇଁ ବାହାନା ଦେଉଛି । ବି ।କ୍ଷୋଭକାରୀମା ।ନେ ପୁଲିସକର୍ମୀଙ୍କୁ ମାରିବା ସହ ଜିଅନ୍ତା ଜଳାଉଛନ୍ତି । ଦେଶବ୍ୟାପୀ ଚାଲିଥିବା ପ୍ରତିବାଦ ଏବେ ନିୟନ୍ତ୍ରଣକୁ ଆସିଛି । ଅନ୍ୟପକ୍ଷରେ ଆନ୍ଦୋଳନ ଚାଲିଥିବା ବେଳେ ଭାରତୀୟ ନାଗରିକଙ୍କୁ ଗିରଫ କରାଯିବା କଥା ମିଛ ବୋଲି ଇରାନ ରାଷ୍ଟ୍ରଦୂତ ମୋହମ୍ମଦ ଫଥାଲୀ ଏକ୍ସରେ ସୂଚନା ଦେଇଛନ୍ତି । ଯଦି ଆମେରିକା ଆକ୍ରମଣ କରେ ତେବେ ଇରାନ ଆମେରିକା ସମେତ ଇସ୍ରାଏଲ ସୈନ୍ୟଙ୍କୁ ଆକ୍ରମଣ କରିବ ବୋଲି ସେ ଧମକ ଦେଇଛନ୍ତି ।

ଆମେରିକାରେ ଇରାନ ସର୍ବୋଚ୍ଚ ନେତା ଅଲି ହୋସେଇନି ଖାମେନେଇଙ୍କ ବିରୋଧରେ ଆୟୋଜିତ ରାଲି ଭିତରକୁ ଏକ ଟ୍ରକ ମାଡିଯିବା ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା । ଏହି ଘଟଣା ରବିବାର ଅପରାହ୍ଣରେ ଲସ୍ ଏଞ୍ଜେଲ୍ସର ୱେଷ୍ଟଉଡ ଅଞ୍ଚଳରେ ଘଟିଥିଲା । ଏଠାରେ ଇରାନରେ ଚାଲିଥିବା ପ୍ରତିବାଦକୁ ସମର୍ଥନ କରି ଶହଶହ ଲୋକ ଶୋଭାଯାତ୍ର କରୁଥିଲେ । ତେବେ ଏହି ଘଟଣାରେ କେତେଲୋକ ଆହତ ହୋଇଛନ୍ତି ସେ ନେଇ କିଛି କୁହାଯାଇନାହିଁ । ରାଲି ଭିତରକୁ ଟ୍ରକ୍ ମାଡିଯିବା ଫଳରେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ିବା ଆରମ୍ଭ କରିଥିଲେ । ଉତ୍ତ୍ୟକ୍ତ ପ୍ରଦର୍ଶନକାରୀମାନେ ସମ୍ପୃକ୍ତ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ।



### ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରେ ଆମେରିକା

**ଇରାନରେ ଥିବା ନାଗରିକଙ୍କୁ ସତର୍କ କରାଇଲା ଭାରତ**

ଇରାନରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବା ବେଳେ ଭାରତ ସେଠାରେ ଥିବା ନିଜର ନାଗରିକଙ୍କୁ ସତର୍କ କରାଇଛି । ଭାରତ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କୁ ବାହାରକୁ ନ ବହାରିବା ପାଇଁ ଓ କୌଣସି ପ୍ରକାର ଘଟଣାରେ ନ ଫସିବା ସତର୍କ କରାଇଛି । ଇରାନ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ଓ ପ୍ରବାସୀ ରହୁଛନ୍ତି । ପ୍ରତିବନ୍ଧକ ସତ୍ତ୍ୱେ ରାଜଧାନୀ ତେହେରାନସ୍ଥିତ ଭାରତୀୟ ଦୂତାବାସ ଛାତ୍ରଙ୍କ ସଂଘଗୁଡିକ ସହ ସମ୍ପର୍କ ରକ୍ଷା କରିଛି । ଏପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଅଛନ୍ତି ଓ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି । ଘରୁ ବାହାରକୁ ବାହାରିଲେ ଭାରତୀୟ ନାଗରିକମାନେ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

ଚେନ୍ନଇ, ୧୨।୧(ଏଜେନ୍ସି): ସିବିଆଇ ସୋମବାର ତାମିଲ ଅଭିନେତା ତଥା ତାମିଲିଗା ଭେଟ୍ରୀ କାଝଗମ (ଟିଭିକେ) ପାର୍ଟି ମୁଖ୍ୟ ବିଜୟ ଥାଲାପତିଙ୍କୁ ୬ ଘଣ୍ଟା ପଚରାଉଚରା କରିଛି । ବିଜୟ ସକାଳ ୧୧.୨୯ରେ କଡ଼ା ସୁରକ୍ଷା ବଳୟ ଭିତରେ ସିବିଆଇ ମୁଖ୍ୟ କାର୍ଯ୍ୟାଳୟ ପହଞ୍ଚିଥିଲେ ଓ ସନ୍ଧ୍ୟା ୬ଟାରେ ବାହାରକୁ ବାହାରିଥିଲେ । କରୁର ଦଳାଚକଟା ମାମଲାରେ ତାଙ୍କୁ ପଚରା ଉଚରା କରାଯାଇଥିଲା । ତେବେ ଏହି ଘଟଣା ପାଇଁ ତାଙ୍କ ପାର୍ଟି ଦାୟୀ ନୁହେଁ ବୋଲି ସେ ସିବିଆଇକୁ ସ୍ପଷ୍ଟ କରିଥିଲେ । ଦଳାଚକଟା ଆଗକୁ ନ ବଢ଼ିବା ପାଇଁ ସେ ତୁରନ୍ତ ସେ ସ୍ଥାନ ଛାଡି ଚାଲିଯାଇଥିଲେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା । ଏଥିରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଥିଲେ । ବିଜୟଙ୍କୁ ପାଖରୁ ଦେଖିବା ପାଇଁ ଆବଶ୍ୟକତାଠାରୁ ଭିଡ଼ ଏକାଠି ହେବା କାରଣରୁ ଏହି ଘଟଣା ଘଟିଥିଲା । ସେତେବେଳେ ଏହି ଘଟଣାକୁ ନେଇ ଦେଶ ସାରା ଚର୍ଚ୍ଚା ଚାଲିଥିଲା । ଏହାପୂର୍ବରୁ ସିବିଆଇ ଜାନୁଆରୀ ୬ରେ ବିଜୟଙ୍କ ସମନ ଜାରି କରିଥିଲା । ରାଲି ପାଇଁ ବିଜୟଙ୍କୁ ୧୦ ହଜାର ଲୋକଙ୍କ ପାଇଁ ଅନୁମତି ଥିଲା । ପ୍ରଶାସନ ୫୦ ହଜାର ଲୋକ ଏକାଠି ହେବେ ବୋଲି ଅନୁମାନ କରୁଥିଲା । କିନ୍ତୁ ୧ ଲକ୍ଷ ୨୦ ହଜାର ଲୋକ ଏକାଠି ହେବା ଫଳରେ ଦଳଚକଟା ସ୍ଥିତି ସୃଷ୍ଟି ହୋଇଥିଲା ।



## ଦିଲ୍ଲୀରେ ତାପମାତ୍ରା ୩.୨ ଡିଗ୍ରୀ

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଦିଲ୍ଲୀ ସମେତ ସାରା ଉତ୍ତର ଭାରତରେ ପ୍ରବଳ ଶୀତ ଓ ଥଣ୍ଡା ଜାରି ରହିଛି । ରାଜଧାନୀ ଦିଲ୍ଲୀରେ ଚଳିତ ଶୀତଋତୁରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି । ଆୟା ନଗରରେ ସର୍ବନିମ୍ନ ତାପମାତ୍ରା ୨.୯ ଡିଗ୍ରୀ ରେକର୍ଡ କରାଯାଇଛି । ରବିବାର ପାଲମ ବିମାନ ବନ୍ଦରରେ ୧୩ ବର୍ଷ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପୁରୁଣା ରେକର୍ଡ ଭାଙ୍ଗିଛି । ସେହିପରି ପ୍ରବଳ ଥଣ୍ଡା ପାଇଁ ନୋଏଡ଼ାରେ ଜାନୁଆରୀ ୧୫, ଗୋରଖପୁର-

**ସବୁଠାରୁ ଶୀତୁଆ ସକାଳ; ୧୩ ବର୍ଷର ରେକର୍ଡ ଭାଙ୍ଗିଲା**



ଆଗ୍ରାରେ ୧୩, ମିରଟ୍‌ରେ ୧୨ ତାରିଖ ପର୍ଯ୍ୟନ୍ତ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ପାର୍ବତ୍ୟାଞ୍ଚଳରେ ତୁଷାରପାତ କାରଣରୁ ସାରା ଉତ୍ତର ଭାରତରେ କଡ଼ା ଥଣ୍ଡା ଅନୁଭୂତ ହେଉଛି । ରବିବାର ରାଜସ୍ଥାନରେ ବହୁ ଅଞ୍ଚଳରେ ତାପମାତ୍ରା ଶୂନ ଡିଗ୍ରୀକୁ ଖସିଛି । ଫତେପୁରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୨ ଓ ନାଗୋରରେ ବିଯୁକ୍ତ ୧ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଉତ୍ତରାଖଣ୍ଡର ପିଥୋରାଗଡ଼, ଆଦି କୈଳାଶ, ରୁଦ୍ରପ୍ରୟାଗ ଓ କେଦାନାଥଧାମରେ ତାପମାତ୍ରା ବିଯୁକ୍ତ ୧୬ ଡିଗ୍ରୀରେ ପହଞ୍ଚିଛି । ମଧ୍ୟପ୍ରଦେଶରେ ଅଧିକାଂଶ ଜିଲ୍ଲାରେ ରାତିରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା । ସେହିପରି ବିହାରର ୫ଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ର ୬ ଓ ୧୧ ଜିଲ୍ଲାରେ ୮ ଡିଗ୍ରୀ ଥିଲା ଏବଂ ୨୪ଟି ଜିଲ୍ଲାରେ ଘନ କୁହୁଡି ଦେଖିବାକୁ ମିଳିଥିଲା ।

# ଆସନ୍ତାବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଭାରତରେ ଆମେରିକାର ନୂଆ ରାଷ୍ଟ୍ରଦୂତ ସର୍ଗିଓ ଗୋର ସୋମବାର ନୂଆଦିଲ୍ଲୀରେ ଦାୟିତ୍ୱ ସମ୍ଭାଳିଛନ୍ତି । ପଦ ସମ୍ଭାଳିବା ପରେ ସେ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ନେଇ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି । ଭାରତ ଅପେକ୍ଷା ଆମେରିକା ପାଇଁ କୌଣସି ଦେଶ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଦୁଇଦେଶ ଆସନ୍ତାକାଲି ଫୋନ୍ ମାଧ୍ୟମରେ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋର କହିଛନ୍ତି । ସେ ଏହି କ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଥିବା ବନ୍ଧୁତାକୁ ପ୍ରକୃତ ବୋଲି ବର୍ଣ୍ଣନା କରିଥିଲେ । ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ମତଭେଦ ରହିଥାଏ, କିନ୍ତୁ ଶେଷରେ ସେମାନେ ସର୍ବଦା ମତଭେଦକୁ ଦୂର କରିବାରେ ସକ୍ଷମ ହୋଇଥାନ୍ତି । ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସହଭାଗୀତାକୁ ପରବର୍ତ୍ତୀ ସ୍ତରକୁ ନେବା ଆମର ଲକ୍ଷ୍ୟ । ଆସନ୍ତାବର୍ଷ ଟ୍ରମ୍ପ ଭାରତ ଆସିପାରନ୍ତି ବୋଲି ସେ କହିଛନ୍ତି ।

ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନେବା ପରେ ଗୋର ପ୍ରଥମେ 'ନମସ୍ତେ' ସହିତ ତାଙ୍କର ଭାଷଣ ଆରମ୍ଭ କରିଥିଲେ । ଭାରତରେ ଆମେରିକା ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଥିଲେ । ସେ ଭାରତକୁ ଏକ ଅସାଧାରଣ ରାଷ୍ଟ୍ର ଭାବେ ବର୍ଣ୍ଣନା କରିଥିଲେ । ଭାରତରେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ଏକ ସମ୍ମାନର ବିଷୟ । ଭାରତ ହେଉଛି ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଓ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସଂଗମ । ଭାରତ ଏକ ବଡ଼ ଦେଶ । ତେଣୁ ବାଣିଜ୍ୟ ନେଇ ଚୁକ୍ତି ପ୍ରକ୍ରିୟା ସେତେଟା ସହଜ ନୁହେଁ । କିନ୍ତୁ ଦୁଇ ଦେଶ ଏ ନେଇ ଚେଷ୍ଟିତ ଅଛନ୍ତି ବୋଲି ସେ କହିଛନ୍ତି । ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଚୟନ କରିବାକୁ ଟ୍ରମ୍ପ ୭ ମାସ ସମୟ ନେଇଥିଲେ । ୨୦୨୫ ଜାନୁଆରୀରେ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଭାବେ ମନୋନୀତ କରିଥିଲେ । ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପଙ୍କ ପାଇଁ ଗୋର ପାଣ୍ଠି ସଂଗ୍ରହ କରିବାରେ ଆଗୁଆ ରହିଥିଲେ । ଗୋର ଟ୍ରମ୍ପଙ୍କ ପୁଅ ଜୁନିଅର ଟ୍ରମ୍ପଙ୍କ ବନ୍ଧୁ ଭାବେ ଜଣାଶୁଣା ।



ସର୍ଗିଓ ଗୋର

## ଥାନାରେ ପତ୍ନୀଙ୍କୁ ଗୁଳିକରି ହତ୍ୟା

ହରଦୋଇ, ୧୨।୧(ଏଜେନ୍ସି): ଉତ୍ତରପ୍ରଦେଶର ହରଦୋଇରେ ଜଣେ ସ୍ୱାମୀ ଥାନା ଭିତରେ ହିଁ ନିଜ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ପତ୍ନୀ ୫ ଦିନପୂର୍ବେ ନିଜ ପ୍ରେମିକଙ୍କ ସହ ପଳାଇଯାଇଥିଲେ । ପୁଲିସ ରବିବାର ମହିଳା ଓ ତାଙ୍କ ପ୍ରେମିକଙ୍କୁ ଥାନାକୁ ଆଣିଥିଲେ ଓ ପତିଙ୍କୁ ଫୋନ କରି ସୂଚନା ଦେଇଥିଲେ । ସୋମବାର ସକାଳେ ୩୦ ବର୍ଷୀୟ ସୋନୀ ଜଳଖିଆ କରି ଥାନା ମେସ୍‌ରୁ ବାହାରୁଥିବା ସମୟରେ ସ୍ୱାମୀ ଅନୁପ (୩୮) ସେଠାରେ ପହଞ୍ଚିଥିଲେ । ହଠାତ ସେ ପିସ୍ତଲ ବାହାର କରି ସୋନୀଙ୍କୁ ଗୁଳି କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ । ଗୁଳି ତାଙ୍କ ଛାତିର ଏପଟରୁ ସେପଟକୁ ବାହରି ଯାଇଥିଲା । ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଏହି ସମୟରେ ଅନୁପ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କୁ ପୁଲିସ କର୍ମୀ ଧରି ପକାଇଥିଲେ । ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ପୁଲିସ ଅଧିକକ୍ଷ ସବ-ଇନ୍ସପେକ୍ଟରଙ୍କ ସମେତ ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି । ସହର ମୁଖ୍ୟାଳୟଠାରୁ ୫୦ କିମି ଦୂରରେ ଥିବା ପାଲି ଥାନାରେ ଏହି ଘଟଣା ଘଟିଛି । ସୋନୀ ଓ ଅନୁପ ୧୭ ବର୍ଷ ତଳେ ବିବାହ କରିଥିଲେ । ହରିୟାଣାର ଗୁରୁଗ୍ରାମର ଏକ କମ୍ପାନୀରେ ଚାକିରି କରୁଥିବା ବେଳେ ଅନୁପଙ୍କ ସହ ସୁରଜିତଙ୍କ ପରିଚୟ ହୋଇଥିଲା ଓ ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା । କିନ୍ତୁ ସୁରଜିତଙ୍କ ସହ ସୋନୀ ସମ୍ପର୍କ ସ୍ଥାପନ କରିଥିଲେ । ପୁଲିସଠାରୁ ସୂଚନା ପାଇବା ପରେ ରାତିସାରା ଶୋଇ ନଥିଲି ବୋଲି ଅନୁପ କହିଛନ୍ତି । ଶେଷରେ ସକାଳ ୪ଟାରେ ସୋନୀଙ୍କୁ ମାରିବାକୁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି ।

**ପ୍ରେମିକ ସହ ପଳାଇଯାଇଥିଲେ**



## ଏକତରଫା ପ୍ରେମ; ଇଞ୍ଜିନିୟରଙ୍କୁ ହତ୍ୟା

ବେଙ୍ଗାଲୁରୁ, ୧୨।୧(ଏଜେନ୍ସି): ବେଙ୍ଗାଲୁରୁରେ ଜାନୁଆରୀ ୩ରେ ଜଣେ ସଫ୍ଟୱୟାର ଇଞ୍ଜିନିୟର ଶର୍ମିଳା ଡିକେ (୩୪)ଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ଜଣେ ୧୮ ବର୍ଷୀୟ ପଡୋଶୀ ଯୁବକ କର୍ଣ୍ଣେଲ କୁରାଇଙ୍କୁ ପୁଲିସ ଗିରଫ କରିଛି ବୋଲି ରବିବାର ସୂଚନା ଦେଇଛି । ପୁଲିସ ପଚରାଉଚରା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛି । ଶର୍ମିଳା ଅଭିଯୁକ୍ତ କୁରାଇଙ୍କ ସହ ଯୌନ ସମ୍ପର୍କ ରକ୍ଷା କରିବାକୁ ମନା କରିଥିଲେ । ଏଥିରେ ଉତକ୍ଷୀପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲା । ପୁଲିସର କହିବା ଅନୁଯାୟୀ ଜାନୁଆରୀ ରାତି ୩ ରାତି ପ୍ରାୟ ୧୦.୩୦ରେ ରାମମୂର୍ତ୍ତି ନଗରର ସୁବ୍ରମଣ୍ୟ ଲେଆଉଟରେ ଏକ ଭଡ଼ା ଆପାର୍ଟମେଣ୍ଟରେ ନିଆଁ ଲାଗିଥିଲା । ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ସମୟରେ ଶର୍ମିଳାଙ୍କ ମୃତଦେହ ଶୋଇବା ଘରୁ ମିଳିଥିଲା । ପ୍ରାରମ୍ଭିକ ଭାବେ ଏହା ସର୍ଟ ସର୍କିଟ କାରଣରୁ ଘଟିଥିବା ସନ୍ଦେହ କରାଯାଇଥିଲା । କିନ୍ତୁ ଫରେନସିକ ଯାଞ୍ଚ୍ ପରେ ମାମଲାଟି ସନ୍ଦେହଜନକ ବୋଲି ଜଣାପଡ଼ିଥିଲା । ପୁଲିସ ପଡୋଶୀ କୁରାଇକୁ ସନ୍ଦେହ କରିଥିଲା । କୁରାଇ ରାତି ୯ଟାରେ ସ୍ଲାଇଡିଂ ଝରକା ଜରିଆରେ ଫ୍ଲାଟ ଭିତରରେ ପ୍ରବେଶ କରିଥିଲା । ସେ ଶର୍ମିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲା । କିନ୍ତୁ ଶର୍ମିଳା ପାଟି କରିଥିଲେ । ଏହାପରେ ଦୁହିଁଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ସେ ଶର୍ମିଳାକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରିଥିଲା । ଫଳରେ ଶର୍ମିଳା ବେହୋସ ହୋଇଯାଇଥିଲେ । ଏହାପରେ ଅଭିଯୁକ୍ତ କୋଠରୀରେ ନିଆଁ ଲଗାଇ ଦେଇଥିଲା ଓ ତାଙ୍କ ମୋବାଇଲ ଫୋନ ନେଇ ସେଠାରୁ ପଳାଇଯାଇଥିଲା । ଶ୍ୱାସରୁଦ୍ଧ ହୋଇ ଶର୍ମିଳା ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

**୧୮ ବର୍ଷୀୟ ପଡ଼ୋଶୀ ଗିରଫ**



# ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

## ଛୁଟି ପୂର୍ବରୁ ସଚିବଙ୍କୁ ଦେବେ ବସ୍ତା ଭର୍ତ୍ତି ଦରଖାସ୍ତ

ଭୁବନେଶ୍ୱର, ୧୨।୧(ସମିସ): ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ପ୍ରାଥମିକ ଶିକ୍ଷକଙ୍କ ଦାବି ସରକାର ପୂରଣ କରୁନାହାଁନ୍ତି। ଏକାଧିକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ବିଳମ୍ବିତ କରୁଛନ୍ତି। ଏଣୁ ଜାନୁଆରୀ ଶେଷ ସୁଦ୍ଧା ଶିକ୍ଷକଙ୍କ ସମସ୍ତ ଦାବିକୁ ସରକାର ପୂରଣ ନକଲେ ଫେବୃଆରୀ ପହିଲାରୁ ସମୂହ ଭାବେ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ରାଜ୍ୟ ଷ୍ଟିଅରିଂ କମିଟି ସଦସ୍ୟ ଓ ଜିଲ୍ଲା ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ସେମାନଙ୍କ ଏକାଧିକ ଦାବିକୁ ପୂରଣ ପାଇଁ ପ୍ରକ୍ରିୟା ଓ ସରକାରଙ୍କ ଆନ୍ତରିକତା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିଛନ୍ତି। ସରକାର ଦାବି ପୂରଣ କରିବା ବଦଳରେ ଏକ କମିଟି ଗଢ଼ି କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଣୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ଲକ୍ଷଲକ୍ଷ ଶିକ୍ଷକ ସେମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକଙ୍କ ମାଧ୍ୟମରେ ଦୁଇଟି ଛୁଟି ଦରଖାସ୍ତ ପ୍ରଦାନ କରିବେ। ତନ୍ମଧ୍ୟରୁ ଗୋଟିଏ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଅନ୍ୟଟି ଶିକ୍ଷା ବିଭାଗ ସଚିବଙ୍କୁ ପ୍ରଦାନ କରିବେ। ଜାନୁଆରୀ ଶେଷ ସପ୍ତାହରେ ବିଇଓଙ୍କୁ ଏବଂ ଫେବୃଆରୀ ପହିଲାରେ ସମସ୍ତ ଦରଖାସ୍ତକୁ ବସ୍ତାରେ ଭର୍ତ୍ତି କରି ସଚିବଙ୍କୁ ପ୍ରଦାନ କରିବେ। ଏହା ସହିତ ସମୂହ ଛୁଟି ସମ୍ପର୍କରେ ସେହିଦିନ ଘୋଷଣା କରାଯିବ ବୋଲି ମହାସଂଘର ଆବାହକ ରାମଲାଲ ପଟେଲ କହିଛନ୍ତି।

ଶିକ୍ଷକଙ୍କ ଏହି ନିଷ୍ପତ୍ତି ଅଭିଭାବକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ପରୀକ୍ଷା ପୂର୍ବରୁ ଶିକ୍ଷକମାନେ ଆନ୍ଦୋଳନ କଲେ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା କରୁଛନ୍ତି। ଅପରପକ୍ଷରେ ଶିକ୍ଷକଙ୍କ ନିଷ୍ପତ୍ତିରେ ସରକାର ମଧ୍ୟ ଅଡୁଆରେ ପଡ଼ିବାର ଆଶଙ୍କା ଅଧିକ ରହିଛି। ସାରା ରାଜ୍ୟରେ ଶିକ୍ଷାଦାନ ଠପ୍ ହୋଇଗଲେ ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇ ପାରନ୍ତି। ଏଣେ ଶିକ୍ଷକମାନେ ସେମାନଙ୍କ ଦାବି ପୂରଣ ପାଇଁ ଚୂଡ଼ାନ୍ତ ଲଢ଼େଇ ଲଢ଼ିବାକୁ ପ୍ରସ୍ତୁତିକୁ ଜୋରଦାର କରୁଛନ୍ତି। ଏହି ବୈଠକରେ ମହାସଂଘର ସମସ୍ତ ଜିଲ୍ଲା ସଭାପତି ସମେତ ବ୍ଲକ୍ ସ୍ତରୀୟ ଶିକ୍ଷକ ନେତୃତ୍ୱ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

# ଦୁର୍ଘଟଣାରେ ଦୁଇ ଭାଇ ମୃତ

ଗୁଣୁପୁର,୧୨।୧(ସମିସ): ଗୁଣୁପୁର ସହର ନିକଟସ୍ଥ ଲିମାମଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ଗତ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ସମ୍ପର୍କୀୟ ଭାଇଙ୍କର ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗୁଡାରି ବ୍ଲକ୍ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ବାକା (୨୪) ଏବଂ କ୍ରିଷ୍ଣା କିମ୍ବାକା(୨୧)। ସୂଚନାନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସି କାମରେ ଗୁଣୁପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମଡା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗୁଣୁପୁର ପୁଲିସ ସେମାନଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ନବୀନଙ୍କୁ ଭେଟିଲେ ୧୦ ବିଧାୟକ



**ଲୋକ ସମ୍ପର୍କ ସହ ସଙ୍ଗଠନକୁ ଦୃଢ଼ କରିବାକୁ ନବୀନଙ୍କ ପରାମର୍ଶ**

ଭୁବନେଶ୍ୱର,୧୨।୧(ସମିସ): ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିଜେଡିର ୧୦ ଜଣ ବିଧାୟକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରିବା ସହ ଲୋକଙ୍କ ସହ ସିଧା ସଳଖ ସମ୍ପର୍କ ରଖିବା ପାଇଁ ନବୀନ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

ସାକ୍ଷାତ ସମୟରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହା ସହିତ ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଶ୍ରୀ ପଟ୍ଟନାୟକ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ,ବିଧାୟିକା ସୁଜାତା ସାହୁ,ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାରକାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ନବୀନଙ୍କୁ ଭେଟିଛନ୍ତି ।

# ପୁଣି ଫେରିଲା ଶୀତ

ଭୁବନେଶ୍ୱର,୧୨।୧(ସମିସ): ପୁଣି ଫେରିଲା ଶୀତ। ପାକିସ୍ତାନ ଏବଂ ଆଫଗାନିସ୍ତାନ ବାୟୁମଣ୍ଡଳର ମଧ୍ୟ ଭାଗରେ ସକ୍ରିୟ ପଶ୍ଚିମାଝଡ଼ ବର୍ତ୍ତମାନ ଅପସାରଣ ହୋଇଛି। ଏହାସହ ଦେଶର ମଧ୍ୟ ଭାଗରେ ଗୁରୁଚାପବଳୟ ସକ୍ରିୟତା ହେତୁ ଉତ୍ତର ତଥା ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ବଢ଼ିଛି। ଫଳରେ ରାଜ୍ୟରୁ ଜଳୀୟବାଷ୍ପର ହ୍ରାସ ହେବା ସହ ତାପମାତ୍ରା ହ୍ରାସ ହୋଇଛି। ଏଥିଯୋଗୁଁ ରାଜ୍ୟରେ ପୁଣି ହାଡ଼ଭଙ୍ଗା ଶୀତ ଦେଖାଦେଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପ୍ରାୟ ୩-୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ପାଣିପାଗ କେନ୍ଦ୍ର କହିଛି, ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୭, କେନ୍ଦୁଝରରେ ୧୦, ସମ୍ବଲପୁରରେ ୧୧.୭, ବାଲେଶ୍ୱରରେ ୧୧.୮, ଭୁବନେଶ୍ୱର ୧୨.୩, ହୀରାକୁଦରେ ୧୩.୧, ଚାନ୍ଦବାଲିରେ ୧୩.୬ ଓ ପାରାଦୀପରେ ୧୪ଡିଗ୍ରୀ ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ରାଜ୍ୟରେ ତାପମାତ୍ରା ଆହୁରି ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ପାରଦ ତଳମୁହାଁ ହେବା ସହ ଆଜିଠୁ ପୁଣି ଶୀତ ଅନୁଭବ ହେବ। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଉପକୂଳଠୁ ନେଇ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଦେଖିବାକୁ ମିଳିବ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଶୀତକୁ ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବୌଦ୍ଧ, ଅନୁଗୋଳ ଓ ଝାରସୁଗୁଡ଼ା ରହିଛି। ସେହିପରି ପରବର୍ତ୍ତୀ ୨ ଦିନ ପାଇଁ ମଧ୍ୟ ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

# ୩୬୨୩ କୋଟିରେ ହେବ ନୂଆ ଲୋକସେବା ଭବନ

ଭୁବନେଶ୍ୱର,୧୨।୧(ସମିସ): ରାଜ୍ୟରେ ନିର୍ମାଣ କରାଯିବ ନୂଆ ଲୋକସେବା ଭବନ, ବିଧାନସଭାର ନୂତନ ଗୃହ। ମୋଟ୍ ୭୧.୧ ଏକର ଜମିରେ ଏହି କ୍ୟାମ୍ପସ ତିଆରି ହେବ। ଏହି ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୋମବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ୭୧.୧୩ ଏକର ଜାଗାରେ ଗୋଟିଏ କ୍ୟାମ୍ପସ ଭିତରେ ଲୋକସେବା ଭବନ ଓ ରାଜ୍ୟ ବିଧାନସଭା ରହିବ। ଡିଲିମିଟେସନକୁ ଦୃଷ୍ଟିରେ ରଖି ବିଧାନସଭାକୁ ୩୦୦ ଆସନ ବିଶିଷ୍ଟ କରାଯିବ। ଏଥିପାଇଁ ୩,୬୨୩ କୋଟି ଟଙ୍କା ବ୍ୟୟ ହେବ। ଏପରିକି ନୂଆଦିଲ୍ଲୀରେ ନବନିର୍ମିତ ସଂସଦ ଭବନ ସେଣ୍ଟ୍ରାଲ ଭିଷ୍ଟା ଢ଼ାଞ୍ଚାରେ ଲୋକସେବା ଭବନ ଓ ବିଧାନସଭା ନିର୍ମାଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ତେବେ କେଉଁ ସ୍ଥାନରେ ଏହି ନୂତନ ଲୋକସେବା ଭବନ ନିର୍ମାଣ ହେବ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୂର୍ତ୍ତ ବିଭାଗ ମଧ୍ୟ ସ୍ଥାନ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ରାଜଧାନୀର କେନ୍ଦ୍ରସ୍ଥଳରେ ଏତେ ପରିମାଣର ଖାଲି ଜମି ନ ଥିବାରୁ ବର୍ତ୍ତମାନ ଲୋକସେବା ଭବନ ଓ ବିଧାନସଭାକୁ



ଭାଙ୍ଗି ସେହି ସ୍ଥାନରେ ନୂତନ ନିର୍ମାଣ ହୋଇପାରେ ବୋଲି ସାଧାରଣରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ଭୁବନେଶ୍ୱର ପାଇଁ ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଭିତ୍ତି ପଡ଼ିଛି। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ୍ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏ-ଓଭର ନିର୍ମାଣ କରାଯିବ। ଏହାଦ୍ୱାରା

- ଭବିଷ୍ୟତକୁ ଦୃଷ୍ଟିରେ ରଖି ୩୦୦ ଆସନର ବିଧାନସଭା କକ୍ଷ
- ଗୋଟିଏ ପରିସରରେ ବିଧାନସଭା ଓ ଲୋକସେବା ଭବନ
- ୯୫୨ କୋଟିରେ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ୍ କରିଡର

ରାଜ୍ୟର ଏକ ଗହଳିପୂର୍ଣ୍ଣ ସଡକରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯିବାଆସିବା କରିପାରିବେ ବୋଲି ସରକାର ଆଶା ରଖିଛନ୍ତି। ଏହି ରାସ୍ତା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କଳିଙ୍ଗ ଷ୍ଟାଡିୟମ୍ (ଗେଟ୍ ନଂ-୪)ଠାରୁ ରଘୁନାଥପୁର ବ୍ରିଜ୍ ପର୍ଯ୍ୟନ୍ତ ୯.୫ କିଲୋମିଟର ରାସ୍ତାର ଆଧୁନିକୀକରଣ କରାଯିବ। ବର୍ତ୍ତମାନର ୬-ଲେନ୍ ରାସ୍ତାକୁ ୮-ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି କଳିଙ୍ଗ ହସ୍ପିଟାଲ୍ ଛକ, ଡମଣା ଛକ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନଠାରେ ୪-ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ କରାଯିବ। ସେହିପରି ଜୟଦେବ ବିହାର ଛକଠାରେ ଏନ୍‌ଏଚ୍-୧୬ ଉପରେ ଏକ ୧୯୦ ମିଟର ଲମ୍ବର ୪-ଲେନ୍ ବିଶିଷ୍ଟ କେବୁଲ୍-ଷ୍ଟେଡ୍ ବ୍ରିଜ୍ ନିର୍ମାଣ କରାଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରାୟ ୧୭.୫ କିଲୋମିଟର ଲମ୍ବର ୫.୫ ମିଟର ଓସାର ବିଶିଷ୍ଟ ସର୍ଭିସ୍ ରୋଡ୍ ଏବଂ ୯ କିଲୋମିଟର ଲମ୍ବର ୭.୫ ମିଟର ଓସାର ବିଶିଷ୍ଟ ସ୍ଲିପ୍ ରୋଡ୍ ନିର୍ମାଣ କରାଯିବ। ସହରର ବିଭିନ୍ନ ପ୍ରମୁଖ ଛକ ଯେପରିକି - ଜୟଦେବ ବିହାର, ଜାଭିୟର୍ ଛକ, କଳିଙ୍ଗ ହସ୍ପିଟାଲ୍ ଛକ, କେୟାର୍ ହସ୍ପିଟାଲ୍ ଛକ, ଡମଣା ଛକ, ଇନଫୋସିଟି ଛକ, ଶିଶୁ ବିହାର ଜଙ୍କସନ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନ୍‌ଠାରେ 'ଏଟ୍ ଗ୍ରେଡ୍' ରାଉଣ୍ଡଅବାଉଟ୍ (ଗୋଲେଇ) ଆକୃତିରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଗଞ୍ଜାମରେ ଦୁର୍ଘଟଣା ନେଲା ୫ ଜୀବନ

ବ୍ରହ୍ମପୁର/କବିସୂର୍ଯ୍ୟନଗର/ଶେରଗଡ଼,୧୨।୧(ସମିସ): ଗଞ୍ଜାମ ଜିଲ୍ଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ସୋମବାର ୫ଜଣଙ୍କ ଜୀବନ ଯାଇଛି। ଏଥିରେ ଏକାଧିକ ଆହତ ମଧ୍ୟ ହୋଇଛନ୍ତି।

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣପୁର ଛକରେ ଏକ ବସ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ସୋନପୁର ଜିଲ୍ଲାର ବିନୟ କୁମାର ବିଶି (୫୫) ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅର୍ଥଘର ପଟଣାର ତେଜସ୍ୱିନୀ ରାୟ (୨୪)। ବିନୟ ଓ ତେଜସ୍ୱିନୀ ଗୋଟିଏ କମ୍ପାନୀରେ କାମ କରନ୍ତି। ଆଜି ମଧ୍ୟାହ୍ନରେ ଦୁହେଁ ଏକ ସ୍କୁଟିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦିଗପହଣ୍ଡି ଅଭିମୁଖେ ଆସୁଥିବା ଏକ ବସ୍ ବାଳକୃଷ୍ଣପୁର ଛକରେ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିନୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ତେଜସ୍ୱିନୀଙ୍କୁ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଅନ୍ୟ ଏକ ଘଟଣା କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ନିକଟରେ ଘଟିଛି। ଇଲେକ୍ଟ୍ରି ଖୁଣ୍ଟ ସହ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଟିକରପଡ଼ା ଅଞ୍ଚଳର ଶିବ ଦାସ। ଗୁରୁତରମାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସେହିଭଳି, ବନ୍ଧାଗୁଡା ପଞ୍ଚାୟତ ବି.ଚିକିଲି ଛକଠାରେ ଡାଲାଅଟୋ ଓଲଟି ପଡ଼ିବାରୁ ଅଟୋରେ ବସିଥିବା ୧୪ଜଣ ମହିଳା ଛିଟିକି ପଡ଼ିଥିଲେ। ସମସ୍ତଙ୍କୁ ଶେରଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରୋହିଗାଁର ଉଲ୍ଲା ବିଷୋୟୀଙ୍କ ସ୍ତ୍ରୀ ସାରସୁ ବିଷୋୟୀ (୬୫)ଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ଗତକାଲି ଖିରିଡା ପଞ୍ଚାୟତ ହାଡ଼ିଡିରା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା।

- ବାଳକୃଷ୍ଣପୁର ଛକରେ ଯାତ୍ରୀବାହୀ ବସ୍ ଧକ୍କାରେ ୨ ମୃତ
- ଆଠଗଡ଼ପାଟଣାରେ ଟ୍ରାକ୍ଟର ଓଲଟି ଜଣେ ମୃତ
- ମୃତକଙ୍କ ପରିବାରକୁ ଭେଟି ଫେରିବା ବେଳେ ଜଣେ ମୃତ

ସେହିପରି, ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ନିକଟରେ କଲଭର୍ଟରେ ଏକ ସ୍କୁଟି ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଆମ୍ବପୁଆର ଜିଲୁ ବାହାଦୂର(୨୫)। ସେହିପରି ଏହି ଦୁର୍ଘଟଣାରେ ପଲ୍ଲିଗୁମୁଳାର ଗୟା ଗୌଡ (୨୮) ଗୁରୁତର ଆହତ ହୋଇଛନ୍ତି। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧୧ଟାରେ ଉଭୟ ସ୍କୁଟିରେ ଗୋପାଳପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ହାତୀ ଆକ୍ରମଣରେ ମହିଳା ମୃତ

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଶଙ୍ଖପୁର ଗ୍ରାମର ଡିହପଦା ସାହିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶଙ୍ଖପୁରର ଇଚ୍ଛା ଦେହୁରୀ (୭୦)। ସୋମବାର ସକାଳେ ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଇଚ୍ଛାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ହାତୀଟିକୁ ଘଉଡ଼ାଇବା ସହ ଗୁରୁତର ଇଚ୍ଛାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଝାଡ଼ାବାନ୍ତିରେ ୭୪ ଆକ୍ରାନ୍ତ

ବୈପାରୀଗୁଡ଼ା, ୧୨।୧(ସମିସ): କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ବଦାପୁଟ ପଞ୍ଚାୟତର କୁସପାର ଗାଁରେ ଭୋଜି ଖାଇ ୭୪ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କୁରୁକୁଟି ଗାଁର ୩୪ଜଣ, କୁସପାର ଗାଁର ୨୫ ଜଣ, ପଟ୍ରାଗୁଡ଼ାର ୧୫ଜଣ ରହିଛନ୍ତି। ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୁଷ୍ପକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଡାକ୍ତରୀଦଳ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ଖାଦ୍ୟ ନମୁନା ତଥା ରନ୍ଧା ଯାଇଥିବା ମାଂସ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ବୈପାରୀଗୁଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଭୋଜିରେ ରନ୍ଧା ଯାଇଥିବା ମାଂସ ଖାଇ ଏପରି ହୋଇଥିବା କୁହାଯାଉଛି।

## ରଣକ୍ଷେତ୍ର ପାଲଟିଲା ବିଦ୍ୟାଳୟ ପରିସର

# ସ୍କୁଲ ଭିତରେ ପଶି ୨ ଛାତ୍ରଙ୍କୁ ହାଣିଲେ ଅଣଛାତ୍ର

ବ୍ରହ୍ମପୁର,୧୨।୧(ସମିସ): ଆଜି ସ୍ଥାନୀୟ ଫୁଲଟା ଉଚ୍ଚ ବିଦ୍ୟାଳୟରେ ସାମାନ୍ୟ ବଚସାକୁ ନେଇ ଦଶମ ଶ୍ରେଣୀ ଛାତ୍ର ଓ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି କିଛି ଅଣଛାତ୍ର। ଆହତ ଛାତ୍ରମାନେ ହେଲେ ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ। ଆହତ ଛାତ୍ରଙ୍କୁ କର୍ତ୍ତୃପକ୍ଷ ଉଦ୍ଧାର କରି ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।

ସୂଚନା ପ୍ରକାରେ, ଫୁଲଟା ସ୍ଥିତ ମା'ନାରାୟଣୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଓମ୍‌ଙ୍କର ନିଜ ସହପାଠୀଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଉକ୍ତ ଛାତ୍ର ବିଦ୍ୟାଳୟ ନିକଟସ୍ଥ ଏକ ସାହିର କିଛି ଅସାମାଜିକ ବ୍ୟକ୍ତିଙ୍କୁ ଜଣାଇବା ପରେ ସେମାନେ ସ୍କୁଲକୁ ଆସି ଓମ୍‌ଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ।



ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ମଧ୍ୟାହ୍ନ ଭୋଜନ ବିରତି ସମୟରେ କିଛି ଅଣଛାତ୍ର ସ୍କୁଲ ପରିସରରେ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀଙ୍କୁ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଅନ୍ୟ ଛାତ୍ରମାନେ ଭୟଭୀତ ହୋଇ ସୁରକ୍ଷିତ ସ୍ଥାନକୁ ଯିବାବେଳେ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନଙ୍କୁ ଢ଼େଲା ମାଡ଼ କରି ଗଭୀର କ୍ଷତି ପହଞ୍ଚାଇଛନ୍ତି ଦୁର୍ବୃତ୍ତ। ଉଭୟଙ୍କୁ ଉଦ୍ଧାର କରି ଏମ୍‌କେସିଜି ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୁଖ୍ୟଫାଟକ ଚଢ଼ି କିଛି ଦୁର୍ବୃତ୍ତ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀଙ୍କୁ ଆକ୍ରମଣ କରିଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ବିଦ୍ୟାଳୟର କିଛି କର୍ମଚାରୀ ଆହତ ହୋଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ଏମ୍‌କେସିଜି ବଡମେଡ଼ିକାଲରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍. ଧନଞ୍ଜୟ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଆହତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

# ମକରରେ ଦଶମ ବିଦ୍ୟାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଛୁଟି ବାତିଲ

- ବାରିପଦା ଉପଖଣ୍ଡ ପିଲାଙ୍କୁ ଶିକ୍ଷାଦାନ ପାଇଁ ଆଇଟିଡିଏ ପିଏଙ୍କ ନିର୍ଦ୍ଦେଶ
- କୁହୁଳୁଛି ଅସନ୍ତୋଷ

ବାରିପଦା, ୧୨।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ହୋଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ହଷ୍ଟେଲରେ ରହି ପଢୁଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଛୁଟି ବାତିଲ କରାଯାଇଛି। ଏଥିସହ ଛୁଟି ସମୟରେ ସେମାନଙ୍କୁ ଶିକ୍ଷାଦାନ ପାଇଁ ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାକୁ ନେଇ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲାର ପରମ୍ପରା ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପରିବାରରେ ଏହି ପର୍ବ ସମସ୍ତ ସଦସ୍ୟ ଏକତ୍ର ପାଳନ କରିଥା'ନ୍ତି। ସକାଳେ ମକର ବୁଡ଼ ପକାଇ ନିଆଁପୁହାଁଠାରୁ ପିଠାପଣା, ମାଛମାଂସ ପ୍ରତ୍ୟେକ ଘରେ ହୋଇଥାଏ। ଏପରି ସ୍ଥଳେ ହଷ୍ଟେଲରେ ପିଲାଙ୍କୁ ଅଟକ ରଖିବା ପରମ୍ପରାକୁ ଅସମ୍ମାନ ସଦୃଶ୍ୟ ହୋଇଛି। ରାଜ୍ୟ ସରକାର ୧୪ ତାରିଖ ଛୁଟି ସହ ୧୫ତାରିଖକୁ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଛୁଟି ଅନୁମୋଦନ କରିଥିବା ବେଳେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ନିର୍ଦ୍ଦେଶନାମା ଅସନ୍ତୋଷ ସୃଷ୍ଟି କରିଛି।

## 'ସୁଶାସନ'ରେ ସାମିଲ ହେଲା ସଡ଼କ ସୁରକ୍ଷା

# ୧୪ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ସରକାର ସଡ଼କ ସୁରକ୍ଷାକୁ ସୁ-ଶାସନର ଏକ ଅଂଶ ଭାବେ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ସଡ଼କ ସୁରକ୍ଷା ଉପରେ ଅଧିକ ସତର୍କ ରହିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାକୁ ଭିତ୍ତି କରି ରାଜ୍ୟରେ ଆଜିଠାରୁ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା ହୋଇଛି।

ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତି କରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡ଼ିକ ଭଲ ପ୍ରଦର୍ଶନ କରିବେ, ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପଣ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ଏହାସହ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି।

ଏହାବ୍ୟତୀତ, କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି କଟକ-ଭୁବନେଶ୍ୱରର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେସନ୍‌ର ଲୋକାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ମହିଳା ଗାଡ଼ି ଚାଳକମାନଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୃଥ୍ୱୀରାଜ ହରିଚନ୍ଦନ ଓ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ।



## ୨୮ ତମ କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୬'

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଖେଳ ପ୍ରତିଯୋଗିତା








ଭବାନୀପାଟଣା, ୧୨ ।୧(ସମିସ)

୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୬ ଉପଲକ୍ଷେ ଭବାନୀପାଟଣାସ୍ଥିତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିଅମଠାରେ କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘର ସହଯୋଗରେ ଏକ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ସଂଘର ସମ୍ପାଦକ ସନ୍ଦୀପ କୁମାର ମିଶ୍ର ଏବଂ ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗରେ ହେଉଥିବା ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ଉପ-ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ ଯୋଜନା ଓ ସଂଯୋଜନା ବିଭାଗର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଏବଂ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଡା. ଅଜୟ ମିଶ୍ର ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସରୋଜ ମହାରଣା ମଞ୍ଚ ପରିଚାଳନା କରିଥିବାବେଳେ ମୁଖ୍ୟ ରେଫରୀ ତଥା ସଂଘର ଉପସଭାପତି ସମୀର ସାହୁ, ପ୍ରତିଯୋଗିତାର ସଂଯୋଜକ ଦୀପକ ସାଗର କୁମାର, ପୂର୍ବତନ ସଭାପତି ମନୋରଞ୍ଜନ ଦାସ ଏବଂ ଅନ୍ୟାନ୍ୟ ପଦାଧିକାରୀ ତଥା ସଦସ୍ୟଗଣ ସହଯୋଗ କରିଥିଲେ। ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଭାବରେ ଜୟ ପ୍ରକାଶ ଜେନା, ଜଲୀ ପରଭୋଇ, ଶିବାନୀ ଭାଟି, ରୋସାଲିନ ନାୟକ, ଅନନ୍ୟା ବେହେରା, ଶୁଭମ ପଣ୍ଡା, ରଜନୀକାନ୍ତ ଦାସ, ନିଖିଳ ସାହୁ ଏବଂ ଦମନ୍ତୀ ବାଗ ଆଦିଙ୍କୁ ଅମ୍ପାୟାର ଭାବରେ ସଂଘ ତରଫରୁ ଦାୟିତ୍ୱ ଦିଆଯାଇଥିଲା।

### ଭଣ୍ଡାରଘରଣୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା

**ଧର୍ମଗଡ଼ :** କଳାହାଣ୍ଡି ଉତ୍ସବ ୨୦୨୬ ପାଇଁ ଭବାନୀପାଟଣା ଅଭିମୁଖେ ଧର୍ମଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଯାଇଛି। ଏହା ଆସନ୍ତା ୧୪ ତାରିଖ ଦିନ ଭବାନୀପାଟଣା ପହଞ୍ଚିବା ନେଇ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଗୋପୀନାଥ ମହାନନ୍ଦ, ଧର୍ମଗଡ଼ ବ୍ଲକ ପ୍ରଶାସନ ତରଫରୁ କେଦାର ନାଥ ନାଏକ, ହେମନ୍ତ ମାଝୀ, ଇଙ୍ଗିତ କୁମାର ପଣ୍ଡା, ଢଗ ନାଏକ, ଉମେଶ ଦୁରିଆ ଉପସ୍ଥିତ ଥିଲେ। ସୁଧୀର ରଞ୍ଜନ ଗୋପାଳ, ଦିବ୍ୟରଞ୍ଜନ ଗୋପାଳ ସମେତ ଟିମ୍, ଅଙ୍କିତ ସେଠୀ, ବିକାଶ ସାଗର, ଗୋବିନ୍ଦ ସାହୁ ମା ଡୁମେର୍ ମୁଡେନ୍ ଯୁବକ ସଂଘ କାଙ୍କେରୀର ସୁନିଲ ଜଗତ, ଜୟନ୍ତ ଡ. ମାଝୀ, ଆକାଶ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ମହେଶ୍ୱର ସୁନାନୀ ପରିଚାଳନା କରୁଛନ୍ତି। ମଶାଲ ଯାତ୍ରାକୁ ବଣ୍ଡାକୁଟୁରା କର୍ତ୍ତବ୍ୟଠାରେ କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ଏବଂ ଆକାଉଟେଣ୍ଟ ଜିତେନ୍ଦ୍ର ମେହେର ତଥା ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବୀରବାଦ୍ୟ ଘୁମୁରା ସହ ଭବ୍ୟ ସ୍ୱାଗତ କରାଯାଇଛି। ଜିଲ୍ଲାର ୧୩ ଟି ପବିତ୍ର ପୀଠରୁ ପବିତ୍ର ମଶାଲ ଭବାନୀପାଟଣାରେ ଏକତିତ୍ର ହୋଇ ମୁଖ୍ୟ ମଞ୍ଚ ଠାରେ ସ୍ଥାପନା କରାଯିବ।

### ସାଇକେଲ ରେସ୍ ପ୍ରତିଯୋଗିତା

**ଧର୍ମଗଡ଼ :** ଧର୍ମଗଡ଼ ଉପଖଣ୍ଡିୟ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୬ ର ସାଇକେଲ ରେସ୍ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗିତାକୁ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରତୀକ୍ଷା ଅଗ୍ରୱାଲ ଶୁଭାରମ୍ଭ କରିଛନ୍ତି। ବେହେରା ସ୍ଥିତ ଖେଳପଡ଼ିଆଠାରୁ ଧର୍ମଗଡ଼ ଉତ୍ସବସ୍ଥଳ ପର୍ଯ୍ୟନ୍ତ ସାଇକେଲ ରେସରେ ଶତାଧିକ ପୁରୁଷ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଦୀର୍ଘ ୨୨କିମି ସାଇକେଲ ରେସ ରେ ଜୁନାଗଡ଼ ବ୍ଲକ ଖଳିଆପାଳି ଗ୍ରାମର କୃପାସିନ୍ଧୁ ଖରସେଲ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟ -ଧର୍ମଗଡ଼ ବ୍ଲକ ଛିଲିପା ଗ୍ରାମର ଦୁଷ୍ମନ୍ତ ପଟେଲ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମର ନଗିନ ପଟେଲ। ସେଭଳି ମହିଳା ବର୍ଗ ପ୍ରତିଯୋଗିତା ପର୍ଲା -ଧର୍ମଗଡ଼ ଉତ୍ସବ ପଡ଼ିଆ ପର୍ଯ୍ୟନ୍ତ ଧର୍ମଗଡ଼ ବ୍ଲକ ଢେକନାଗୁଡା ଗ୍ରାମର ସଂଯୁକ୍ତା ଗୋପାଳ, ଦ୍ୱିତୀୟ -ବଡ଼ ବସୁଲ ଗ୍ରାମର ଯୁଗମଣୀ ସାହୁ ଓ ତୃତୀୟ ସ୍ଥାନରେ ସେମେଲା ଗ୍ରାମର ମୌସୁମୀ ଗୋପାଳ ହୋଇଥିଲେ। ତେବେ ଗତବର୍ଷ ମହିଳା କଳାହାଣ୍ଡି ଉତ୍ସବ ସାଇକେଲ ରେସ ରେ ସଂଯୁକ୍ତା ଗୋପାଳ ପ୍ରଥମ ହୋଇଥିବା ବେଳେ ପୁଣି ଚଳିତ ବର୍ଷରେ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ହୋଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିବା ବେଳେ କ୍ରୀଡ଼ା କମିଟି ସଭାପତି ସନ୍ତୋଷ ପାଣିଗ୍ରାହୀ, ଅଭୟ ନାଏକ ପରିଚାଳନା କରିଥିଲେ।

## ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଗୋଲାମୁଣ୍ଡା ଗସ୍ତ



**ଗୋଲାମୁଣ୍ଡା, ୧୨ ।୧(ସମିସ):** ଆଜି ଦିନିକିଆ ଗୋଲାମୁଣ୍ଡା ଗସ୍ତ କରିଛନ୍ତି ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର। ଗୋଲାମୁଣ୍ଡା ଠାରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହାପରେ ଗୋଲାମୁଣ୍ଡା ବ୍ଲକ ପରିସରରେ ଥିବା ସଭାଗୃହଠାରେ ଆୟୋଜିତ ବାଲ୍ ସଭା କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଭାରତରେ ବାଲ୍ୟ ବିବାହର କୁପ୍ରଥା ଅନେକ ସମୟରୁ ଚାଲି ଆସୁଛି। ଏହା ଲକ୍ଷ ଲକ୍ଷ ଶିଶୁଙ୍କ ଅଧିକାରକୁ ଉଲ୍ଲଂଘନ କରିବା ସହ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ବିଗତ କିଛି ବର୍ଷ ଧରି ଦେଶରେ ବାଲ୍ୟ ବିବାହ ଘଟଣା ହ୍ରାସ ପାଉଥିବାବେଳେ ଏହି ପ୍ରଥାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଗୁରୁତତ୍ୱ ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ନ୍ୟାୟାଳୟ ଦେଶରେ ବାଲ୍ୟ ବିବାହକୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଗୋଲାମୁଣ୍ଡା ବ୍ଲକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲ୍ୟ ବିବାହକୁ କିପରି ଭାବରେ ସରକାରୀ ଓ ସାମାଜିକ ଭାବରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ ନିଷେଧ କରାଯାଇପାରିବ ସେ ବିଷୟରେ ଉପସ୍ଥିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା କଳ୍ପନା ଲେଙ୍କା, ବିଡିଓ ତ୍ରିପୁର ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ନିରୂପମା ନାଏକ ପ୍ରମୁଖ ଯୋଗଦେଇ ଥିଲେ।

## 'କିସ୍' ପରିସରରେ 'ଜାତୀୟ ଯୁବ ଦିବସ'




**ଭବାନୀପାଟଣା, ୧୨ ।୧(ସମିସ):** ସଦର ବ୍ଲକ ଅଧୀନ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କଳାହାଣ୍ଡି ତରଫରୁ 'ଜାତିୟ ଯୁବ ଦିବସ'ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜାତଜ୍ୱୟ ଯୁବ ଦିବସ ଉପଲକ୍ଷେ ଏକ ରାଲି ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଚାରପତି ସ୍ନିଗ୍ଧା ପଣ୍ଡା, ସମ୍ମାନିତ ଅତିଥି ଯଶୋବନ୍ତ ନାଏକ, ଅଭିଷେକ ଭୋଇ, ପ୍ରକାଶ ଚନ୍ଦ୍ର ସହୁ, ଦୁଷ୍ମନ୍ତ କୁମାର ପଧାନ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ଅବସ୍ଥାରେ ହିଁ ବିଶେଷ କରି ଦେଶପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବାର ଉତ୍କୃଷ୍ଟ ସମୟ ଯାହାକି ସ୍ୱାମୀ ବିବେକାନନ୍ଦଙ୍କ ଆହ୍ୱାନ ଥିଲା। ସେ ଭଲ ମଣିଷ ହୋଇ ଦେଶ ଗଠନ ଓ ବିକାଶରେ ସାମିଲ ହେବାପାଇଁ କହିଥିଲେ। ସେହିପରି ମୁଖ୍ୟ ନିର୍ଦ୍ଦେଶକ ଶ୍ରୀ ନାଏକ କିସ୍ ସହିତ ମୁଁ ଆଗରୁ ଜଡ଼ିତ ଓ ଡ. ଅଚ୍ୟୁତ ସାମନ୍ତଙ୍କ ଜୀବନଶୈଳୀ ମତେ ବେଶୀ ପ୍ରଭାବିତ କରେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କିସ୍‌ର ଶିକ୍ଷକ ଖୀରସିନ୍ଧୁ ସାହୁ ପରିଚାଳନା କରିଥିବାବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜନ୍ମେଜୟ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଗଡ଼, ୧୨ ।୧(ସମିସ):** ଧର୍ମଗଡ଼ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନର ମିଳିତ ଆନୁକୂଲ୍ୟରେ ଜନ୍ମେଜୟ ପାତ୍ରଙ୍କର ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ଶିକ୍ଷାବିତ ତଥା ସ୍ୱର୍ଗତ ପାତ୍ରଙ୍କର ସହକର୍ମୀ ପ୍ରତାପ କିଶୋର ମୁଣ୍ଡ, ରାଧା ମୋହନ ଦାସ, ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ, ତାଙ୍କର ଭାଇ ବରିଷ୍ଠ ଆଇନଜୀବୀ ଧନଞ୍ଜୟ ପାତ୍ର ଯୋଗ ଦେଇ ସ୍ୱର୍ଗତ ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାତ୍ର କେବଳ ଛାତ୍ରବତ୍ସଳ ଉତ୍ତମ ଶିକ୍ଷକ ନଥିଲେ, ସେ ଥିଲେ ମଣିଷ ପରି ମଣିଷ ଟିଏ। ସାହିତ୍ୟ କ୍ଷେତ୍ରରେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ। ସୃଜନଶୀଳତା ଓ ସରଳତା ତାଙ୍କର ଭୂଷଣ ଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଡାକ୍ତର ଅଜିତ କୁମାର ନେଗୀ, ଅନିରୁଦ୍ଧ ମୁଣ୍ଡ, ଆଇନଜୀବୀ ତରୁଣ ଭୋଇ, ସମାଜସେବୀ ହୃଷିକେଶ ମିଶ୍ର, ପ୍ରଗତି କଲେଜର ଡାଇରେକ୍ଟର ଅଜୟ କୁମାର ପଣ୍ଡା, ବିଶିଷ୍ଟ କବି ଭବାନୀଶଙ୍କର ନିଆଲ, ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ବରିଷ୍ଠ ନାଗରିକ ଡମ୍ବରୁ ଲହଜଲ, ନିରଞ୍ଜନ ମହାପାତ୍ର, ଘନଶ୍ୟାମ ଅଗ୍ରୱାଲ, ରଜନୀ ଖମାରୀ, ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଚାମ୍ବର ଅଫ୍ କମର୍ସର ସଭାପତି ବିଦ୍ୟାଧର ସାହୁ, ରାଜେନ୍ଦ୍ର ଭୋଇ, ଅଧ୍ୟାପକ ବଙ୍କିମ ମୁଣ୍ଡ, ବିଶ୍ୱପତି ମୁଣ୍ଡ, ଗଣପତି ବାଗ, ରାଜେନ୍ଦ୍ର ଦୁରିଆ, ଚିତ୍ରସେନ ଜାଲ, ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ କୁମାର ପଣ୍ଡା, ଲକ୍ଷ୍ୟଜ୍ୟୋତି ଜାଲ, ବରିଷ୍ଠ ନାଗରିକ ସଂଘ ର ସୁନିଲ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



## ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସଚେତନତା କାର୍ଯ୍ୟକ୍ରମ




**କେସିଙ୍ଗା, ୧୨ ।୧ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉମରମାଲ ଗ୍ରାମସ୍ଥିତ ମାଉସୀମନ୍ଦିର ପରିସରରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ପକ୍ଷରୁ ବାଲସି ମଣ୍ଡଳସ୍ତରୀୟ ଜନଜାଗରଣ ଓ ଉପବିଧି ସଚେତନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ନୀଳମଣି ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ ବିବରଣୀ ପଠନ କରିଥିଲେ। କାର୍ଯ୍ୟକାରୀ ସଭାପତି ଦୀପଚାନ୍ଦ ସାହୁ ବେହେରା, ଜିତେନ୍ଦ୍ର ସାହୁ, ଜିଲ୍ଲା ଉପ ସଭାପତି ଯୁବରାଜ ସାହୁ, ଯୁଗ୍ମ ସମ୍ପାଦକ ସୁଲପାଣି ସାହୁ, ସଭାପତି ମୁରଲୀଧର ସାହୁ, କୀର୍ତ୍ତନ ସାହୁ, ଖୁସିରାମ ସାହୁ, କୁଳମଣି ସାହୁ, କାର୍ଜି କିଶନ ସାହୁ, ହିମାଂଶୁ ସାହୁ, ହେମ କିଶୋର ସାହୁ, ଗୌରଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ଯୁଗ୍ମ ସମ୍ପାଦକ ଅଶ୍ୱନୀ କୁମାର ସାହୁ, ଲିଙ୍ଗରାଜ ସାହୁ।

## କଳାହାଣ୍ଡି ଉତ୍ସବ 'ଷ୍ଟାର ନାଇଟ୍'ରେ ବିଶୃଙ୍ଖଳା

**କେସିଙ୍ଗା, ୧୨ ।୧(ସମିସ):** ଜାନୁଆରୀରେ କଳାହାଣ୍ଡି ଉତ୍ସବ ପାଇଁ ଚଳ ଚଞ୍ଚଳ ହୋଇ ଉଠେ ଗାଁଆଁ ଠୁ ସହର। କେସିଙ୍ଗାରେ ମଧ୍ୟ ୪ ଦିନ ପାଳିତ ହେଲା ଉତ୍ସବ। ରବିବାର ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବର ଉଦ୍ୟାପନୀ ଉତ୍ସବରେ ପ୍ରବଳ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା। ରାତ୍ର ୧୧ ଟା ସମୟରେ କିଛି ନିଶାସକ୍ତ ଯୁବଗୋଷ୍ଠୀ ଷ୍ଟେଜ ଉପରକୁ ଚଢ଼ି ସେଲ୍‌ଫି ନେବା ଆରମ୍ଭ କରିଥିଲେ। ଷ୍ଟେଜରୁ ଓହ୍ଲାଇ ତଳେ ନାଚିବାକୁ କହିବାରୁ କିଛି ନିଶାସକ୍ତ ଯୁବକ ପୁଲିସ ଉପରକୁ ଚୌକି ଭାଙ୍ଗି ଫିଙ୍ଗି ଠେଲାପେଲା କରିଥିଲେ। କିଛି ଯୁବକକୁ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ବେଳେ ଅନ୍ୟ କିଛି ଯୁବକକୁ ଖୋଜୁଥିବା ସୂଚନା ରହିଛି।

## ଜାତୀୟ ଯୁବ ଦିବସ ପାଳିତ

**ମ.ରାମପୁର, ୧୨ ।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ମାଟୋଗଣ୍ଡା ଶ୍ରୀରାମକୃଷ୍ଣ ଆଶ୍ରମଠାରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସାଧୁଗଣ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ ଦଳ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ଆଶ୍ରମର ସ୍ୱାମୀ ଅଶୋକାନନ୍ଦଜୀଙ୍କ ମହାରାଜଙ୍କ ଅଧ୍ୟକ୍ଷତାରେ ବିବେକାନନ୍ଦ ମେମୋରିଆଲ ହଲ ଠାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ପାଦକ ସ୍ୱାମୀ ଅଶୋକାନନ୍ଦ, ସହ ସମ୍ପାଦକ ସ୍ୱାମୀ ବିରେସାନନ୍ଦ, ସାମ୍ମାନିତ ଅତିଥି ଭାବେ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ଼, ସ୍ୱାମୀ ଧୀରେ ସାନନ୍ଦ, ସ୍ୱାମୀ ଶୁକଦେବାନନ୍ଦ, ପୁରୁଷୋତ୍ତମାନନ୍ଦ, ମୁଖ୍ୟ ବକ୍ତା ଭାବେ ବଟକିଶୋର ପ୍ରଧାନ ଯୋଗଦେଇ ଥିଲେ। ସଭାକୁ ଆଶ୍ରମର ଅନ୍ନଦା ପଟ୍ଟନାୟକ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫେବୃଆରୀ ଶେଷ ସୁଦ୍ଧା ୱାଇଏମ୍‌ସି କପ୍ କ୍ରିକେଟ




**ନୂଆପଡ଼ା, ୧୨ ।୧(ସମିସ):** ପ୍ରତିବର୍ଷ ଜାନୁୟାରୀ ମାସରେ ହେଉଥିବା ୱାଇଏମ୍‌ସି କପ୍ କ୍ରିକେଟ ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ଫେବୃୟାରୀ ମାସ ଶେଷ ସୁଦ୍ଧା ହେବ ବୋଲି ଚୂଡ଼ାନ୍ତ ହୋଇଛି। ସ୍ଥାନୀୟ ମିନିଷ୍ଟାଡିୟମରେ ହୋଇଥିବା ଏକ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ବିଷୟରେ ସୂଚୀତ କରାଯାଇଛି। ଆବାହକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ ବୈଠକରେ ପୂର୍ବତନ ସାଂସଦ ତଥା ପୂର୍ବତନ ୱାଇଏମ୍‌ସି ସମ୍ପାଦକ ବସନ୍ତ କୁମାର ପଣ୍ଡା ବିଶେଷ ଅତିଥି, କ୍ରିକେଟ ଆସୋସିଏସନ ସଭାପତି ପ୍ରକାଶ ସାହୁ, ୱାଇଏମସି ସଭାପତି ବାପି ଦାସ, ସମ୍ପାଦକ ପିଣ୍ଟୁ ବଗର୍ତ୍ତି, ଜିଲ୍ଲା ଓକିଲ ସଂଘ ସଭାପତି ସିତୁ ବୋଧନକର, ସମ୍ପାଦକ ପ୍ରକାଶ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଜିକୁ ଗତ ୩୩ଟି ଟୁର୍ଣ୍ଣାମେଣ୍ଟ କରାଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବଛା ବଛା ଟିମ ଯୋଗ ଦେଇ ଆସୁଛନ୍ତି। ବିଜୟୀ ଦଳକୁ ଲକ୍ଷେ ଟଙ୍କା ଏବଂ ଉପବିଜେତାଙ୍କୁ ୬୦ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଏଥର ଦଳ ଗୁଡ଼ିକରେ ଶ୍ରେଷ୍ଠ ରଣ୍‌ଜୀ ଖେଳାଳିମାନେ ଯୋଗଦେବାର ସୂଚନା ମିଳିଛି।

## ମଧୁପୁରରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

ଲାଞ୍ଜିଗଡ଼, ୧୨ ।୧(ସମିସ)




ଲାଞ୍ଜିଗଡ଼ ବ୍ଲକ ମଧୁପୁରସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆଜି ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିକଶିତ କଳାହାଣ୍ଡି ଓ ନୂଆପଡ଼ାର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ, ବିଶିଷ୍ଟ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଦିଲୀପ କୁମାର ଦୁବେ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ଏକଲବ୍ୟ ମଡେଲ ସ୍କୁଲର ଅଧ୍ୟକ୍ଷ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୁଏ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂହ, ଦେଓ ରଞ୍ଜନ ଶବର, ନର୍ଲା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସୁନାମୁଦି, ଗୋବର୍ଦ୍ଧନପୁର ସମିତି ସଭ୍ୟା ସୁଚିତ୍ରା ମାଝୀ, ସମାଜସେବୀ ହରିଶଙ୍କର ପାତ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ଜଗନ୍ନାଥ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସୋନାଲିକା ପାଢ଼ୀ ଓ ପାର୍ଥ ଶବର ସଭା ପରିଚାଳନା କରିଥିଲେ। ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ରୀ ନିହାରିକା ବିଶ୍ୱାଳ ଓ ଦଶମ ଶ୍ରେଣୀ ଛାତ୍ରୀ ଶୃତି ହରିଜନ ପରିଚାଳନା କରିଥିଲେ। କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ ସା, ମାମିନା ସାହୁ, ସସ୍ମିତା ସାହୁ, ମମତା ମାଝୀ, କାମସେନ ଭୋଇ, ସୁଧାଂଶୁ ସାସମଲ, ପରମାନନ୍ଦ ସାହୁ, ବସନ୍ତ ପାଣ୍ଡେ, ନୁରବତୀ ମାଝୀ, ଆଲୋକ ରଞ୍ଜନ ନନ୍ଦ, ଜ୍ୟୋତିର୍ମୟୀ ତ୍ରିପାଠୀ, ବିଶ୍ୱଭୂଷଣ ଷଣ୍ଢ, ସତ୍ୟବାଦୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## କୃଷ୍ଣାଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ




**ଧର୍ମଗଡ଼, ୧୨ ।୧ (ସମିସ):** ଧର୍ମଗଡ଼ ବ୍ଲକ କୃଷ୍ଣା ଦେବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରି ପ୍ରଣତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଧର୍ମଗଡ଼ ବିଇଓ ପଙ୍କଜିନି ମାଝୀ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସାଂସଦ ପ୍ରତିନିଧି ଲକ୍ଷ୍ମୀ କାନ୍ତ ବାଗ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ଏବିଇଓ ହେମନ୍ତ କୁମାର ପଣ୍ଡା, ପୁରାତନ ଛାତ୍ର ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।









# ୭ ଅନ୍ତର୍ଜାତୀୟ ସାଇବର ଠକ ଗିରଫ



**ରାଉରକେଲା, ୧୨।୧(ସମିସ):** କିଛି ବ୍ୟାଙ୍କ ଅଧିକାରୀଙ୍କ ସହ ମିଶି ରାଉରକେଲା ସମେତ ଦେଶର ବିଭିନ୍ନ ରାଜ୍ୟରେ ସାଇବର ଅପରାଧର ଜାଲ ବିଛାଇଥିବା ଏକ ସଂଗଠିତ ୭ ଜଣିଆ ଅପରାଧୀ ସିଣ୍ଡିକେଟ୍‌କୁ ରାଉରକେଲା ପୁଲିସ ଠାବ କରିଛି। ଏହି ଘଟଣାରେ ୭ ଜଣଙ୍କୁ ରାଉରକେଲା ସାଇବର ଥାନା ପୁଲିସ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀ ରହିଥିବା ସୂଚନା ମିଳିଛି। ବିଭିନ୍ନ ବ୍ୟାଙ୍କରେ ଶତାଧିକ ସଂଖ୍ୟାରେ ଆକାଉଣ୍ଟ୍ ଖୋଲି ଅନଲାଇନ ଗେମ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିଲେ ସେମାନେ। ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ପାନପୋଷ ପୋଷ୍ଟ ଅଫିସ ଗଳିର ବସ୍ତିର ପଲାଶ ଘୋଷ, ଆର୍ଯ୍ୟନ ମହାନନ୍ଦିଆ ଓରଫ ଥାପା, ଆନନ୍ଦ ଭବନ ଲେନର ୱାକର ଖାନ୍, ସେକ୍ଟର-୬ଇ ବ୍ଲକର ବିକ୍ରମ ସିଂହ, ପ୍ଲାଣ୍ଟସାଇଟ୍ ମେନରୋଡର ଆୟନ୍ ହୁସେନ, ବିଶ୍ରା ରୋଡ ଟ୍ରାଫିକ ଗେଟର ଆକାଶ ଶର୍ମା ଓ ଛେଣ୍ଡ କଲୋନୀର ବିପିନ କୁମାର ସାଁ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୪ଟି ଲାପଟପ୍, ୫୦ଟି ଏଟିଏମ କାର୍ଡ, ବିଭିନ୍ନ ବ୍ୟାଙ୍କର ୮୦ଟି ପାସବୁକ, ୧୦ଟି ଫେକ୍ ଆଧାର କାର୍ଡ, ୨୦ଟି ଫେକ୍ ପାନ୍ କାର୍ଡ, ୧୫ଟି ଚେକ୍ ବୁକ୍, ୨୫ଟି ମୋବାଇଲ ଫୋନ ଓ ବିପୁଳ ପରିମାଣର ବିଭିନ୍ନ ଡକ୍ୟୁମେଣ୍ଟ ଜବତ କରାଯାଇଛି। ଗିରଫ ବିପିନ କୁମାର ସାଁ ୟୁନିୟନ ବ୍ୟାଙ୍କ କର୍ମଚାରୀ ବୋଲି ଜଣାପଡ଼ିଛି। ଗିରଫ ସାଇବର ଠକମାନେ ଦେଶର ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲିବା ପରେ ପାସବୁକ, ଏଟିଏମ୍ କାର୍ଡ ଓ ମୋବାଇଲ ସିମ୍‌କାର୍ଡ ନିଜ ପାଖରେ ରଖି ସାଇବର ଠକେଇ କରୁଥିଲେ ବୋଲି ଜଣାପଡ଼ିଛି। ବେକାର ଯୁବକ, ଗ୍ରାମାଞ୍ଚଳର ନିରୀହ ଲୋକ ବୃଦ୍ଧବୃଦ୍ଧାଙ୍କ ପାନ କାର୍ଡ, ଆଧାର କାର୍ଡ ଏବଂ ଫଟୋ ଯୋଗାଡ କରି ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ଠକେଇ କରୁଥିଲେ। ତେବେ ବ୍ୟାଙ୍କରେ ଜାଲ କେୱାଇସି ଦେଇ ଆକାଉଣ୍ଟକୁ ସକ୍ରିୟ ରଖୁଥିଲେ। ତେବେ ଏହି ଜାଲ କାର୍ଯ୍ୟରେ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ସିଧାସଳଖ ସମ୍ପୃକ୍ତି ରହୁଥିଲେ। ଗିରଫ ସାଇବର ଠକମାନେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ରାୟପୁର, ଛତିଶଗଡ଼, କୋଲକାତା ସହିତ ଦେଶର ବିଭିନ୍ନ ସ୍ଥାନରେ ଠକେଇ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦୁଇ ମାସରେ ୧୦୦୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ସାଇବର ଠକେଇ କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଜି ରାତିରେ ରାଉରକେଲା ପୁଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଥାଇ ଏହା ହେଉଛି ତୃତୀୟ ସାଇବର ଅପରାଧ। ଅସାଧୁ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ବିଭିନ୍ନ ସହରର ନିରୀହ ଯୁବକଙ୍କୁ ଟାର୍ଗେଟ କରି ବିଭିନ୍ନ ପ୍ରଲୋଭନ ମାଧ୍ୟମରେ ସେମାନଙ୍କ ଆଧାର, ପାନ୍, ପରିଚୟ ପତ୍ର ହାତେଇବା ପରେ ସେମାନଙ୍କ ନାମରେ ଉକ୍ତ ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସାଇବର ଅପରାଧୀମାନଙ୍କୁ ଏହି ଆକାଉଣ୍ଟଗୁଡିକୁ ପ୍ରତି ଆକାଉଣ୍ଟ ପିଛା ୫ ରୁ ୧୦ ହଜାର ଟଙ୍କାରେ ଭଡାରେ ଦେଉଥିଲେ କିମ୍ବା ବିକ୍ରି କରି ଦେଉଥିଲେ। ଏହାପରେ ସାଇବର ଅପରାଧୀମାନେ ଏହି ଆକାଉଣ୍ଟଗୁଡିକୁ ସାଇବର ଅପରାଧରେ ନିର୍ବିଘ୍ନରେ ବ୍ୟବହାର କରୁଥିଲେ। ସାଇବର ଠକେଇର ଶିକାର ହେଉଥିବା ବ୍ୟକ୍ତିଙ୍କ ସହ ଏହି ଆକାଉଣ୍ଟରେ ଓଟିପି ଦିଆନିଆ, ମନି ଟ୍ରାଞ୍ଜାକ୍ସନ ଆଦି କରୁଥିଲେ। ଏପରିକି ସାଇବର ଅପରାଧରୁ ଉପାର୍ଜିତ ସମସ୍ତ ଅର୍ଥକୁ ଏହି ଆକାଉଣ୍ଟଗୁଡିକରେ ଜମା କରି ପୁନର୍ବାର ତାକୁ ଉଠାଇ ନେଉଥିଲେ। ଏହାସହ କେୱାଇସି ଦରକାର ପଡ଼ିଲେ ଉପରୋକ୍ତ ବ୍ୟାଙ୍କ କର୍ମଚାରୀ ଏହାକୁ ବିନା ଯାଞ୍ଚରେ କେୱାଇସି କରି ଦେଉଥିଲେ। ଯାହା ଫଳରେ ଅର୍ଥ ଟ୍ରାଞ୍ଜାକ୍ସନ କରିବାରେ କୌଣସି ଅସୁବିଧା ହେଉନଥିଲା। ଫଳରେ ସେମାନେ ନିର୍ବିଘ୍ନରେ ଗୋଟିଏ ପରେ ଗୋଟିଏ ସାଇବର ଅପରାଧ କରି ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଥିଲେ। ତେବେ ସେମାନେ ୨୦୦ରୁ ଅଧିକ ସାଇବର ଅପରାଧରେ ସମ୍ପୃକ୍ତ ରହିବା ସହ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଘୁନାଥପାଲି, ପ୍ଲାଣ୍ଟସାଇଟ୍, ବ୍ରାହ୍ମଣୀ ତରଙ୍ଗ ଏବଂ ସେକ୍ଟର-୭ ଥାନା ପୁଲିସ ଏହି ବଡଧରଣର ସାଇବର ଅପରାଧର ତଦନ୍ତ କରିଥିବା ଜଣାପଡ଼ିଛି।

**ଲୋକଙ୍କ ନାମରେ ଆକାଉଣ୍ଟ ଖୋଲି କରୁଥିଲେ ଠକେଇ**

**୨ ମାସରେ ଖୋଲିଛନ୍ତି ୧୦୦୦ରୁ ଅଧିକ ଫେକ୍ ଆକାଉଣ୍ଟ**

## ବିମାନ ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କଲେ ପରିବହନ ମନ୍ତ୍ରୀ



**ରାଉରକେଲା, ୧୨।୧(ସମିସ):** ଶନିବାର ରାଉରକେଲା ଜଲଦା ସ୍ଥିତ ଗୁଡିଆଟୋଲି ଘଟିଥିବା ବିମାନ ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା। ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିବା ସହ ଜୟ ପ୍ରକାଶ ହସ୍ପିଟାଲରେ ଆହତଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଇଣ୍ଡିଆ ୱାନ୍ ଏୟାରର ପ୍ରମୋଟର ଶୈଶବ ଶାହା ମଧ୍ୟ ଆଜି ରାଉରକେଲା ଗସ୍ତରେ ଆସି ଜୟ ପ୍ରକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଦୁଇ ପାଇଲଟ ଓ ଦୁଇ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନୁଧ୍ୟାନ କରିଛନ୍ତି। ଆହତଙ୍କ ଚିକିତ୍ସା ଖର୍ଚ୍ଚ ଇଣ୍ଡିଆ ୱାନ ଏୟାର ବହନ କରିବ ବୋଲି ସୂଚନା ଦେଇଛନ୍ତି। ସେପଟେ ବିମାନର ବ୍ଲାକ ବକ୍ସକୁ ଉଦ୍ଧାର କରାଯାଇଥିବା ବେଳେ ରାଉରକେଲା ବିମାନ ବନ୍ଦରର ଏଟିସି ରେକର୍ଡ ମଧ୍ୟ ତଦନ୍ତକାରୀ ଏଏଆଇବି(ଏୟାରକ୍ରାଫ୍ଟ ଦୁର୍ଘଟଣା ତଦନ୍ତ ବ୍ୟୁରୋ) ଏୟାର ସେଫଟି ଟିମ ଏବଂ ଡିଜିସିଏ ଟିମ୍ ସଂଗ୍ରହ କରିଥିବା ସୂଚନା ମିଳିଛି। ମନ୍ତ୍ରୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିବା ସ୍ଥାନୀୟ ଗ୍ରାମବାସୀଙ୍କୁ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି। ରାଉରକେଲା ବିମାନ ବନ୍ଦରରୁ ୭୨ ସିଟର ବିମାନ ଚଳାଚଳ ବନ୍ଦ କରାଯାଇ ୯ ସିଟର ବିମାନ ଚଳାଚଳ ଆରମ୍ଭ ହୋଇଥିବା ବେଳେ ବିମାନ ଦୁର୍ଘଟଣା ଗ୍ରସ୍ତ ହେବା ପରେ ପୁଣି କିପରି ବିମାନ ଚଳାଚଳ ଆରମ୍ଭ ହେବ ସେନେଇ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଉରକେଲାରୁ ବିମାନ ଚଳାଚଳ ଜାରି ରହିବ ବୋଲି ଇଣ୍ଡିଆ ୱାନ ଏୟାରର ପ୍ରମୋଟର ଶୈଶବ ଶାହା ସୂଚାଇଛନ୍ତି।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସୁରେନ୍ଦ୍ରଙ୍କୁ ରୌପ୍ୟ

**ରାଉଲକେଲା, ୧୨।୧(ସମିସ):** ଭୁବନେଶ୍ୱରରେ ଆୟୋଜିତ ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ରାଉରକେଲାର ସୁରେନ୍ଦ୍ର ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ରାଉଲକେଲା ସାରନଗରୀରେ ରହୁଥିବା ସୁରେନ୍ଦ୍ର ବେହେରା(୨୬) ୭୫ କିଲୋଗ୍ରାମରୁ କମ୍ ବର୍ଗରେ ରାଉରକେଲା ପାଇଁ ରୌପ୍ୟ ପଦକ ଜିତି ସହର ପାଇଁ ଗୌରବ ଆଣିଛନ୍ତି। ଆୟୋଜିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ନିଜ ବର୍ଗର ପ୍ରାୟ ୧୭ ପ୍ରତିଯୋଗୀଙ୍କୁ ନିଜର ସ୍ୱାସ୍ଥ୍ୟର ଚମକ ଓ ସୁନ୍ଦର ସ୍ୱାସ୍ଥ୍ୟର କୌଶଳରେ ଅଫିସିଆଲଙ୍କ ମନ ଜିଣି ରୌପ୍ୟ ଜିତିବାରେ ସକ୍ଷମ ହୋଇଛନ୍ତି। ପ୍ରାୟ ପୂର୍ବାଞ୍ଚଳର ୧୨ଟି ରାଜ୍ୟରୁ ୨୦୦ ପୁରୁଷ ଓ ମହିଳା ଏହି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଚଳିତ ୧୦ ଓ ୧୧ ଦୁଇ ଦିନ ଧରି ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। ସୁରେନ୍ଦ୍ରଙ୍କୁ ନିୟମିତ ପ୍ରଶିକ୍ଷଣ ଦେଉଥିବା କୋଚ୍ ବିଜୟ ବଡାଇକ ତାଙ୍କର ଏହି ସଫଳତାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ଆସନ୍ତା ଫେବୃୟାରୀ ୧୩ ଓ ୧୪ରେ ଅନୁଷ୍ଠିତ ହେବାକୁ ଥିବା ଫେଡ୍ରେଶନ କପ୍‌ରେ ଭାଗ ନେଇ ସୁରେନ୍ଦ୍ର ସଫଳତା ହାସଲ କରିବେ ବୋଲି କୋଚ୍ ଆଶାବାଦୀ ଅଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ବଡି ବିଲ୍ଡିଂ ସଂଘର ସମସ୍ତ କର୍ମକର୍ତ୍ତା ସୁରେନ୍ଦ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।




**କୁତ୍ରା ଅଞ୍ଚଳରେ ହାତୀ ଉପଦ୍ରବ**

## ଘର ଭାଙ୍ଗି ଖାଇଲା ଧାନ



**କୁତ୍ରା, ୧୨।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବନଖଣ୍ଡର କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଶନିବାର ରାତିରେ ଗୋଠଛଡା ହାତୀ ନୂଆଁଗା ଭିତରକୁ ପଶି ୬ଟି ଘର ଭାଙ୍ଗି ଚାଉଳ ଖାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଉକ୍ତ ହାତୀଟି ଗାଁର ସମରା, ମାଳତୀ ସିଂ, ସୁର୍ଜଲିଆ, ଲୁକାସ ମିଞ୍ଜ, ମିଳନ ବୁଡ଼ ପ୍ରମୁଖଙ୍କ ଘର ଭାଙ୍ଗି ଚାଉଳ ଖାଇଥିଲା। ଠିକ ସେହିପରି ରବିବାର ରାତିରେ ଭୋଗରା ଗ୍ରାମ ଦୁବରାଜ ସିଂଙ୍କ ଘର ଭାଙ୍ଗି ଗୋଠଛଡା ହାତୀଟି ଧାନ ଖାଇଥିବା ଜଣାପଡ଼ିଛି। ଘରେ ସେହି ସମୟରେ କେହି ନଥିବାରୁ ହାତୀ ଆକ୍ରମଣରୁ ବଞ୍ଚି ଯାଇଛନ୍ତି। ଅଞ୍ଚଳରେ ରାତିସାରା ହାତୀ ଉପଦ୍ରବ କରୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦୀର୍ଘଦିନ ହେବ ହାତୀଟି ଅଞ୍ଚଳରେ ଆତଙ୍କ ଖେଳାଇଛି। ବନବିଭାଗ ପକ୍ଷରୁ ଶୀଘ୍ର ପଦକ୍ଷେପ ନେଇ ହାତୀକୁ ନିୟନ୍ତ୍ରଣ କରିବା ସହିତ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**କୋଇଡା, ୧୨।୧(ସମିସ):** ଗତକାଲି ମଧ୍ୟରାତ୍ରିରେ କୋଇଡା ଥାନାରୁ ୫୦୦ ମିଟର ଦୂରରେ ଥିବା ଓଏମ୍‌ଏମ୍ ଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ କୋଇଡା ଅଞ୍ଚଳର ବବଲୁ ସିଂ। ସେ ରାତ୍ରିରେ ନିଜ ଟ୍ରକ୍ କାମ ସାରି ବାଇକ୍ (ଓଆର୦୯ଏମ୭୫୨୪) ଯୋଗେ ଘରକୁ ଫେରୁଥିବା ବେଳେ କୋଇଡା ଛକ ପଟୁ ଏକ ଟ୍ରକ୍ (ଓଡି୦୯ଜି୩୩୨୮) ଆସି ବାଇକ୍‌କୁ ଧକ୍କା ଦେଇ ବହୁଦୂର ଘୋଷାଡି ନେଇ ଫେରାର୍ ମାରିଥିଲା। ଫଳରେ ବବଲୁ ସିଂଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ସହ ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଆଜି ବବଲୁ ସିଂଙ୍କ ଶବ ବ୍ୟବଚ୍ଛେଦ ହେବା ସହ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା।

## ୟୁପିଆଇ ଠକେଇ ଭିଡିଓ ଭାଇରାଲ

**ରାଉରକେଲା, ୧୨।୧(ସମିସ):** ଦୋକାନରୁ ସାମଗ୍ରୀ କ୍ରୟ କରି ୟୁପିଆଇ ଯୋଗେ ଟଙ୍କା ଜମା କରିଥିଲେ ମଧ୍ୟ ଏହା ଦୋକାନୀଙ୍କ ଆକାଉଣ୍ଟକୁ କ୍ରେଡିଟ୍ ହୋଇନଥିଲା। ଯାହାକି ଆକାଉଣ୍ଟ ଚେକ୍ କରିବା ପରେ ଦୋକାନୀ ଏହା ଜାଣିବାକୁ ପାଇଥିଲେ। ତେବେ ୟୁପିଆଇ ଠକେଇ ଘଟଣାର ସିସିଟିଭି ଫୁଟେଜ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓ ମୁତାବକ, ସହରର ମୁଖ୍ୟ ରାସ୍ତାରେ ଥିବା ଏକ କପଡ଼ା ଦୋକାନକୁ ଗତ ୫ ତାରିଖରେ ଜଣେ ମହିଳା ଓ ପୁରୁଷ ଯାଇଥିଲେ। ସେଠାରେ କିଛି କପଡ଼ା କ୍ରୟ କରିଥିଲେ। ପରେ କ୍ୟୁଆର କୋର୍ଡ ବା ଅନଲାଇନ୍ ପେମେଣ୍ଟ କରିଥିଲେ। ପେମେଣ୍ଟ ସମ୍ବନ୍ଧୀୟ ମେସେଜ ମଧ୍ୟ ଦେଖାଇଥିଲେ। ଦୋକାନୀ ମେସେଜ ଦେଖି ଭରସା କରିଥିଲେ। ପରେ ଆକାଉଣ୍ଟ ଚେକ୍ କରିବାରୁ ଟଙ୍କା ଆସିନଥିବା ଜାଣିପାରି ଥିଲେ। ଘଟଣାର ସିସିଟିଭି ଫୁଟେଜ ଉଦ୍ଧାର କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାସହ ସମ୍ପୃକ୍ତ ମହିଳା ଓ ପୁରୁଷଙ୍କୁ ଦୋକାନକୁ ଆସି କପଡ଼ାର ପେମେଣ୍ଟ ବା ଟଙ୍କା ଦେବାକୁ ଅନୁରୋଧ କରିଛନ୍ତି। ନଚେତ୍ ଦୋକାନୀ ପୁଲିସ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍କୁଟିକୁ ଧକ୍କା ଦେଲା ଏଟିଏମ୍ ଭ୍ୟାନ୍

**ରାଉରକେଲା, ୧୨।୧(ସମିସ):** ରାଉରକେଲା ରିଂ ରୋଡଠାରେ ଏକ ସ୍କୁଟିକୁ ଏଟିଏମ୍ ଭ୍ୟାନ ଧକ୍କା ଦେବା ଫଳରେ ସ୍କୁଟି ଚାଳକ ଆହତ ହୋଇଥିବାବେଳେ ଉଭୟ ଗାଡ଼ିର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେକ୍ଟର -୮ ସ୍ଥିତ ଜୁବୁଲି ପାର୍କ ନିକଟରେ ସୋମବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ଛେଣ୍ଡ ପଟୁ ସେକ୍ଟର ଆଡ଼କୁ ଉଭୟ ଗାଡ଼ି ଯାଉଥିଲା। ହଠାତ୍ ଦୁର୍ଘଟଣା ହୋଇଥିଲା। ସ୍କୁଟିକୁ ବଞ୍ଚାଇବାକୁ ଯାଇ ଏହି ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ସ୍ଥଳରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପରିସ୍ଥିତି ବିଗିଡିବା ପୂର୍ବରୁ ସ୍ଥାନୀୟ ପୁଲିସ ପହଞ୍ଚି ଯାଇଥିଲା। ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି।

## ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର

**ଲହୁଣିପଡ଼ା, ୧୨।୧(ସମିସ):** ଲହୁଣିପଡ଼ା ଥାନା ଶଙ୍ଖପୋଷ ପଞ୍ଚାୟତ ରେଙ୍ଗାଲା ବେଡା ଗ୍ରାମ ନାଳ କଡ଼ରୁ ଜଣେ ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ମୁତାବକ ଲହୁଣିପଡ଼ା ଥାନା ରେଙ୍ଗାଲାବେଡା ଗ୍ରାମରେ ଜଣେ ଯୁବକ ଏଣେ ତେଣେ ବୁଲୁଥିବା ବେଳେ ଆଜି ସକାଳେ ତାର ମୃତ ଦେହ ନାଳ ପାଣି ଉପରେ ଭାସୁଥିବା ଗ୍ରାମବାସୀ ଦେଖି ସ୍ଥାନୀୟ ଲହୁଣିପଡ଼ା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବଣାଇଁ ସ୍ଥିତ ଶବ ସଂରକ୍ଷିତ ଗୃହରେ ରଖିଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା(୩୧୨/୨୬) ରେ ଏକ ମାମଲା ରୁଜୁ କରିଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିନଥିବା ଜଣାପଡ଼ିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୁତ୍ରରୁ ଜଣାପଡ଼ିଛି।

## ସେକ୍ଟର-୬ ଗ୍ୟାରେଜ୍ ଘରୋଇକରଣକୁ ବିଧାୟକଙ୍କ ବିରୋଧ

**ରାଉରକେଲା, ୧୨।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ସ୍ଥାପନା ସମୟରେ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକମାନେ କାରଖାନାକୁ ଯିବା ଆସିବା ପାଇଁ ଆର୍‌ଏସ୍‌ପି ପକ୍ଷରୁ ଅନେକ ଯାତ୍ରୀବାହୀ ବସ୍ ଯୋଗାଇ ଦିଆଯାଇଥିଲା। ବସ୍‌ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ସହରାଞ୍ଚଳରେ ଥିବା ସେକ୍ଟର-୬ ରେ ଏକ ଗ୍ୟାରେଜ ସ୍ଥାପନା କରାଯାଇଥିଲା। ପରେ ଆରଏସପି କର୍ତ୍ତୃପକ୍ଷ ପ୍ରତ୍ୟାହାର କରିଦେଇଥିଲେ। ଫଳରେ ଗ୍ୟାରେଜ ପରିସରଟି ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ରଘୁନାଥପଲ୍ଲୀ ବିଧାୟକ ଦୂର୍ଗା ଚରଣ ତନ୍ତୀ ଇସ୍ପାତ ସହରାଞ୍ଚଳର ସେକ୍ଟର-୭/୧୭ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଥିବା ସ୍ଥଳ ନିକଟରେ ଡ଼ଃ ଆମ୍ବେଦକରଙ୍କ ନାମରେ ଏକ ଅଡିଟୋରିୟମ ନିର୍ମାଣ କରିବା ସହିତ ସହରରେ ଖାଲିପଡ଼ିଥିବା ଅନ୍ୟ କୌଣସି ଏକ ସ୍ଥାନରେ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଏକ ସୋସିଆଲ ହୋମ ନିର୍ମାଣ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଅନୁରୋଧ କରିଥିଲେ। ବିଧାୟକଙ୍କ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସେକ୍ଟର-୬ରେ ଥିବା ବସ୍ ଗ୍ୟାରେଜକୁ କୌଣସି ଏକ ଘରୋଇ ସଂସ୍ଥାକୁ ଭଡାରେ ଦେଇଥିବା ଜଣାପଡ଼ିଛି। ବିଧାୟକ ଶ୍ରୀ ତନ୍ତୀ ଆରଏସପିର ଏପରି ନୀତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ନିଷ୍ପତ୍ତିକୁ ପ୍ରତ୍ୟାହାର କରି ସେକ୍ଟର-୬ ସ୍ଥିତ ବସ ଗ୍ୟାରେଜ ପରିସରରେ ସହିଦ ବିର୍ସା ମୁଣ୍ଡା କିମ୍ବା ଡ଼ଃ ଆମ୍ବେଦକରଙ୍କ ନାମରେ ଏକ ଅଡିଟୋରିୟମ ଏବଂ ଇସ୍ପାତ ସହରାଞ୍ଚଳବାସୀଙ୍କ ପାଇଁ ଏକ ବଡ ସୋସିଆଲ ହୋମ ନିର୍ମାଣ କରିବା ପାଇଁ ବିଧାୟକ ଶ୍ରୀ ତନ୍ତୀ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ଉର୍ଦ୍ଧେଶକଙ୍କୁ ପତ୍ର ଲେଖିଛନ୍ତି। ଏକଦା କାରଖାନା କରିବା ଏବଂ ନିଜ କର୍ମଚାରୀଙ୍କ ନିମନ୍ତେ ବାସଗୃହ ନିର୍ମାଣ କରିବା ନାମରେ ରାଜ୍ୟ ସରକାରଙ୍କ ଠାରୁ ଦୀର୍ଘ ମିଆଦୀ ଲିଜ ଆକାରରେ ଜମି ନେଇଥିବା କାରଖାନା କର୍ତ୍ତୃପକ୍ଷ ତୃତୀୟ ପକ୍ଷଙ୍କୁ ସବଲିଜରେ ପୁନଃ ରାଜ୍ୟ ସରକାରଙ୍କ ଠାରୁ ନେଇଥିବା ଜମିକୁ ଦେବା ଘଟଣାକୁ ମଧ୍ୟ ବିଧାୟକ ଶ୍ରୀ ତନ୍ତୀ ନାପସନ୍ଦ କରିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟର ସମୀକ୍ଷା କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଧାୟକ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

**ଅଡିଟୋରିୟମ, ସୋସିଆଲ ହୋମ ନିର୍ମାଣ ପାଇଁ ପ୍ରସ୍ତାବ**

## ରାଉରକେଲା ଷ୍ଟିଲ୍ ମଜଦୂର ୟୁନିଅନ୍‌ର ଗଣବିକ୍ଷୋଭ




**ରାଉରକେଲା, ୧୨।୧(ସମିସ):** ରାଉରକେଲା ଷ୍ଟିଲ ମଜଦୂର ୟୁନିଅନ୍ ପକ୍ଷରୁ ସ୍ଥାନୀୟ ବିଶ୍ରା ଛକଠାରେ ଶତାଧିକ କର୍ମଚାରୀଙ୍କୁ ନେଇ ଇସ୍ପାତ୍ ଶ୍ରମିକଙ୍କ ୫ ଦଫା ଦାବି ନେଇ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ଷ୍ଟିଲ ମଜଦୂର ୟୁନିୟନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ଉପ ସଭାପତି କୈଳାଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୋଷ କୁମାର ମହାନ୍ତି, ସହ ସମ୍ପାଦକ ସବ୍ୟସାଚୀ ନାୟକ, ଉପଦେଷ୍ଟା ସଦାନନ୍ଦ ସାହୁ, ଅର୍ଜୁନ ଭୋଇ ପ୍ରମୁଖ ପାଞ୍ଚ ଦଫା ଦାବି ଉପରେ ବକ୍ତବ୍ୟ ରଖିଥିଲେ। ଇସ୍ପାତ କର୍ମଚାରୀଙ୍କର ୩୯ ମାସର ବକେୟା ତୁରନ୍ତ ପ୍ରଦାନ କରିବା, ଏନଜେସିଏସ ଚୁକ୍ତି ସମ୍ପନ୍ନ କରିବା, ଅବସର ପରେ ଯିଏ ଯେଉଁ ଘରେ ରହୁଛନ୍ତି ସେହି ଘରକୁ ଏକ ନିର୍ଦ୍ଦିଷ୍ଟ ରାଶି ଜମା ରଖି ପ୍ରଦାନ କରିବା, ସେଲ ଓ ଆରଏସପିର ଘରୋଇ କାରଣ ବନ୍ଦ କରିବା, ଠିକା ଶ୍ରମିକଙ୍କୁ କେନ୍ଦ୍ରୀୟ ହାତରେ ମଜୁରୀ ପ୍ରଦାନ କରିବା ପାଇଁ ଦାବି କରିବା ସହ ସରକାରଙ୍କ ଶ୍ରମିକ ମାରଣ ନୀତି ଏବଂ ଶ୍ରମ ଆଇନ ପରିବର୍ତ୍ତନ କରି ଯେଉଁ ଶ୍ରମ କୋଡ ପ୍ରଚଳନ କରାଯାଇଛି ତାହା ଶ୍ରମିକଙ୍କ ହିତ ପାଇଁ ନୁହେଁ ତାହା ପୁଞ୍ଜିପତି ମାନଙ୍କ ପାଇଁ ବୋଲି ବକ୍ତାମାନେ କହିଥିଲେ। ସମସ୍ତ ଶ୍ରମିକ ସଂଗଠନ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ କରାଯାଇଥିଲା। ଏଆଇଟିୟୁସି ସହବନ୍ଧିତ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍ ଶ୍ରମିକଙ୍କ ହକ ପାଇଁ ଲଢେଇ ଜୋରଦାର କରିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁପମ ଦତ୍ତ, ଦଶରୁ କିସାନ, ପଦ୍ମା ସୋରେନ, ଅଜୟ ଦ୍ୱାରା, ବାବନ୍ ରାୟ, ବିନୋଦ ବାଗ, ଗୋବିନ୍ଦ କୁଜୁର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।


୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଶ୍ଚ ଗୋବିନ୍ଦ ଚନ୍ଦ୍ର ନାୟକ

କଶବା, ସୋର, ବାଲେଶ୍ୱର

ଆବିର୍ଭାବ: ୧୧.୦୪.୧୯୩୯

ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା ।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶ୍ରଦ୍ଧାଞ୍ଜଳି ସହ

ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଚଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ।
-ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## ଶକ୍ତିର ଅହଂକାର ଓ ଅଶାନ୍ତ ବିଶ୍ୱ

ଭେନେଜୁଏଲା ଭଳି ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଯେଭଳି ଘରୁ ଉଠାଇ ନେଇ ଆମେରିକା ଗରିଫ କରିଛି ତାହା କେବଳ ଅଚିନ୍ତନୀୟ ନୁହେଁ, ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥା ପ୍ରତି ଖୋଲା ଆହ୍ୱାନ। କିନ୍ତୁ କୂଟନୈତିକ ସ୍ତରରେ ଆମେରିକା କୌଣସି ଚାପର ସମ୍ମୁଖୀନ ହୋଇନାହିଁ। ବରଂ ଟ୍ରମ୍ପଙ୍କ ସ୍ପର୍ଦ୍ଧା ବହୁଗୁଣିତ ହୋଇଛି। ସଦାମ ହୁସେନଙ୍କ ଭଳି ମାଦୁରୋଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଭିତ୍ତିହୀନ ପ୍ରମାଣିତ ହୋଇଛି। ଆମେରିକା କଂଗ୍ରେସର ବିନା ଅନୁମୋଦନରେ ନିଜ ଦେଶର ତୈଳ କମ୍ପାନୀର ବ୍ୟବସାୟିକ ଫାଇଦା ପାଇଁ ମାଦୁରୋଙ୍କୁ ବନ୍ଦୀ କରି ଭେନେଜୁଏଲାର କାମଚଲା ସରକାର ଉପରେ ଚାପ ପ୍ରୟୋଗ କରିବାରେ ଟ୍ରମ୍ପ ସଫଳ ହୋଇଛନ୍ତି। ଏହାକୁ ଏକ ଦୃଷ୍ଟାନ୍ତ ରୂପେ ଉପସ୍ଥାପନ କରି କଲମ୍ବିଆ, ମେକ୍ସିକୋ ଓ ଚିଲି ଭଳି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଉପରେ ଚାପ ପ୍ରୟୋଗ ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡକୁ ମଧ୍ୟ ନିଜ ଅଧୀନକୁ ଆଣିବା ପାଇଁ ନାଟୋ ସହଯୋଗୀ ଡେନମାର୍କକୁ ନାଲିଆଖି ଦେଖାଇଛନ୍ତି। ବିଶ୍ୱର ଅନ୍ୟ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଚୀନ ଓ ରୁଷର ପ୍ରତିକ୍ରିୟାରେ ପରିଲକ୍ଷିତ ଶିଥିଳତାରୁ ସ୍ପଷ୍ଟ ହୋଇଛି ସେମାନେ ମଧ୍ୟ ତାଇୱାନ ଓ ୟୁକ୍ରେନ କ୍ଷେତ୍ରରେ ନିଜର ସ୍ୱାର୍ଥରକ୍ଷା ପାଇଁ ପରୋକ୍ଷରେ ଆମେରିକା ସହ ସାଲିସ କରିଛନ୍ତି। ଏହି ପରିସ୍ଥିତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମ୍ରାଜ୍ୟରେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ କରଦ ରାଜ୍ୟ। ସମ୍ରାଟଙ୍କ ଇଚ୍ଛାପୂର୍ତ୍ତି ପାଇଁ ସମସ୍ତେ ଜୀହଜୁର କରିବାକୁ ବାଧ୍ୟ।

ଏହି ଘଟଣାକ୍ରମ ପରେ ଭାରତ ସହ ଆମେରିକାର ବାଣିଜ୍ୟିକ ସଂପର୍କ ନେଇ ଚାଲିଥିବା କଥାବର୍ତ୍ତା ହଠାତ୍ ଦିଗ ପରିବର୍ତ୍ତନ କରିଛି। ଗତ ସପ୍ତାହରେ ଆମେରିକାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମନ୍ତବ୍ୟ ଦ୍ୱିପାକ୍ଷିକ କୂଟନୈତିକ ସଂପର୍କ ସମସ୍ତ ସୀମା ଟପିଯାଇଛି। ଭାରତ ସହ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ତାହା ନିଷ୍ଫଳ ହୋଇଛି। ଏହାର ପୃଷ୍ଠଭାଗରେ କୌଣସି ନୀତିଗତ ପାର୍ଥକ୍ୟ ନ ଥିଲେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଠିକଣା ସମୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥାବାର୍ତ୍ତା ହେବା ପ୍ରସ୍ତାବକୁ ଆଗ୍ରାହ୍ୟ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ପାରସ୍ପରିକ ବୁଝାମଣାର ଭିତ୍ତିଭୂମି କୌଣସି ସମୟରେ ଏକପାଖିଆ ନୁହେଁ। ଦୁଇ ଦେଶ ପରସ୍ପରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଳଚାଲ କରିଥା'ନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ କିମ୍ବା ମୋଦୀଙ୍କ ଭୂମିକା ଆସିଲା କେଉଁଠୁ? ପରୋକ୍ଷରେ ଭାରତକୁ ଆମେରିକା ଅନୁଗୃହୀତ କରୁଛି ଏବଂ ମୋଦୀ ସେଥିସକାଶେ କୃତଜ୍ଞତା ଜ୍ଞାପନ କରିବାକୁ ଲୁଟ୍‌ନିକ ତାଙ୍କ ବକ୍ତବ୍ୟରେ ଇଙ୍ଗିତ କରିଛନ୍ତି। ଏହି କୃତଜ୍ଞତା ମାଧ୍ୟମରେ ଟ୍ରମ୍ପଙ୍କ ସବୁ ମିଛ ସହ ଭାରତକୁ ସାଲିସ କରିବାକୁ ହେବ। କୂଟନୈତିକ ସଂପର୍କ ଓ ସହଯୋଗରେ ପରିଲକ୍ଷିତ ଏହି ନିମ୍ନ ରୁଚିରୁ ସ୍ପଷ୍ଟ ହେଉଛି ଯେ କ୍ଷମତା ଓ ଶକ୍ତିର ଅହଂକାର ସମସ୍ତ ସଂଭ୍ରମ ଓ ଶାଳୀନତାକୁ ଅତିକ୍ରମ କରିଛି। ଲୁଟ୍‌ନିକ ଏକଥା କହିଛନ୍ତି ଯେ ଟାରିଫକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଅବସାନ ପାଇଁ ଆମେରିକା ଏସୀୟ ରାଷ୍ଟ୍ର ଭିଏତନାମ ଓ ଇଣ୍ଡୋନେସିଆ ସହ ବୁଝାମଣା ପୂର୍ବରୁ ୨୦୨୫ ରେ ଭାରତକୁ ଦିଆଯାଇଥିବା ତିନିଟି ସୁଯୋଗକୁ ମଧ୍ୟ ହାତଛଡ଼ା କରିଛି। ଭାରତର ବୈଦେଶିକ ବିଭାଗ ମୁଖପାତ୍ର ଏହି ଅଭିଯୋଗର ଯଥାର୍ଥ ଉତ୍ତର ଦେଇ କହିଛନ୍ତି ଯେ ୨୦୨୫ ରେ ପ୍ରାଧାନମନ୍ତ୍ରୀ ମୋଦୀ କେବଳ ବାଣିଜ୍ୟ ନୁହେଁ, ବୈଷୟିକ ଜ୍ଞାନକୌଶଳ ଏବଂ ବିଶ୍ୱ ନିରାପତ୍ତା ପ୍ରସଙ୍ଗ ଉପରେ ୮ ଥର କଥାବାର୍ତ୍ତା କରିଛନ୍ତି। ତେଣୁ ଆମେରିକା ପକ୍ଷରୁ ଯେଉଁ ରଙ୍ଗ ରୂପ ଦେଇ ଘଟଣାକ୍ରମର ବର୍ଣ୍ଣନା କରାଯାଇଛି ତାହା ଆଦୌ ଠିକ୍ ନୁହେଁ। ଅମେରିକାର ଅସ୍ପଷ୍ଟ ନୀତି ଓ ବ୍ୟକ୍ତିଗତ ବିଦ୍ୱେଷରୁ ଏହି ପରିସ୍ଥିତି ଉପୁଜିଛି।

ବିଶ୍ୱର ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ସ୍ୱାବଲମ୍ବୀ ଓ ନିଜ ଶକ୍ତି ତଥା ସାମର୍ଥ୍ୟରେ ସବୁ ପରିସ୍ଥିତିକୁ ସମ୍ମୁଖୀନ ହେଉଛି। ବିଶ୍ୱବଜାର ଅର୍ଥନୀତିର ନିର୍ଭରଶୀଳତା ଦୃଷ୍ଟିରୁ ବିଚାର କଲେ ଭାରତର ସର୍ବବୃହତ ବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସଂକୀର୍ଣ୍ଣ ଭୂ-ରାଜନୈତିକ ରଣନୀତିରେ ଅଂଶୀଦାର ହେବାକୁ ସେ ଚାହେଁ ନାହିଁ। ଭାରତର ଏହି ସ୍ପଷ୍ଟ ଅଭିମୁଖ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଧିକ କ୍ଷୁବ୍ଧ କରିଛି। ରୁଷରୁ ତୈଳ, ପ୍ରକୃତ ଗ୍ୟାସ ଓ ୟୁରାନିୟମ ସଂଗ୍ରହ କରୁଥିବା ରାଷ୍ଟ୍ରଉପରେ ୫୦୦ ପ୍ରତିଶତ ଟାରିଫ ଲାଗୁ କରିବା ସକାଶେ ସେ ଘୋଷଣା କରିଛନ୍ତି। ଭାରତ କ୍ଷେତ୍ରରେ ମଧ୍ୟ ଏହା ଲାଗୁ କରାଯିବ। ଆମ ସହ ଚୀନ ଓ ବ୍ରାଜିଲକୁ ମଧ୍ୟ ସଂଯୁକ୍ତ କରାଯାଇଛି। ଏ ସଂପର୍କରେ ଆମେରିକା ସୁପ୍ରିମକୋର୍ଟରେ ହୋଇଥିବା ଆବେଦନର ରାୟ ଜାନୁଆରୀ ୧୪ ରେ ପ୍ରକାଶ ପାଇବ। ତେବେ ୧୯୭୭ ରେ ଜାରି ହୋଇଥିବା ଆନ୍ତର୍ଜାତିକ ଜରୁରୀ ଆର୍ଥିକ କ୍ଷମତା ଆଇନ (ଇପା) ବଳରେ ଆମଦାନୀ ଉପରେ ଟାରିଫ ଲାଗୁ କରାଯାଇ ପାରିବ ବୋଲି ଆମେରିକା ଦର୍ଶାଯାଇଛି।

ଭେନେଜୁଏଲ ଘଟଣାକ୍ରମ ନିରଙ୍କୁଶ ଓ ନିର୍ବାଧାରେ ଅତିକ୍ରମ କରି ଯିବା ପରେ ରାଷ୍ଟ୍ରପତି ଟ୍ରମ୍ପ ଅପେକ୍ଷାକୃତ ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି। ତେଣୁ ଯେକୌଣସି ପ୍ରକାରେ ଗ୍ରୀନଲାଣ୍ଡକୁ ଆମେରିକାର ଅକ୍ତିଆରକୁ ଆଣିବା ସକାଶେ ସେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡ ଏକ ସ୍ୱୟଂସଂପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିଲେ ମଧ୍ୟ ଦେଶର ବୈଦେଶିକ ଓ ପ୍ରତିରକ୍ଷା ନୀତି ପାଇଁ ଡେନମାର୍କ ଉପରେ ନିର୍ଭରଶୀଳ। ଟ୍ରମ୍ପଙ୍କ ପ୍ରସ୍ତାବକୁ ଦୁଇରାଷ୍ଟ୍ର ଦୃଢ଼ ବିରୋଧ କରିଛନ୍ତି। ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ ଫ୍ରେଡେରିକ୍‌ସନ ସ୍ପଷ୍ଟ କରିଦେଇଛନ୍ତି ଯେ ଏକ୍ଷେତ୍ରରେ ଆମେରିକା ବଳପ୍ରୟୋଗ କଲେ ନାଟୋ ଭୁଶୁଡ଼ି ପଡ଼ିବ। ସେହିଭଳି ଆମେରିକାକୁ କୋକେନ୍ ଚୋରାଚାଲାଣ କରୁଥିବା ଦର୍ଶାଇ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କ ସହ ମୁହାଁମୁହିଁ ହୋଇଛନ୍ତି ଟ୍ରମ୍ପ। ଏବେ ତୃତୀୟ ଦିଗଟି ହେଲା ଇରାନ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଚାପରେ ଯେ କୌଣସି ସମୟରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଆମେରିକା। ଉଭୟ ପକ୍ଷ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

କ୍ଷମତା ଅଂକାରର ସ୍ଥିତି ଓ ବିସ୍ତୃତି ସବୁକାଳେ ସୀମିତ ସମୟ ପାଇଁ। ଟ୍ରମ୍ପଙ୍କୁ ଏକଥା ବୁଝାଇବାକୁ ବେଶୀଦିନ ଲାଗିବ ନାହିଁ। ଭାରତ ଆମେରିକାର ସ୍ୱାଭାବିକ ସହଯୋଗୀ। ସ୍ଥିର ରାଜନୀତି ଓ ବିଶାଳ ବଜାର ବ୍ୟବସ୍ଥାକୁ ନେଇ ନିଜର ଆର୍ଥିକ ସାମର୍ଥ୍ୟ ଜାହିର କରୁଥିବା ଭାରତ ଦକ୍ଷିଣ-ଏସିଆ କୂଟନୈତିକ କ୍ଷେତ୍ରକୁ ବଳ ଦେଇ ଆମେରିକାର ପ୍ରମୁଖ ସହଯୋଗୀ ହୋଇପାରିବ। ଏବେ ଭେନେଜୁଏଲାରୁ ତୈଳ ସଂଗ୍ରହ ପାଇଁ ଭାରତକୁ ସୁଯୋଗ ଦେଇ ଟ୍ରମ୍ପ ଆଗକୁ ସ୍ଥିତି ସୁଧାରିବେ ବୋଲି ଆଶା କରାଯାଇପାରେ।

## ସଫଳ କର୍ମ ସମ୍ପାଦନ ଓ ବ୍ୟବସ୍ଥିତ ବିଶ୍ରାମ

ଡ.ଉଷାରାଣୀ ଦାଶ

ବିଶ୍ରାମ ମଣିଷର ଶକ୍ତି, ସ୍ୱାସ୍ଥ୍ୟ, ସୃଜନଶୀଳତା, ସଫଳ କର୍ମ ସମ୍ପାଦନ ଓ ଜୀବନର ଉତ୍କର୍ଷ ପାଇଁ ଏକ ପ୍ରମୁଖ ଉପାଦାନ। ପରନ୍ତୁ ମାତ୍ରାଧିକ ବସ୍ତୁବାଦୀ ଚିନ୍ତାଧାରା, ସାମାଜିକ ଗଣମାଧ୍ୟମର ଚାପ, ମୋବାଇଲ, କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତ୍ତାର କରାଳଛାୟାର ପ୍ରଭାବ ସହିତ ଅତିରିକ୍ତ ଘରୋଇକରଣର ବିଷପ୍ରକ୍ରିୟାରେ ଆଜି ମଣିଷ ଜୀବନରୁ ବିଶ୍ରାମ ଶବ୍ଦଟି ଅପହରଣ ହୋଇ ସଂଜ୍ଞା ହରାଇଥିବା ପରି ଜଣାପଡ଼େ। ପିଲାଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶରୀର ଓ ମନକୁ ଅବିରତ ଅର୍ଥ ପଛରେ ନିୟୋଜିତ କରି ମାନସିକ, ଶାରୀରିକ ଓ ଆର୍ଥିକ ଭାରସାମ୍ୟ ହରାଇ ବସିଛି। ତଥାପି ଇନ୍‌ଫୋସିସର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପରି କିଛି ଉଦ୍ୟୋଗପତି ଭାରତର ଯୁବଶକ୍ତି ଦିନକୁ ୧୨ଘଣ୍ଟାରୁ ଅଧିକ ପରିଶ୍ରମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଚାଲିଛନ୍ତି। ଯଦିଓ ସରକାରଙ୍କ ନିୟମ ଅନୁସାରେ ଜଣେ ବ୍ୟକ୍ତି ଦିନକୁ ୮ ଘଣ୍ଟା କାର୍ଯ୍ୟ କରି ଠିକ ପାରିଶ୍ରମିକ ପାଇବାକୁ ହକଦାର, ତଥାପି ପ୍ରାୟ ୯୦ ପ୍ରତିଶତରୁ ଅଧିକ ଘରୋଇ ସଂସ୍ଥାରେ ଯୁବକଯୁବତୀମାନେ ଦୀର୍ଘବର୍ଷ ଧରି ଅଳ୍ପ ପାରିଶ୍ରମିକରେ ଦିନକୁ ୧୨ ରୁ ୧୬ ଘଣ୍ଟା କାମ କରି ଆସୁଛନ୍ତି, ଯାହା ସରକାରଙ୍କୁ ବା ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନଙ୍କ ପାଇଁ ଅଣଦେଖା ହୋଇରହିଯାଏ। କାରଣ ସେଠାରେ ମାନବିକତା ତୁଳନାରେ ଅର୍ଥାଗମକୁ ଗୁରୁତ୍ୱ ଦିଆଯାଏ। ମଣିଷର ଲୁହଲହୁରୁ ସେମାନେ ଆୟକୁ ଅନୈତିକ ଉପାୟରେ ବହୁଗୁଣିତ କରନ୍ତି।

ଯଦିଓ ଶ୍ରମ ବିନା ଜୀବନ ଅର୍ଥହୀନ, ବିଶ୍ରାମ ବିନା ଜୀବନ କ୍ଲାନ୍ତିମୟ ଓ ରୋଗାକ୍ରାନ୍ତ ହୋଇପଡ଼େ। ଆଧୁନିକ ଯୁଗରେ ମଣିଷ ଅତ୍ୟଧିକ ବ୍ୟସ୍ତତା, ପ୍ରତିଯୋଗିତା ଓ ଚାପରେ ରହି ବିଶ୍ରାମର ମୂଲ୍ୟକୁ ଅନେକ ସମୟରେ ଭୁଲିଯାଉଛି। କିନ୍ତୁ ଏହା ନିରାଟ ସତ୍ୟ ଯେ ବିଶ୍ରାମ ବିନା କୌଣସି ମଣିଷ ଦୀର୍ଘକାଳ ସୁସ୍ଥ, ସୁଖୀ ଓ ସଫଳ ହୋଇ ରହିପାରିବ ନାହିଁ। ବିଶ୍ରାମକୁ ଆଳସ୍ୟ କୁହାଯାଇ ନ ପାରେ, ବରଂ ଏହା ଶକ୍ତିର ପୁନଃଜାଗରଣ, ଯାହା କେବଳ କାମ ବନ୍ଦ କରି ଶୋଇ ରହିବାକୁ ସୂଚାଇବା ବଦଳରେ ଶରୀର ଓ ମନକୁ କ୍ଳାନ୍ତିରୁ ମୁକ୍ତ କରି ନୂତନ ଶକ୍ତି ସଞ୍ଚୟ କରିବାର ପ୍ରକ୍ରିୟାକୁ ବୁଝାଇଥାଏ। ଶୋଇବା, ଆରାମ କରିବା, ସଙ୍ଗୀତ ଶୁଣିବା, ପ୍ରକୃତି ସହ ସମୟ କାଟିବା ଆଦି ବିଶ୍ରାମର ରୂପ, ଯାହାକୁ ଶ୍ରମର ସଫଳତାର ଗୁପ୍ତ ମନ୍ତ୍ର, ଯନ୍ତ୍ରଣା ଉପଶମ ଓ ଆରୋଗ୍ୟ ପାଇଁ ତଥା ଅସ୍ୱସ୍ତି ଦୂର କରିବା ପାଇଁ ଏକ ଅବଧି ବୋଲି ଧରାଯାଇପାରେ।

ପ୍ରାଚୀନକାଳରୁ ବିଶ୍ରାମକୁ ମଣିଷ ଜୀବନର ଏକଅଂଶ ଭାବରେ ଗ୍ରହଣ କରାଯାଇଛି। ବୈଷ୍ଣବ ଧର୍ମରେ ଏହାକୁ ଭକ୍ତି ଅଭ୍ୟାସ ଏବଂ କ୍ଳାନ୍ତିରୁ ଉପଶମ ମାର୍ଗ କୁହାଯାଇଥିବା ବେଳେ ଆୟୁର୍ବେଦର 'ଅଷ୍ଟାଙ୍ଗ ହୃଦୟମ୍' ଅନୁସାରେ ଭଲ ଜୀବନ ସୁନିଶ୍ଚିତ କରିବା ପାଇଁ ସୁଷମ ଖାଦ୍ୟ, ସଂଯମ ଆଚରଣ ଓ ବିଶ୍ରାମ ବା ଭଲ ନିଦ୍ରା ହେଉଛି ତିନୋଟି ସ୍ତମ୍ଭ। ସେହିପରି ଭାରତୀୟ ଇତିହାସ ଓ ସ୍ୱାସ୍ଥ୍ୟ ବିଜ୍ଞାନରେ ଏହା ଆରାମ, ଆରୋଗ୍ୟ ଓ ଯନ୍ତ୍ରଣା ଉପଶମର ମାର୍ଗ ଭାବରେ ଗୃହୀତ। ଭାରତୀୟ ସଂସ୍କୃତିରେ ଯୋଗ ଓ ଧ୍ୟାନ ବିଶ୍ରାମର ରୂପ ସହିତ ବେଦ, ଉପନିଷଦ ଓ ଗୀତାରେ କର୍ମ ସହିତ ବିଶ୍ରାମର ସନ୍ତୁଳନର କଥା କୁହାଯାଇଛି। ବୌଦ୍ଧବାଣୀରେ 'ନ ଅତ୍ୟଧିକ ଭୋଗ, ନ ଅତ୍ୟଧିକ କଷ୍ଟ' ଓ 'ସାଙ୍ଖ୍ୟାନ-ଗୃହ୍ୟ-ସୂତ୍ର' ଅନୁସାରେ ବିଶ୍ରାମ ହେଉଛି ମଣିଷର ଆଶୀର୍ବାଦପୂର୍ଣ୍ଣ ଓ ଆନନ୍ଦମୟ ଗୃହ। ସେହିପରି ବାଲ୍ମୀକି ରାମାୟଣ ଅନୁସାରେ ବିଶ୍ରାମ ଶବ୍ଦଟି ଶାନ୍ତିର ଏକ ଅବସ୍ଥାକୁ ବୁଝାଏ। ସେଥିପାଇଁ କୁହାଯାଏ ବିଶ୍ରାମ ହେଉଛି ଜୀବନର ରିଚାର୍ଜ ବଟନ୍।

ଆଜିକାଲି ଅଧିକାଂଶ ଲୋକ ଲୋଭ, ଧନ ଓ ଛଦ୍ମ ସଫଳତା ପଛରେ ଧାବମାନ କାରଣରୁ ବିଶ୍ରାମକୁ ଅବହେଳା କରୁଛନ୍ତି, ଯାହା ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ବିଶ୍ରାମ ଅଭାବରେ ଟାଇପ୍ ୨ ମଧୁମେହ, ହୃଦରୋଗ, ସ୍ଥୂଳତା, ଅବସାଦ, ଦୁର୍ବଳତା, ପାକସ୍ଥଳୀ ସମସ୍ୟା, ଅନ୍ତଃସ୍ରାବୀ ରୋଗ, ମେଟାବୋଲିକ୍ ସିଣ୍ଡ୍ରୋମ୍, ସ୍ନାୟୁଗତ ବ୍ୟାଧି, ଚିଡ଼ିଚିଡ଼ାପଣ, ମାନସିକ ଚାପ ଆଦି ସମସ୍ୟା ସୃଷ୍ଟି ହୋଇ ପ୍ରାଣଘାତକ ହେଉଛି। ଯଦିଓ ଜୀବନରେ ଅର୍ଥ ଓ ପ୍ରକୃତ ସଫଳତା ଜରୁରୀ, କିନ୍ତୁ ସେଥିପାଇଁ ବିଶ୍ରାମକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ସମୟମତେ ବିଶ୍ରାମ ନେଲେ ଶରୀର ସୁସ୍ଥ ରହିବ ଓ ସଫଳତା ମଧ୍ୟ ଦୀର୍ଘକାଳୀନ ହେବ। ବିଶ୍ରାମହୀନତା ମଣିଷର କାର୍ଯ୍ୟକ୍ଷମତା କମାଇବା ସହିତ ଆୟୁକୁ ହ୍ରାସ କରିଥାଏ। ତେଣୁ 'ବେଟର ଲେଟ ଦାନ ନେଭର' ପ୍ରତି ଆମେ ଯତ୍ନଶୀଳ ହେବା ଜରୁରୀ।

ପୁରୁଣା ଦିନରେ ଲୋକମାନେ ଜାଣୁଥିଲେ ଯେ କାମ ଓ ବିଶ୍ରାମର ସନ୍ତୁଳନ ରହିଲେ ହିଁ ଜୀବନ ସୁସ୍ଥ ଓ ସୁଖମୟ ହୁଏ। ସେମାନଙ୍କର ଜୀବନଶୈଳୀ ସରଳ ଥିଲା ଏବଂ ପ୍ରକୃତି ସହ ଗଭୀର ସମ୍ପର୍କ ଥିବାରୁ ବିଶ୍ରାମ ସ୍ୱାଭାବିକ ଭାବେ ତାଙ୍କ ଜୀବନର ଏକ ଅଂଶ ଥିଲା। ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କର୍ମରତ, ମଧ୍ୟାହ୍ନରେ ବିଶ୍ରାମ ଓ ସନ୍ଧ୍ୟାରେ ପରିବାର ଓ ପଡ଼ୋଶୀଙ୍କ ସହ ସମୟ କାଟିବା ଥିଲା ଏକ ଚିରାଚରିତ ବିଶ୍ରାମ ପ୍ରକ୍ରିୟା। ଗାଁ ଚଉପାଢିରେ ଗପ, ଗୀତ ଓ ଭାଗବତ ଟୁଙ୍ଗୀରେ ଭଜନ ଆଦି ମାଧ୍ୟମରେ ମନକୁ ଶାନ୍ତ କରି ରାତିରେ ପର୍ଯ୍ୟାପ୍ତ ନିଦ୍ରାରେ ଶୋଇଯାଉଥିଲେ। ପର୍ବପର୍ବାଣି ଓ ଉତ୍ସବଗୁଡ଼ିକ ମଧ୍ୟ ବିଶ୍ରାମର ଏକ ଉପାୟ ଥିଲା। ରଜ, ନୂଆଖାଇ, ଦୀପାବଳୀ ପରି ପର୍ବଗୁଡ଼ିକରେ କାମକୁ କମ୍ କରି ସମସ୍ତେ ବିଶ୍ରାମ ଓ ବିନୋଦନରେ ମନ ଦେଉଥିଲେ। ଶାରୀରିକ କାମ ସହ ମାନସିକ ସନ୍ତୁଳନ ପାଇଁ ଯୋଗ, ପ୍ରାଣାୟାମ, ଧ୍ୟାନ ଓ ଭଜନର ଅଭ୍ୟାସ ଥିଲା। ଏହା ମନକୁ ସ୍ଥିର ରଖୁଥିଲା ଓ ଚିନ୍ତା ଦୂର କରୁଥିଲା। ଭାରତର ପାରମ୍ପରିକ ବିଶ୍ରାମ ବ୍ୟବସ୍ଥାମାନଙ୍କ ମଧ୍ୟରେ ଆଷାଢ଼ରୁ ଆଶ୍ୱିନ ପର୍ଯ୍ୟନ୍ତ ଚାରିମାସରେ ପାଳିତ ଚାତୁର୍ମାସ୍ୟ ବ୍ରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କେବଳ ମଣିଷମାନେ ବିଶ୍ରାମ ନେଉ ନଥିଲେ, ପ୍ରକୃତି ମଧ୍ୟ ବିନା ବାଧା ଓ ପ୍ରଭାବରେ ପୁନର୍ଜୀବିତ ହୋଇ ପାରୁଥିଲା। ଏତଦ୍‌ବ୍ୟତୀତ ଭାରତୀୟ ପରମ୍ପରାରେ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଆଦି ମାସିକ ଓ ପାକ୍ଷିକ ବିଶ୍ରାମ ଉପବାସ ମାଧ୍ୟମରେ ସ୍ଥିର ହୋଇଥିଲା, ଯାହା ଶରୀର ପାଇଁ ବିଶ୍ରାମ।

ଆଧୁନିକ ସହରୀ ଜୀବନରେ ଚାକିରିଜୀବୀମାନେ, ବିଶେଷକରି ବେସରକାରୀ ଅନୁଷ୍ଠାନର କର୍ମଚାରୀମାନେ, ଦୀର୍ଘସମୟ ପରିଶ୍ରମ କିମ୍ବା କମ୍ପ୍ୟୁଟର ସାମ୍ନାରେ ବସି କାମ କରନ୍ତି। ଟାର୍ଗେଟ୍ ପୂରଣର ଚାପ ହେତୁ ଘରକୁ ଫେରିଲେ ମଧ୍ୟ ଇମେଲ୍ ଓ ଅତିରିକ୍ତ କାମକୁ ମୋବାଇଲ୍ ଓ ଲାପଟପ୍‌ରେ କରିବାକୁ ବାଧ୍ୟ ହୁଅନ୍ତି। ସେମାନେ ସ୍ୱଳ୍ପ ପାରିଶ୍ରମିକରେ ଭବିଷ୍ୟତ ସୁଖଆଶାରେ ଦିନରାତି କାମ କରି ଶାରୀରିକ ରୋଗ ଓ ମାନସିକ ଚାପର ବଶବର୍ତ୍ତୀ ହେଉଛନ୍ତି। ପରିବାର ସହ ସମୟ କାଟିବା କିମ୍ବା ନିଜ ପାଇଁ କିଛିସମୟ ଦେବାକୁ ଭୁଲିଯାଉଛନ୍ତି। ଫଳରେ ପାରିବାରିକ ସୁଖଶାନ୍ତି ବ୍ୟାହାତ ହେଉଛି। ଛାତ୍ରଛାତ୍ରୀମାନେ ସଫଳତା ପାଇଁ ଅତ୍ୟଧିକ ଚାପରେ ରହି ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଶ୍ରାମ ପାଉ ନ ଥିବାରୁ ଶାରୀରିକ ଓ ମାନସିକ ଥକ୍କାପଣର ସମ୍ମୁଖୀନ ହେଉଛନ୍ତି।

ପାରମ୍ପରିକ ଜ୍ଞାନ ପରି ଆଧୁନିକ ଗବେଷଣାରୁ ଜଣାଯାଇଛି ବିଶ୍ରାମ ମଧ୍ୟ କାର୍ଯ୍ୟ ପରି ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଶରୀରକୁ ବିଶ୍ରାମ ଦେଉ ତେବେ ବ୍ୟସ୍ତବହୁଳ ଜୀବନଶୈଳୀରୁ ଜାତ ରୋଗରୁ ନିଜକୁ ସୁସ୍ଥ ରଖିପାରିବା। ତେଣୁ ଆମ ଜୀବନରେ ପୁଣି ଥରେ ଶୈଳୀ ଅନୁସାରେ ବିଶ୍ରାମ ନେବାର ସମୟ ଆସିଛି। ସେଥିପାଇଁ ସର୍ବପ୍ରଥମେ ୨୪ ଘଣ୍ଟିଆ କାର୍ଯ୍ୟ କରିବାର ସଂସ୍କୃତିକୁ ତ୍ୟାଗ କରିବାକୁ ପଡ଼ିବ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ଶୋଇବା ନିମିତ୍ତ ବିନିଯୋଗ କରିବାକୁ ପଡ଼ିବ। କାର୍ଯ୍ୟସମୟ ବାହାରେ କାର୍ଯ୍ୟ-ସମ୍ବନ୍ଧୀୟ ଯୋଗାଯୋଗକୁ ଅଣଦେଖା କରିବାକୁ ହେବ। ବ୍ୟକ୍ତି, ସମାଜ, କାର୍ଯ୍ୟାଳୟ ଓ ସରକାର ବିଶ୍ରାମକୁ ମାନବୀୟ ଅଧିକାର ଭାବରେ ସ୍ୱୀକାର କରି ଏକ ସ୍ପଷ୍ଟ ନୀତି, ନିୟମ କିମ୍ବା ସଂକଳ୍ପ ନେବା ଆବଶ୍ୟକ। ବିଶ୍ରାମ ଅଧିକାରକୁ ସଂରକ୍ଷିତ କରିବା ପାଇଁ ପ୍ରସ୍ତାବିତ 'ଅଧିକାର ବିଚ୍ଛିନ୍ନ ବିଲ୍' ର ନୂତନତମ ସଂସ୍କରଣ ଉପରେ ସଂସଦରେ ହୋଇଥିବା ବିତର୍କ ସ୍ୱାଗତଯୋଗ୍ୟ। ଆମେ ନିଜ ଜୀବନ ଓ ପରିସଂସ୍ଥା ପାଇଁ ସକ୍ରିୟ ଭାବରେ ବିଶ୍ରାମକୁ ଅନୁସରଣ କରିବା ଆବଶ୍ୟକ। ପ୍ରତ୍ୟେକ କାର୍ଯ୍ୟନିର୍ଘଣ୍ଟ ୮ ଘଣ୍ଟାରୁ ଅଧିକ ହେବା ଉଚିତ ନୁହେଁ ଏବଂ କାର୍ଯ୍ୟସ୍ଥଳରେ 'ସ୍ୱଳ୍ପବିଶ୍ରାମ'ର ଏକ ନିର୍ଘଣ୍ଟର ଆବଶ୍ୟକ। ସରକାରୀ ବା ବେସରକାରୀ ସଂସ୍ଥାରେ ସମାନ କାର୍ଯ୍ୟ ପାଇଁ ସମାନ ବେତନ ବ୍ୟବସ୍ଥା କଡ଼ାକଡ଼ି ଭାବରେ ପାଳନ ହେବା ଆବଶ୍ୟକ, ଯାହା ସମସ୍ତ କର୍ମଚାରୀଙ୍କୁ ସମ୍ମାନର ସହିତ କାର୍ଯ୍ୟ କରିବା ସହିତ ଗୁଣାତ୍ମକ ଫଳାଫଳ ଦେଇପାରିବ।

ଭାରତୀୟ ସଂସ୍କୃତିରେ ଜୀବନକୁ କେବଳ କର୍ମମୟ ନୁହେଁ, ବରଂ ଶ୍ରମ ଓ ବିଶ୍ରାମର ସନ୍ତୁଳନ ଭାବରେ ଦେଖାଯାଇଛି। ଆଧୁନିକ ଯୁଗରେ ଯଦିଓ ସପ୍ତାହାନ୍ତ ଦିନେ ବା ଦୁଇଦିନ ଛୁଟି ପ୍ରଦାନ କରାଯାଉଛି, ଭାରତୀୟ ପରମ୍ପରାରେ ଦିନ, ମାସ ଓ ଋତୁ ଆଧାରିତ ବିଶ୍ରାମ ବ୍ୟବସ୍ଥା ରହିଥିଲା। ଭାରତୀୟ ଜୀବନଦର୍ଶନରେ ବିଶ୍ରାମକୁ ଶରୀର, ମନ ଓ ପ୍ରକୃତିକୁ ସନ୍ତୁଳିତ ରଖିବାର ଉପାୟ ଭାବରେ ଦେଖାଯାଇଛି। ଯୋଗ, ଧ୍ୟାନ, ବ୍ରତ, ଉପବାସ ଓ ପର୍ବପର୍ବାଣୀ ସବୁର ମୂଳରେ ବିଶ୍ରାମର ତତ୍ତ୍ୱ ଲୁକ୍କାୟିତ ହୋଇ ରହିଛି। ତେଣୁ ବିଶ୍ରାମ ଶରୀରର ମୌନ ଚିକିତ୍ସା ଓ ସଫଳ କର୍ମ ସମ୍ପାଦନର ମାର୍ଗ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## ଜୀବେ ଦୟା

ଡ଼ ସୀତାକାନ୍ତ ତ୍ରିପାଠୀ

ଜଣେକ ବ୍ୟବସାୟୀ ରାସ୍ତାରେ ପାରାମାନଙ୍କୁ ଖାଇବାକୁ ଦେଉଥିବାରୁ ତାଙ୍କୁ ଏକ ଅଦାଲତ ପାଞ୍ଚହଜାର ଟଙ୍କା ଜୋରିମାନା କରିଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ସାଧାରଣ ଜନମାନସରେ ଅନେକ ଅବୁଝା ପ୍ରଶ୍ନ ଉଙ୍କି ମାରିଛି। ଜୀବମାନଙ୍କୁ ଦୟା କରିବା ପାଇଁ ସମସ୍ତ ଧର୍ମର ଶାସ୍ତ୍ରପୁରାଣଗୁଡ଼ିକ ଉତ୍ସାହିତ କରିଥା'ନ୍ତି। ଏଥିପାଇଁ କେତେ ଗଳ୍ପ, ଆଖ୍ୟାୟିକା ଓ ଉଦାହରଣ ମଧ୍ୟ ରହିଛି। ତେବେ ଅଦାଲତଙ୍କର ଇଏ କି ଅଜବ ନିର୍ଦ୍ଦେଶନାମା? କଥା ହେଉଛି ପାରାମାନଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ପାଇବା ଫଳରେ ସେମାନଙ୍କ ମଳରୁ ଅନେକ ରୋଗର ଉତ୍ପତ୍ତି ହେଉଛି, ଯେଉଁଥିପାଇଁ ସ୍ଥାନୀୟ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପାରାମାନଙ୍କର ବଂଶବୃଦ୍ଧି ସହିତ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କର ଖାଦ୍ୟଦାନର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ସେମାନଙ୍କୁ ଶିକାର ନକରି ଅଭୟ ପ୍ରଦାନ କରୁଥିବା ଲୋକମାନେ ମଧ୍ୟ 'ଜୀବେଦୟା' ଦର୍ଶନର ବିଶ୍ୱାସୀ ନୁହଁନ୍ତି କି?

ପରିବେଶଗତ ସନ୍ତୁଳନ ପାଇଁ ପ୍ରାକୃତିକ ଭାବେ ଖାଦ୍ୟ ଶୃଙ୍ଖଳ ରହିଛି। ଏଥିରେ ଖାଦ୍ୟ ଓ ଖାଦକର ସମ୍ପର୍କ ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଥାଏ। ସେହିକ୍ରମରେ ଦେଖିବାକୁ ଗଲେ ମଣିଷ ପ୍ରାକୃତିକ ଭାବେ ଖାଦକ ନୁହେଁ। ତେବେ ବିଭିନ୍ନ କାରଣରୁ ସିଏ ପଶୁ-ପକ୍ଷୀମାନଙ୍କୁ ଶିକାର କରିଥାଏ। ଯାହାଫଳରେ କିଛି ପ୍ରଜାତିର ପଶୁ-ପକ୍ଷୀ ଏବେ ବିଲୋପ ହେବାକୁ ବସିଲେଣି। ଅନେକ ସମୟରେ 'ଜୀବେଦୟା'କୁ ଲୋକମାନେ ଏକ ନିର୍ଦ୍ଦିଷ୍ଟ ପଶୁ କିମ୍ବା ପକ୍ଷୀଙ୍କୁ ବୁଝିଥା'ନ୍ତି। ଏଥିପାଇଁ କିଏ ରାସ୍ତାକଡ଼ରେ କୁକୁରମାନଙ୍କୁ ଖାଇବା ପାଇଁ ଦେଉଥିବା ବେଳେ ଆଉ କେହି ଉଇହୁଙ୍କାରେ ରହୁଥିବା ସାପମାନଙ୍କୁ କ୍ଷୀର ଦେବା ପାଇଁ ଚେଷ୍ଟା କରିଥା'ନ୍ତି କିମ୍ବା ପିମ୍ପୁଡ଼ି ଗାତରେ ଚିନି ଭରିଥା'ନ୍ତି। ଯେଉଁ ସାପମାନଙ୍କୁ ଜଣେ ଭକ୍ତ ମନ୍ଦିରରେ କିମ୍ବା ଉଇ ହୁଙ୍କାରେ କ୍ଷୀର ଦେଇଥାଏ, ସେଇମାନଙ୍କୁ ଅନ୍ୟ ଜାଗାରେ ମାରିବା ପାଇଁ ସିଏ ପଛାଏ ନାହିଁ। ଅନ୍ୟ କେତେକ କ୍ଷେତ୍ରରେ ତଥାକଥିତ ଦୟାଳୁମାନେ ଖାଦ୍ୟଦାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ପ୍ରୟାସ କରୁଥିବା ବେଳେ ନିଜ ଘରେ ଥିବା ବୟସ୍କ ବ୍ୟକ୍ତି, ସାହି ପଡ଼ିଶା ତଥା ଅଧସ୍ତନ କର୍ମଚାରୀମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର, ଅଭଦ୍ରୋଚିତ ବ୍ୟବହାର କିମ୍ବା ହତାଦର କରିବା ପାଇଁ ପଛଘୁଞ୍ଚା ଦେଇ ନଥା'ନ୍ତି। ତେଣୁ 'ଜୀବେଦୟା'ର ପ୍ରକୃତ ଅର୍ଥ କ'ଣ?

ଜଣକ ପ୍ରତି ଦୟାଶୀଳ ହେବା ବେଳେ ଅନ୍ୟମାନଙ୍କ ପ୍ରତି ସଠିକ ଆଚାର ବ୍ୟବହାର ପ୍ରତି ମଧ୍ୟ ଲକ୍ଷ୍ୟ କରିବାର ଅଛି। ଜଣଙ୍କର ଉନ୍ନତି ଆଉ କାହାର କ୍ଷତିର କାରଣ ନ ହେବା ଦରକାର। ସେହି ନ୍ୟାୟରେ କାହାର ବଂଶବୃଦ୍ଧି ଏବଂ ଆଉ କାହାର ବଂଶବିନାଶର କାରଣ ନହେବା ଉଚିତ୍। ସେକଥା ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷମାନଙ୍କୁ କ'ଣ ଅଜଣା? ଯେଉଁମାନେ ଲୋକମାନଙ୍କୁ ଅନ୍ନଦାନ କରି ପୁଣ୍ୟାର୍ଜନ କରିବା ପାଇଁ ପ୍ରୟାସ କରିଥା'ନ୍ତି କିମ୍ବା ସମାଜରେ ଆଦୃତ ହେବା ପାଇଁ ଚାହିଁଥା'ନ୍ତି ନେପଥ୍ୟରେ ସେମାନେ ଚାଉଳରେ ଗୋଡ଼ି ମିଶାଇ କିମ୍ବା ଖାଦ୍ୟରେ ଅପମିଶ୍ରଣ କରି ଲୋକମାନଙ୍କର ପ୍ରାଣଘାତକ ହୋଇଥିବାର ଉଦାହରଣ ଆମ ସମାଜରେ ମଧ୍ୟ ଦେଖାଯାଇଥାଏ। ତେଣୁ 'ଜୀବେଦୟା'କୁ ଆମେ କେଉଁ ସଂଜ୍ଞା ଦେବା ତାହା ଏକ ପ୍ରଶ୍ନବାଚୀ ନୁହେଁ କି?

ଆମ ଶାସ୍ତ୍ର କହେ 'କୀଟ ପତଙ୍ଗ ତରୁ ତୃଣ, ସବୁଠି ବିଜେ ନାରାୟଣ'। ଏହି ଦର୍ଶନକୁ ଆଧାର କରି ପଥର, କାଠ, ନଦୀ, ବୃକ୍ଷ, ଲତା, ଜୀବ, ଜନ୍ତୁ ସବୁଙ୍କୁ ଧାର୍ମିକ ଆଧାରରେ ପୂଜା କରାଯାଏ। ଯାହାଫଳରେ ସନ୍ତୁଳିତ ପରିବେଶ ବଜାୟ ରହିବା ସହିତ ସାମାଜିକ ସହାବସ୍ଥାନ ରହିପାରିବ। 'ଜୀବେଦୟା'ର ଅର୍ଥ ନୁହେଁ ମୁଖରେ ହରି, ପେଟରେ ଛୁରୀ। ଜଣଙ୍କୁ ଆଦର ଅଭ୍ୟର୍ଥନା କରିବା ସମୟରେ ଅନ୍ୟମାନଙ୍କୁ ହତାଦର କରିବା ମାନବିକତାର ପରିପନ୍ଥୀ। ପଶୁ-ମଣିଷ ଲଢ଼େଇର ଦ୍ୱାହି ଦେଇ ଆମେ ବଣ୍ୟଜନ୍ତୁମାନଙ୍କୁ ଶିକାର କରିବା, ଉତ୍ପାଦନ ବୃଦ୍ଧି ପାଇଁ ଜମିରେ ବିଷ ପ୍ରୟୋଗ କରିବା, ଖଣି ଓ କଳ କାରଖାନା ସ୍ଥାପନ ପାଇଁ ସବୁଜ ବନାନି ଓ ପାହାଡ଼ମାନଙ୍କୁ ଧ୍ୱଂସ କରିବା ଏ ସମସ୍ତ କଥା ହେଉଛି 'ଜୀବେଦୟା'ର ପରିପନ୍ଥୀ। ତେବେ ଆମେ କ'ଣ ଏସବୁକୁ ବ୍ୟବହାର ନ କରି ବଞ୍ଚିପାରିବା? ଏହାର ବିକଳ୍ପ କ'ଣ?

କଥାରେ ଅଛି, ମଣିଷର ଆବଶ୍ୟକତା ପୂର୍ଣ୍ଣ ପାଇଁ ପ୍ରକୃତି ସବୁକିଛି ଦେଇ ପାରିବ, କିନ୍ତୁ ତା'ର ଲୋଭ ଓ ଅହଙ୍କାର ପାଇଁ ଏହା ଧ୍ୱଂସ ହୋଇଯିବ। ତେଣୁ ପରିବେଶ ସନ୍ତୁଳନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସର୍ବୋପରି ଏକ ସୁସ୍ଥ ସମାଜ ପାଇଁ 'ଜୀବେଦୟା'ର ପ୍ରକୃତ ଅର୍ଥକୁ କାମରେ ଲଗାଇବାର ଅଛି। 'ଜୀବେଦୟା'ର ସଂଜ୍ଞା ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ଅଲଗା ହୋଇଥାଏ। କାହାରି ପ୍ରତି ଦୟା କରୁଥିବା ବେଳେ ସିଏ ଯେମିତି ଅନ୍ୟ କାହାର କ୍ଷତିର କାରଣ ନହେବ ସେଥିପ୍ରତି ଦୟାଳୁ ବ୍ୟକ୍ତିଜଣକ ଦୃଷ୍ଟି ଦେବାର ଅଛି। କାହା ପ୍ରତି କେତେବେଳେ ଓ କେଉଁ ଢଙ୍ଗରେ ଦୟା କରାଯିବା ଉଚିତ୍ ତାହା ବିଚାର୍ଯ୍ୟ। ନହେଲେ ଜଣଙ୍କ ପ୍ରତି 'ଜୀବେଦୟା' ଅନ୍ୟପ୍ରତି ଜୀବହିଂସାର ସଂଜ୍ଞା ଭାବେ ରୂପାନ୍ତରିତ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇପାରେ।

ଅର୍ଣ୍ଣପାଳ(ଭଦ୍ରକ)
ମୋ: ୯୭୭୮୭୬୪୩୯୪

## ନାରୀର ଲୁହ ଓ ପୁରୁଷର ମନ

### ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଲୁହକଥା ଚିନ୍ତା କଲେ ପ୍ରଥମେ ମନକୁ ଆସେ ସୁପ୍ରସିଦ୍ଧ ହିନ୍ଦୀ କବି ଜୟଶଙ୍କର ପ୍ରସାଦଙ୍କ 'ଆଂଶୁ' କବିତାର ପଂକ୍ତିଟିଏ। ଏହାର ଓଡ଼ିଆ ଅନୁବାଦ ହେଲା - 'ଯାହାଥିଲା ଘନୀଭୂତ ପୀଡ଼ା, ସ୍ମୃତି ରୂପେ ଏ ମୋର ମାନସେ, ଏ ଦୁର୍ଦ୍ଦିନେ ଅଶ୍ରୁରୂପେ ସେ ଆଜି ବରଷେ।' ଅବଶ୍ୟ ତାଙ୍କ କଥା ଅନେକାଂଶରେ ସତ୍ୟ। କାରଣ, କେବେ କେମିତି ଆମେ ଆନନ୍ଦାଶ୍ରୁ ବୁହାଇଲେ ମଧ୍ୟ ଅଧିକାଂଶ ସମୟରେ ଦୁଃଖରେ ହିଁ ଅଶ୍ରୁପାତ କରିଥାଉ। ଏ ଉଭୟପ୍ରକାର ଭାବପ୍ରବଣତା ଜନିତ ଲୁହର ରାସାୟନିକ ସଂରଚନା ଭିନ୍ନ ଭିନ୍ନ। ଏହାବ୍ୟତୀତ ଆଖିରେ ଯନ୍ତ୍ରଣା ହେଲେ ମଧ୍ୟ ଲୁହ ଝରିଥାଏ, ଯାହାକି ଭିନ୍ନ ଧରଣର।

ଏହି ସବୁଗୁଡ଼ିକ ମଧ୍ୟରେ ଦୁଃଖରେ କାନ୍ଦିବାର ଲୁହ ଅଧିକ ଶକ୍ତିଶାଳୀ। ଏଥିସହିତ ଶରୀରରୁ ନିଷ୍କାସିତ ହୋଇଯାଏ ଆମ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ। ଫଳରେ ମନ ହାଲୁକା ହୋଇଯାଏ। ପୁନଶ୍ଚ ନାରୀ ଓ ପୁରୁଷଙ୍କ ଲୁହର ରାସାୟନିକ ସଂରଚନାରେ ମଧ୍ୟ ପ୍ରଭେଦତା ରହିଛି। ତେବେ ତନ୍ମଧ୍ୟରୁ ନାରୀର ଲୁହ ଅଧିକ ପ୍ରଭାବଶାଳୀ। ଏଥିରେ ଥିବା କିଛି ରସାୟନ ଆଘ୍ରାଣ କଲେ ପୁରୁଷର ଆକ୍ରମଣାତ୍ମକ ସ୍ୱଭାବ ପ୍ରଶମିତ ହୁଏ ବୋଲି ଜଣାପଡ଼ିଛି। ଏହା ଅନୁଯାୟୀ ପ୍ରତ୍ୟେକ ଲୋକର କ୍ରନ୍ଦନ ଜନିତ ଲୁହ ତା' ସଂସ୍ପର୍ଶରେ ଆସୁଥିବା ଅନ୍ୟ ପ୍ରତି ଏକ ରାସାୟନିକ ସଂକେତ ବହନ କରିଥାଏ। ତେବେ ପୁରୁଷ ଉପରେ ନାରୀ ଲୁହର ପ୍ରଭାବ ସର୍ବାଧିକ ବୋଲି କିଛିବର୍ଷ ତଳେ ଗବେଷଣା ପତ୍ରିକା 'ସାଇନସ୍'ରେ ସୂଚୀତ କରିଥିଲେ ଇସ୍ରାଏଲର ୱିଜ୍‌ମ୍ୟାନ୍ ଇନଷ୍ଟିଚ୍ୟୁଟ୍ ସ୍ନାୟୁବିଜ୍ଞାନୀ ନୋଆମ ସୋବେଲ୍। ତାଙ୍କ ସହଯୋଗୀମାନେ ସେମାନଙ୍କ ଅଧ୍ୟୟନ ଅନୁସାରେ ଏହା ପୁରୁଷଠାରେ ଆକ୍ରମଣାତ୍ମକ ମନୋଭବ ଏବଂ ଯୌନ ପ୍ରବଣତାକୁ ବହୁମାତ୍ରାରେ ପ୍ରଶମିତ କରି ତା' ମନରେ ସକାରାତ୍ମକ ଚିନ୍ତାଧାରାର ଉଦ୍ରେକ ଘଟାଏ। ସେମାନେ ତାଙ୍କ ଅଧ୍ୟୟନରେ ନେଇଥିବା ଦୁଇଦଳ ପୁରୁଷମାନଙ୍କ ମଧ୍ୟରୁ ଗୋଟିକୁ ନାରୀମାନଙ୍କଠାରୁ ସଂଗୃହୀତ ଲୁହ ଏବଂ ଅନ୍ୟଟିକୁ ସାଧାରଣ ଲୁଣ ପାଣି ଆଘ୍ରାଣ କରିବାକୁ ଦେଇ ସେମାନଙ୍କ ଭାବପ୍ରବଣତାରେ ଆସୁଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରିଥିଲେ।

ଅବଶ୍ୟ ଆଜି ପର୍ଯ୍ୟନ୍ତ ଏ ଅଧ୍ୟୟନ କରାଯାଇଛି ସୀମିତ ରୂପେ। ତେବେ ତହିଁରେ ବ୍ୟବହୃତ ହୋଇଛି ବହୁ ଉନ୍ନତ ପ୍ରଯୁକ୍ତିବିଦ୍ୟା। ଫଳରେ ଏ ସମୟରେ ପୁରୁଷର ଶରୀରରେ ଫୁଂହରମୋନ 'ଟେଷ୍ଟୋଷ୍ଟେରନ'ର ମାତ୍ର ହ୍ରାସ ହେବାର ଜଣାପଡ଼ିଛି। ପୁନଶ୍ଚ ତା' ମସ୍ତିଷ୍କରେ ସାମୟିକ ଗାଠନିକ ପରିବର୍ତ୍ତନ ଏବଂ ତା'ଠାରେ ଯୌନ ପ୍ରବଣତା ହ୍ରାସ ହେବାର ମଧ୍ୟ ଦେଖାଯାଇଛି। ସୋବେଲ୍‌ଙ୍କ ମତରେ ନାରୀ ଲୁହ ଏପରି ରାସାୟନିକ ସଂକେତ ଦିଏ, ଯାହାକୁ ଏକ ଭାଷା ବୋଲି ମନେ କରାଯାଇପାରିବ। ପୁରୁଷର ମସ୍ତିଷ୍କ ତାହା ବୁଝିପାରେ ଏବଂ ତା'କୁ ଆକ୍ରମଣାତ୍ମକ କିମ୍ବା ଯୌନପ୍ରବଣ ହେବାରୁ ନିବୃତ୍ତ କରେ। ଅବଶ୍ୟ ଏହି ପ୍ରତିକ୍ରିୟାଗୁଡ଼ିକ ନିର୍ଦ୍ଦିଷ୍ଟ ରୂପେ ବୁଝିବାକୁ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା ବୋଲି ତାଙ୍କର ମତ।

ପୁନଶ୍ଚ ସୋଗଲେ କହନ୍ତି ଯେ ଲୁହର ଏପ୍ରକାର ରାସାୟନିକ ସଂକେତ ପ୍ରଦାନକାରୀ ପ୍ରକ୍ରିୟା କେବଳ ମଣିଷ ମଧ୍ୟରେ ସୀମିତ କି ଅନ୍ୟ ଜୀବମାନଙ୍କ ପ୍ରତି ପ୍ରଯୁଜ୍ୟ ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ। ତେବେ ମୂଷାଠାରେ ହୋଇଥିବା ଏକ ପରୀକ୍ଷାରୁ ଏଭଳି ସମ୍ଭାବନା ଥିବାର ମନେ ହେଉଛି। ଏଥିରେ ମାଈମୂଷାମାନଙ୍କଠାରୁ ସଂଗୃହୀତ ଲୁହକୁ ଅଣ୍ଡିରା ମୂଷାମାନଙ୍କ ମୁହଁରେ ବୋଳି ଦଆଯାଇଥିଲା। ତାହା ତାଙ୍କ ଉଦ୍ଦାମତା ଓ ଯୌନପ୍ରବଣତାକୁ ହ୍ରାସ କରିବାର ଦେଖାଯାଇଥିଲା। ସେମାନେ ଶାନ୍ତ ଆଚରଣ ଦେଖାଇଥିଲେ। ଅତଏବ ଏଥିରୁ ମନେହୁଏ ଯେ ଏପ୍ରକ୍ରିୟା ହୁଏତ ଜୀବଜଗତର ଅନ୍ୟକେତକ ପ୍ରାଣୀମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଦୂଷଣ ପ୍ରମାଣପତ୍ର ନାମରେ ଲୁଟ୍‌ର ପ୍ରତିବାଦ

# ଗର୍ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ବାରିପଦା, ୧୨।୧(ସମିସ): ପ୍ରଦୂଷଣ ପ୍ରମାଣପତ୍ର ନାମରେ ବିଜେପି ସରକାର ସାଧାରଣ ଲୋକଙ୍କୁ ଲୁଟୁଛି। ଏପରି ଅଭିଯୋଗ କରି ସୋମବାର ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜନ କରିଛନ୍ତି। ସରକାରଙ୍କ ଏହି

### ଜିଲ୍ଲାପାଳଙ୍କ ଅଫିସ୍ ଘେରଉ

ଜନବିରୋଧୀ ନୀତି ବିରୋଧରେ ଏକ ବିଶାଳ ପ୍ରତିବାଦ ସଭା କରାଯାଇଥିଲା। ଯୁବ ଓ ଛାତ୍ର ନେତାମାନେ ରାଜ୍ୟ ସରକାରଙ୍କ ଅନ୍ଧନୀତିକୁ କଟୁ ଆଲୋଚନା କରିଥିଲେ।

ମୟୂରଭଞ୍ଜ ଯୁବ ସଭାପତି ଅରୁଣ ବରାଡ଼ ଓ ଛାତ୍ର ସଭାପତି ସୁନୀଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ବିଜୁ ଛାତ୍ର ସଭାପତି ଇପସିତା ସାହୁ, ମୟୂରଭଞ୍ଜ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଥିଲେ। ସେମାନେ କହିଥିଲେ ଯେ ସରକାରଙ୍କ ଏହି ଅନ୍ଧନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ରାଜ୍ୟବାସୀ ଦହଗଞ୍ଜ ହେଉଛନ୍ତି। ପରେ ଦଳ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ




ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ଶ୍ରୀନାଥ ସୋରେନ୍, ରାଇସେନ୍ ମୁର୍ମୁ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଧୀରେନ ନାୟକ, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ଉପନଗର ପାଲ ସୀମା ଦାସ, ପ୍ରଭାତ ନାୟକ, ପ୍ରଭାତ ମହାନ୍ତି, ସୁଧନ୍ୟା ନାୟକ, ସୁନ୍ଦର ସିଂ, ନରେନ୍ଦ୍ର ହାଁସଦା, ସୁବୋଧ ମାର୍ଣ୍ଡି, ଅବଦୁଲ ହବିବ, ଆଭାସ ଦେ, ରାଜୀବ ଜେନା, ରଜନୀକାନ୍ତ ମହାନ୍ତ, ହରେକୃଷ୍ଣ ଦାସ, ଦେବଜିତ ପଟ୍ଟନାୟକ, ବିକାଶ ମହାନ୍ତ, ଶିବଶଙ୍କର ପାତ୍ର, ଆଶୀର୍ବାଦ ଦାସ, କାମିନୀକାନ୍ତ ପରିଡା, ସେକ୍ ହାକିମ, ଧାନି କିସ୍କୁ, ମଝିଆ ଟୁଡୁ, ନିରଜ୍ ଦାସ, ସରୋଜ୍ ବୋସ, ଅନନ୍ତ ଦାସ, ଦେବାଶିଷ ପାତ୍ର, ସୁଜିତ ମହାନ୍ତି, ସୁଧୀର ବାରିକ, କୁମାର ମୁଖି, ପ୍ରଭାତୀ ପୃଷ୍ଟି, ଅମର ସେଠୀ, ସୁକେଶିନୀ ସେଠୀ, ରାଜ ଗୁପ୍ତା, ଅନୁରାଧା ମହାନ୍ତି, ବିଶ୍ୱଜିତ୍ ପରିଛା, ଚିତେଶ୍ୱର ବେହେରା, ମନିସଙ୍କର ବାରିକ୍, ଖେଲାରମ୍ ଟୁଡୁ, ସାଗର ସାହୁ, ଚନ୍ଦ୍ରଶେଖର ସାହୁ, ଅମ୍ବିକା ରାଉତ୍, ସେକ୍ ଅମନ୍‌ଉଲ୍ଲା, ଗୋବିନ୍ଦ ବେହେରା, ବାବୁ ସେଜପଡ଼ା, ଭବାନୀ ଧଡା, ଶୈଳେଶ ବିଶ୍ୱାଳ, ଆଶିଷ ଦାସ, ଅଭିଜିତ କଲିଆ, ଦେବବ୍ରତ ସେନାପତି, ଅମରଜିତ୍ ସେଠୀ, ସୁଶାନ୍ତ ପଷା, ଦୀପକ ମଡୁଆଲ, ଭୀଷ୍ମ ମହାନ୍ତ, ନୀହାର ରଞ୍ଜନ ମହାପାତ୍ର, ସୁମନ୍ତ ମହାନ୍ତ, ଅଶ୍ୱିନୀ ମହାନ୍ତ, ଅକ୍ଷୟ ସାହୁ, ସତ୍ୟଜିତ ଦତ୍ତ, ବାପି ମହାନ୍ତ, ଅମିତ ମହାକୁଡ, ଅମିତ ବୈଠାଙ୍କ ସମେତ ବହୁ ଯୁବ ସ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାଙ୍ଗୀରେ ଅବକାରୀ ଚଢ଼ଉ: ୨୯ ଲକ୍ଷର ବ୍ରାଉନସୁଗର ଜବତ

କଟକ,୧୨।୧(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ନିଶା କାରବାର ସୂଚନା ପାଇ ଟାଙ୍ଗୀ ଅଞ୍ଚଳରେ ବଡ ଧରଣର ଚଢଉ କରିଛି। ସେଠାରୁ ୨ ଜଣ ପେସାଦାର ନିଶା ବେପାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ସୋଲାର ଗାଁର ପ୍ରକାଶ କୁମାର ମହାପାତ୍ର(୪୭) ଓ ପର୍ଶୁରାମ ସାହୁ(୩୪)। ଏମାନଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି।

ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ଜାତୀୟ ରାଜପଥର ଟାଙ୍ଗୀ ଛକ ନିକଟରେ ପ୍ରକାଶ ନିଶାଦ୍ରବ୍ୟ ଧରି ବସ ଅପେକ୍ଷାରେ ଛିଡା ହୋଇଥିଲା। ଏହି ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ତାକୁ ଗିରଫ କରିଥିଲା। ସହଯୋଗୀ ପର୍ଶୁରାମ ମଧ୍ୟ ନିଶାଦ୍ରବ୍ୟ ଧରି ଆସିଥିବା ସମ୍ପର୍କରେ ପ୍ରକାଶ ପାଖରୁ ସୂଚନା ମିଳିଥିଲା। ଏହାପରେ ଅବକାରୀ ଟିମ ନିକଟସ୍ଥ ଗୋବିନ୍ଦପୁର ଓଭରବ୍ରିଜ ନିକଟରେ ଚଢଉ କରିଥିଲା। ସେଠାରେ ଗ୍ରାହକ ଅପେକ୍ଷାରେ ଥିବା ପର୍ଶୁରାମକୁ ଗିରଫ କରାଯାଇଥିଲା। ଉଭୟଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କା ହେବ। ଉଭୟ ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ଯାଜପୁର ସମେତ ଟାଙ୍ଗୀ, ଛତିଆ ଅଞ୍ଚଳରେ କାରବାର କରୁଥିବା ଜଣାପଡିଛି। ଏମିତିକି ସେମାନେ ବସ ଯୋଗେ ନିଶାଦ୍ରବ୍ୟ ଧରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଜଣାପଡିଛି। ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସ୍ରୋ ମିଶନ...

ସେଥିରେ ଥିଲା ଭାରତର ଗୁଇନ୍ଦା ଉପଗ୍ରହ 'ଅନ୍ୱେଷ'। ଗତବର୍ଷ ମଧ୍ୟ ପିଏସ୍‌ଏଲ୍‌ଭି ଉତ୍‌କ୍ଷେପଣର କିଛି ସମୟ ପରେ ଗତିପଥରୁ ବାହାରି ଯାଇଥିଲା। ତୃତୀୟ ପର୍ଯ୍ୟାୟରେ ତ୍ରୁଟି ଯୋଗୁଁ ଏହା ଫେଲ୍ ମାରିଥିଲା। ସୂଚନାଯୋଗ୍ୟ ଯେ ଇସ୍ରୋ ପକ୍ଷରୁ ଆଜି ସୁଦ୍ଧା ୬୪ ଥର ପିଏସ୍‌ଏଲ୍‌ଭିର ଉତ୍‌କ୍ଷେପଣ କରାଗଲାଣି। ଏଥିମଧ୍ୟରୁ ପିଏସ୍‌ଏଲ୍‌ଭି ୫ ଥର ବିଫଳ ହୋଇଛି। ଏହା ଇସ୍ରୋର ଖରାପ ପ୍ରଦର୍ଶନ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଭାବେ ଇସ୍ରୋର ମହାକାଶ କାର୍ଯ୍ୟକ୍ରମ ପାଇଁ ଝଟକା ବୋଲି କୁହାଯିବ। କାରଣ ପିଏସ୍‌ଏଲ୍‌ଭି ସହିତ ବ୍ରିଟେନ, ବ୍ରାଜିଲ ଓ ନେପାଳ ସମେତ ଅନେକ ଦେଶର ଉପଗ୍ରହ ପ୍ରେରଣ କରାଯାଇଥାଏ। ଆଜି ପିଏସ୍‌ଏଲ୍‌ଭି ସହିତ ହାଇଦ୍ରାବାଦ ସ୍ଥିତ ଧ୍ରୁବ ମହାକାଶ ସଂସ୍ଥାର ୭ଟି ଉପଗ୍ରହ ଖଞ୍ଜା ହୋଇଥିଲା। ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ଏହା ନୈରାଶ୍ୟଜନକ ହୋଇଛି। ପିଏସ୍‌ଏଲ୍‌ଭିକୁ ଭାରତ ସବୁଠାରୁ ନିର୍ଭରଯୋଗ୍ୟ ରକେଟ ଭାବେ ବିବେଚନା କରାଯାଏ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରେ।

### ମିଳିବନି ୮୦୦ ଟଙ୍କା...

ଦିଆଯିବ ନାହିଁ ବୋଲି ଘୋଷଣା ଚାଷୀଙ୍କ କ୍ରୋଧକୁ ବିସ୍ଫୋରିତ କରିଛି। ବର୍ତ୍ତମାନ ସରକାରୀ ନିୟମ ଅନୁଯାୟୀ ଅଣଜଳସେଚିତ ଜମି ମାଲିକଙ୍କଠାରୁ ଏକର ପିଛା ୧୩ କ୍ୱିଣ୍ଟାଲ ଧାନ ନିଆଯାଉଥିବା ବେଳେ ଜଳସେଚିତ ଜମି ମାଲିକଙ୍କ ଠାରୁ ୧୯ କୁଇଣ୍ଟାଲ ଧାନ ନିଆଯାଉଛି। ବାସ୍ତବରେ ରାଜ୍ୟରେ ବର୍ତ୍ତମାନ ଏକର ପିଛା ଉତ୍ପାଦନର ପରିମାଣ ୨୫-୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ରହୁଛି। ପୂର୍ବରୁ ଚାଷୀମାନେ ଉତ୍ପାଦିତ ଧାନ ରଖିବାକୁ ବାଧ୍ୟ ହେଉଥିଲେ। ଏହାସହିତ ବଳକା ଧାନକୁ ଶାଗମାଛ ଦରରେ ବିକ୍ରି କରୁଥିଲେ। ମାତ୍ର ଏଥିରେ ପୁଣି କଟକଣା ଲଗାଯାଇଛି। ଏ ସମ୍ପର୍କରେ କଂଗ୍ରେସ ସମବାୟ ବିଭାଗର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି, ସରକାର ଜାଣିଶୁଣି ଧାନ କିଣୁନାହାନ୍ତି। ଏହାଫଳରେ ଚାଷୀମାନେ ବାଧ୍ୟ ହୋଇ ଅଭାବୀ ବିକ୍ରୀ ଜାଲରେ ପଡ଼ିବେ। ମିଲର ମାନଙ୍କ ସହିତ ସଲାସୁତୁରା କରି କୋଟି କୋଟି ଟଙ୍କା ଚାନ୍ଦା ନେଇ ରାଜ୍ୟର ଚାଷୀମାନଙ୍କୁ ଏ ସରକାର ଜାଣିଶୁଣି ହଇରାଣ କରୁଛି। ଏ ବର୍ଷ ୭୫ କୁଇଣ୍ଟାଲରୁ ଅଧିକ ଧାନ କୌଣସି ଚାଷୀଙ୍କ ପାଖରୁ କିଣିବେ ନାହିଁ ବୋଲି ଗୁପ୍ତ ନିଷ୍ପତ୍ତି ହୋଇଛି। ଏମଏସପି ଧାନ କୁଇଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିଲେ ମଧ୍ୟ ତାହା ଦିଆଯାଉ ନାହିଁ। କଟନିଛଟନି ଏକ ନିୟମରେ ପରିଣତ ହୋଇସାରିଛି। ତେଣୁ ସରକାର ପୂର୍ବରୁ ଯେଉଁ ଘୋଷଣା କରିଥିଲେ, ତାହାକୁ ପାଳନ କରନ୍ତୁ ବୋଲି ସେ କହିଛନ୍ତି। ଯଦି ଜଣେ ଚାଷୀ ୧୦୦ କୁଇଣ୍ଟାଲ ଧାନ ଉତ୍ପାଦନ ହେଲେ ପରିବାର ପାଇଁ ୪୦ ପ୍ରତିଶତ ଧାନ ରହିଲେ, ୬୦ କୁଇଣ୍ଟାଲ ଧାନ ବଳକା ରହୁଛି। ଏହି ହାରରେ ୬୦୦ କୁଇଣ୍ଟାଲ ଧାନ ଉତ୍ପାଦନ କରୁଥିବା ଚାଷୀ ୪୦ ପ୍ରତିଶତ ଅର୍ଥାତ୍ ୨୪୦ କୁଇଣ୍ଟାଲ ଧାନ ନିଜ ପାଇଁ ରଖି ଅବଶିଷ୍ଟ ୩୬୦ କୁଇଣ୍ଟାଲ ଧାନ ବିକ୍ରି କରୁଥିଲେ। ମାତ୍ର ସରକାର ୧୫୦ କୁଇଣ୍ଟାଲ ଧାନର ଇନ୍‌ପୁଟ ସବସିଡି ଦେଲେ ବାକି ଧାନ ବିକ୍ରିବେଳେ ଚାଷୀ କ୍ଷତି ସହିବା ନିଶ୍ଚିତ ହୋଇଛି। ନିର୍ବାଚନ ସମୟରେ ରାଜ୍ୟ ସରକାର ସମସ୍ତ ଧାନ କିଣିବେ ବୋଲି କହିଥିଲେ। ମାତ୍ର ଏବେ ଏହି ନିଷ୍ପତ୍ତିରୁ ଓହରି ଯାଇ ଚାଷୀଙ୍କୁ ପ୍ରତାରଣା କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି, ପୂର୍ବ ଥର ଚାଷୀ ଯେଉଁ ପରିମାଣର ଧାନ ବିକିବେ ବୋଲି ଟୋକନ ପାଇଥିଲେ, ତାଠାରୁ ଏଥରେ ଯଥେଷ୍ଟ କମିଛି। ଏହା ଏକ ସରକାରୀ ଷଡ଼ଯନ୍ତ୍ର। ବିଜେପି ସରକାରଙ୍କ ଚାଷୀ ବିରୋଧୀ ମାନସିକତା ବିଭିନ୍ନ ସମୟରେ ସେମାନଙ୍କ ବକ୍ତବ୍ୟରେ ବାହାରି ପଡୁଛି। ସରକାର ଚାଷୀଙ୍କଠାରୁ ସବୁ ଧାନ ନ ଉଠାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ନନ୍ଦ କହିଛନ୍ତି।

### ୭ ପରୀକ୍ଷାର୍ଥୀଙ୍କୁ...

ଲିକ୍ ହେବା ପରେ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ କରାଯାଇଥିଲା। ମାତ୍ର ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା କରାଯିବାକୁ ଯୋଜନା କରାଯାଇଥିଲା। ସୂଚନା ଅନୁସାରେ ଅକ୍ଟୋବରରେ ହେବାକୁ ଥିବା ପୁନଃ ପରୀକ୍ଷା ପାଇଁ ସିଲିକନ୍ ଟେକ୍ ଲ୍ୟାବ ଏମଡି ସୁରେଶ ନାୟକ ୫ଟି ସେଟ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆର୍‌ବିକୁ ପ୍ରଦାନ କରିଥିଲେ। ଏହା ମଧ୍ୟରୁ ଓପିଆରବି ୫ ନମ୍ବର ସେଟ୍ ଛାପିବା ପାଇଁ ଅନୁମୋଦନ କରିଥିଲା। ମାତ୍ର ସୁରେଶ ଏଠାରେ ମଧ୍ୟ ଚଞ୍ଚକତା କରିଥିଲେ। ଯେହେତୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ ସେଟ୍ ନମ୍ବର ୩ ପ୍ରଶ୍ନପତ୍ର ବଣ୍ଟା ସରିଥିଲା, ତେଣୁ ସୁରେଶ ଚଞ୍ଚକତା କରି ୫ ନମ୍ବର ସେଟ୍ ପରିବର୍ତ୍ତେ ୩ ନମ୍ବର ସେଟ୍ ଛାପିଥିଲେ। ୫ ନମ୍ବର ସେଟ୍ ଛାପିଥିଲେ ଡ଼ିଲ୍ ହୋଇଥିବା ୨୫ ଲକ୍ଷ ଟଙ୍କା ଲେଖାଏଁ ପରୀକ୍ଷାର୍ଥୀଙ୍କୁ ଫେରାଇବାକୁ ପଡ଼ିଥାଆନ୍ତା । ତେଣୁ ସେ ସେଟ୍ ନମ୍ବର ୩କୁ ଛାପିଥିଲେ ଓ ଏହା ହିଁ ପରୀକ୍ଷାରେ ବ୍ୟବହାର କରାଯାଇଥାଆନ୍ତା। ହେଲେ ଓପିଆର୍‌ବି ଜାଣି ପାରିଲା ନାହିଁ ନା ଜାଣିଶୁଣି ଚୁପ୍ ରହିଲା, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ସିବିଆଇ ପାଇ ନାହିଁ । ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ରାଜ୍ୟ ସରକାରଙ୍କ କିଛି ବରିଷ୍ଠ ଅଧିକାରୀଙ୍କ ସଂପୃକ୍ତିର ତଥ୍ୟ ସିବିଆଇ ହାତରେ ଲାଗିଥିବା କୁହାଯାଉଛି । ଏହି ଅଧିକାରୀମାନଙ୍କ ଜ୍ଞାତସାରରେ ସିଲିକନ୍ ଟେକ୍‌ଲାବ୍‌ର ଏମ୍‌ଡ଼ି ସୁରେଶ ନାୟକ ସବୁ ଜାଲିଆତି କରିଥିଲେ ହେଁ ସେମାନେ ନିରବଦ୍ରଷ୍ଟା ସାଜିଥିଲେ। ଅନିୟମିତତାକୁ ଏହି ଅଧିକାରୀମାନେ ପ୍ରଶ୍ରୟ ଦେବା ସହ ସୁରେଶ ନାୟକ, ଶଙ୍କର ପୃଷ୍ଟିଙ୍କୁ ପ୍ରୋତ୍ସାହିତ କରିଥିଲେ। ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ନିମନ୍ତେ ସିବିଆଇ ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ଜେରା କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

### ୨୦୦ ଛୁଇଁବ...

କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ମନ୍ତବ୍ୟ ପରେ ସାଧାରଣରେ ଏନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ ସମ୍ବିଧାନର ଅନୁଚ୍ଛେଦ ୮୨ (ଲୋକସଭା) ଓ ୧୭୦ (ବିଧାନସଭା) ଅନୁଯାୟୀ ପ୍ରତ୍ୟେକ ଜନଗଣନା ପରେ ସୀମା ପୁନର୍ନିର୍ଦ୍ଧାରଣ ହେବାର ବ୍ୟବସ୍ଥା ରହିଛି। ଶେଷଥର ପାଇଁ ୧୯୭୧ ଜନଗଣନାକୁ ଆଧାର କରି ଦେଶରେ ଲୋକସଭା ତଥା ବିଭିନ୍ନ ରାଜ୍ୟର ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ହୋଇଥିଲା। ୨୦୦୧ ଜନଗଣନା ଆଧାରରେ ୨୦୦୮ରେ ଲୋକସଭା ଓ ବିଧାନସଭା ଆସନ ପୁନଃସୀମା ନିର୍ଦ୍ଧାରଣ ହୋଇଥିଲା। ରାଜ୍ୟର ଲୋକସଭା ଆସନ ସଂଖ୍ୟା ବଦଳି ନଥିଲେ ମଧ୍ୟ ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା। ତେବେ ଆସନ୍ତା ୨୦୨୭ ମସିହା ମାର୍ଚ୍ଚ ମାସରେ ଦେଶବାପୀ ଜନଗଣନା କାର୍ଯ୍ୟକ୍ରମ କରାଯିବ। ଏହାପରେ ଦେଶବ୍ୟାପୀ ଡିଲିମିଟେସନ ପ୍ରକ୍ରିୟାକୁ ଆଗେଇ ନିଆଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ଉଭୟ ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ନେଇ ସଙ୍କେତ ଦେଇ ସାରିଛନ୍ତି। ଏସବୁକୁ ବିଚାରକୁ ନେଲେ ରାଜ୍ୟରେ ପ୍ରାୟ ୬ରୁ ୭ଟି ଲୋକସଭା ଆସନ ବଢ଼ିବାର ସମ୍ଭାବନା ରହିଛି। ଅପରପକ୍ଷେ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ପୁନର୍ନିର୍ଦ୍ଧାରଣ ସମ୍ଭାବନା ସଂଖ୍ୟା କମ୍ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ୨୦୧୧ ମସିହାରେ ଜନଗଣନା ହୋଇଥିଲା। ୨୦୧୩ ମସିହା ଏପ୍ରିଲ ମାସରେ ଜନଗଣନାର ସମ୍ପୂର୍ଣ୍ଣ ତଥ୍ୟ କେନ୍ଦ୍ର ସରକାର ପ୍ରକାଶ କରିଥିଲେ। ତେଣୁ ୨୦୨୭ରେ ହେବାକୁ ଥିବା ଜନଗଣନାର ତଥ୍ୟ ସମ୍ପୂର୍ଣ୍ଣ ଭାବେ ୨୦୨୯ ମାର୍ଚ୍ଚ ବେଳକୁ ପ୍ରକାଶ ପାଇପାରେ। ଏପରିସ୍ଥଳେ ୨୦୨୯ ସାଧାରଣ ନିର୍ବାଚନ ସୀମା ପୁନର୍ନିର୍ଦ୍ଧାରଣ ଆଧାରରେ ଅନୁଷ୍ଠିତ ହେବା ସମ୍ଭବ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ଯଦି ସରକାର ଆଗୁଆ ତଥ୍ୟ ପ୍ରକାଶ କରନ୍ତି, କିମ୍ବା ଆନୁମାନିକ ଜନସଂଖ୍ୟା ଆଧାରରେ ଆଗୁଆ ସୀମା ପୁନର୍ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପନ୍ନ କରନ୍ତି, ତାହେଲେ ୨୦୨୯ ସାଧାରଣ ନିର୍ବାଚନ ଅଧିକ ଲୋକସଭା ଆସନରେ ଲଢ଼ାଯିବ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ସୀମା ପୁନର୍ନିର୍ଦ୍ଧାରଣରେ ଯଦି ଜନସଂଖ୍ୟାକୁ ମାନଦଣ୍ଡ ରୂପେ ନିଆଯାଏ ତାହେଲେ ଏଥିରେ ଓଡ଼ିଶା ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ହ୍ରାସ ଘଟିବାର ସମ୍ଭାବନା ଥିବା ନେଇ ସବୁ ରାଜ୍ୟମାନେ ଆଶଙ୍କା କରୁଛନ୍ତି। ଗତ ୨୦୨୪ ମସିହା ମାର୍ଚ୍ଚ ମାସରେ ଚେନ୍ନାଇରେ ଏନେଇ ବିଭିନ୍ନ ଦଳମାନେ ବୈଠକ କରି ଏନେଇ ଉଦବେଗ ପ୍ରକାଶ କରିଥିଲେ। ବୈଠକରେ ଏକ ଭିଡିଓ ବାର୍ତ୍ତାରେ ନବୀନ କହିଥିଲେ ଯେ କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ଜନ୍ମହାର ହ୍ରାସ ଦିଗରେ ଓଡ଼ିଶା ସଫଳତାର ସହ କାର୍ଯ୍ୟ କରିଛି। ମାତ୍ର ଜନସଂଖ୍ୟା ମାନଦଣ୍ଡ ହେଲେ ଆମେ ଉଭୟ ଲୋକସଭା ଏବଂ ବିଧାନସଭାରେ ଆସନ ହରାଇବୁ। ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଯେଉଁମାନେ ବର୍ଷ ବର୍ଷ ଧରି ନିରନ୍ତର ପ୍ରୟାସ ପରେ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିଛନ୍ତି ସେମାନଙ୍କୁ ନିରୁତ୍ସାହିତ କରାଯିବା ଉଚିତ୍ ନୁହେଁ। କେନ୍ଦ୍ର ସରକାର ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ସହିତ ଏନେଇ ବିସ୍ତୃତ ଆଲୋଚନା କରି ଦ୍ୱନ୍ଦ ଦୂର କରିବାକୁ ନବୀନ ଦାବି କରିଥିଲେ। ତେବେ ଆଜିର ସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କର ଉପରୋକ୍ତ ବକ୍ତବ୍ୟ ପୁଣିଥରେ ଡିଲିମିଟେସନ ଡିବେଟକୁ ଖୋରାକ ଯୋଗାଇଛି।

### ପତ୍ନୀଙ୍କୁ ୧୪ ହଜାର...

ଜୋହୋରେ ଅଂଶଧନର ମାଲିକାନା। ଏହି ଛାଡପତ୍ର ବିବାଦ କାଲିଫର୍ଣ୍ଣିଆରେ ରହୁଥିବା ସମୟରେ ଦମ୍ପତିଙ୍କ ଦ୍ୱାରା ବୈବାହିକ ସମ୍ପତ୍ତିର ବିଭାଜନକୁ ନେଇ ଆରମ୍ଭ ହୋଇଥିଲା।

ଆଇଆଇଟି-ମାଡ୍ରାସରୁ ସ୍ନାତକ କରିବା ପରେ ଭେମ୍ବୁ ୧୯୮୯ରେ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପିଏଚ୍ଡି କରିବା ପାଇଁ ଆମେରିକା ଯାଇଥିଲେ। ୧୯୯୩ରେ ଆମେରିକା ଯିବାର ୪ ବର୍ଷ ପରେ ସେ ଉଦ୍ୟୋଗୀ ପ୍ରମିଳା ଶ୍ରୀନିବାସନଙ୍କୁ ବିବାହ କରିଥିଲେ। ୧୯୯୬ ରେ ଭେମ୍ବୁ ଏବଂ ତାଙ୍କ ସହଯୋଗୀମାନେ ଆଡଭେଣ୍ଟନେଟ୍ ନାମକ ଏକ ସଫ୍ଟୱେର୍ ଡେଭଲପମେଣ୍ଟ କମ୍ପାନୀ ଆରମ୍ଭ କରିଥିଲେ। ୨୦୦୯ରେ ସେମାନେ ଏହାର ନାମ ଜୋହୋ କର୍ପୋରେସନ୍ ରଖିଥିଲେ। ପତ୍ନୀ ପ୍ରମିଳାଙ୍କ ସହ ପ୍ରାୟ ତିନି ଦଶନ୍ଧି ଧରି ସେ କାଲିଫର୍ଣ୍ଣିଆରେ ରହୁଥିଲେ। ଏହି ଦମ୍ପତିଙ୍କର ଏକ ୨୬ ବର୍ଷୀୟ ପୁଅ ମଧ୍ୟ ଅଛି। ୨୦୧୯ରେ ଭେମ୍ବୁ ଭାରତ ଫେରିଆସି ତାମିଲନାଡୁର ମାଥାଲମପାରାଇ ଗ୍ରାମରୁ ଜୋହୋକୁ ପରିଚାଳନା କରିବା ଆରମ୍ଭ କରିଥିଲେ। ଶ୍ରୀନିବାସନଙ୍କ ଅଭିଯୋଗ ଅନୁଯାୟୀ, ଭେମ୍ବୁ କମ୍ପାନୀର ଅଧିକାଂଶ ସେୟାର ତାଙ୍କ ଭଉଣୀ ରାଧା ଭେମ୍ବୁ ଏବଂ ଭାଇ ଶେଖରଙ୍କୁ ଦେଇଛନ୍ତି। ରାଧା ବର୍ତ୍ତମାନ କମ୍ପାନୀର ପ୍ରାୟ ୪୭.୮% ଅଂଶଧନ ରଖିଥିବାବଳେ, ଭେମ୍ବୁ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶେଖରଙ୍କ ପାଖରେ ୩୫.୨% ଅଂଶଧନ ରହିଛି। ଭେମ୍ବୁଙ୍କ ନିକଟରେ କେବଳ ୫% ଅଂଶଧନ ରହିଛି, ଯାହାର ମୂଲ୍ୟ ୨୨୫ ନିୟୁତ ଆମେରିକୀୟ ଡଲାର। ଶ୍ରୀଧର ଭେମ୍ବୁ ତାଙ୍କ ପତ୍ନୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରିଛନ୍ତି, ଏହାକୁ ସେ ଏକ ମନଗଢ଼ା କାହାଣୀ ବୋଲି କହିଛନ୍ତି। ଭେମ୍ବୁ ୨୦୨୧ ଅଗଷ୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ।

### ବିନା ବନ୍ଧକରେ...

ବିନା ବନ୍ଧକରେ ଦିଆଯାଇଛି, ତେଣୁ ସେଗୁଡିକର ବର୍ଦ୍ଧିତ ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି। ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣରେ ଦେଶର ସରକାରୀ ବ୍ୟାଙ୍କଗୁଡିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଅଂଶ ୩୮% ରହିଛି। ସେହିପରି ଏଥିରେ ବିଦେଶୀ ବ୍ୟାଙ୍କଗୁଡ଼ିର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି। କୌତୂହଳର ବିଷୟ ହେଉଛି, ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ନିକଟରେ ଡିସେମ୍ବରରେ ଆର୍‌ବିଆଇ ଏହାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ୍ୟ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି। ଫିନଟେକ୍ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି। ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ୍ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍‌ପିଏ ରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି।


**AFFIDAVIT**

By virtue of an affidavit sworn before the Executive Magistrate, Laxmipur, no. 01, dated 02.01.2026, I, TILAI MINYAKA, W/o - Lala Minyaka, D/o - Lambudhar Mandiga, currently residing At - Bandikar, PO - Burja, PS - Laxmipur, Dist-Koraput, Pin - 765013, declare that SANJI MANDIGA, and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**AFFIDAVIT**

I, Khushbu Sharma, W/o- Aniket resident of Gourpada, Ward No.11, Bargarh, Po./Ps./ Dist.- Bargarh state by this affidavit no. 1355 dtd.11.12. 2025 that, my minor daughter's actual name is Dhwani Sharma and Date of Birth is 25.11.2024 but in her Aadhar card her name has been wrongly mentioned as Pankhudi Sharma. That, **Dhwani Sharma** and **Pankhudi Sharma**, D/o- Khushbu Sharma (mother) & Aniket (father) is same and one person.

**AFFIDAVIT**

I, **Sherien Shaike,** S/o: Mastan Shaik, Resident At: Niladri Vihar, 1st Line, Berhampur, PIN-760001, PS:Town Thana, Dist: Ganjam, Odisha, Declare by this Affidavit No-715, dt 09.01.2026. That now on wards I shall be known as **SHERIEN SHAIK** for all features purposes

**AFFIDAVIT**

I, **Umesha Chandra Tripathy,** S/o: Pitabas Tripathy, Resident At: Ramakrishnapur, Seragada, Kachakhandi, PIN-761106, PS:Seragada, Dist: Ganjam, Odisha Declare by this Affidavit No: 710, dt 09.01.2026. That now on wards I shall be known as **UMESH CHANDRA TRIPATHY** for all features purposes

**AFFIDAVIT**

By virtue of an affidavit no.3046 before the Executive Magistrate, Sukinda, Jajpur, dtd.06.12.2025 I, Arjuna Barik, Vill- Baragadia, PO- Baragadia, PS- Kalinganagar, Dist.- Jajpur- 755026 do hereby declare that I have changed my minor daughter's name from Jyotirmayee Barik, D/o- Arjun Barik to Jyotirmayee Barik, D/o- Arjuna Barik. Henceforth, she shall be known as **Jyotirmayee Barik** for all purposes.

**Sd/- Arjuna Barik**

**AFFIDAVIT**

By virtue of an affidavit sworn before Executive Magistrate Patnagarh, Affidavit no. 660 on Dated 31.12.2025, I GHASHIRAM BHUE, S/O LATE BHUE , AT : BAGHAPALI, TAMIAN,PS :LARAMBHA, DIST : BALANGIR,ODISHA declare that I have changed my name from GHASI BHUE to GHASHIRAM BHUE. so henceforth I shall be known as GHASHIRAM BHUE for all purposes.

**AFFIDAVIT**

By virtue of an affidavit no.3243 before the Executive Magistrate, Phulbani, dtd.11.12.2025 I, Gopali Malik, At: Pidiaguda, PO: Dimiriguda, PS: Phiringia, District: Kandhamal-762011 hereby declare that I have changed my name from Sundurupi Mallik to Gopali Malik . Henceforth, I shall be known as **Gopali Malik** for all purposes.

**Sd/- Gopali Malik**

**AFFIDAVIT**

By virtue of an affidavit sworn before the Executive Magistrate Padampur District Bargarh dated 10th December 2025, CF No.- 01, I Saudamini Sahu wife of Abadhut Sahu, resident of village- Dunguripali, Po.- Loudidarha, Ps.- Jagdalpur, Block- Jharbandh, Dist.- Bargarh, Pin-768042 hereby declares that for and on behalf of my minor doughter Payal Sahu. I have changed my minor doughter's name from **Pays Sahu** to **Payal Sahu**. Hence she will be known as Payal Sahu for all future purposes.

**AFFIDAVIT**

By virtue of an affidavit (CF No. 01, dtd- 12/01/2026) sworn before the Executive Magistrate, Padampur. I, Padmalochan Meher, S/o- Laba Meher, permanent & current resident of AT- Jhankarpali, PO- Khaliapali, PS- Padampur, Dist- Bargarh, PIN- 768036, Odisha declare that I have changed my minor daughter's name from **Saloni Meher to Shibani Meher.** Henceforth, she shall be known as **Shibani Meher** (new name) for all purposes.

**Padmalochan Meher**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ବାରିପଦା ଅନୁବିଭାଗୀୟ ଗୃହନିର୍ମାଣ ସମବାୟ ସମିତି ଲି଼ଃର ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୬.୦୨.୨୦୨୬ରିଖ ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ସମିତିର ବାଘଡା ରୋଡ ସ୍ଥିତ କାର୍ଯ୍ୟାଳୟ ଠା ରେ ଅନୁଷ୍ଠିତ ହେବ । ତେଣୁ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ଉକ୍ତ ବାର୍ଷିକ ସାଧାରଣ ସଭା ରେ ଯୋଗ ଦେବା ପାଇଁ ଅନୁରୋଧ ।

ସ୍ୱା/- ସଭାପତି

**OFFICE OF THE HEAD MASTER KGBV, GUDIALI, GANJAM**

Letter No. 01/2026 DT: 10.01.2026

**KASTURBA GANDHI BALIKA VIDYALAYA, GUDIALI, BLOCK-KABISURYANAGAR, PIN-761104**

**TENDER CALL NOTICE**

Sealed Tenders are invited from the registered/reputed firms and manufacturers for supply of the following items like Grocery, Cosmetics & Toilet items, Office and student's stationeries, Dress materials, sleeper, sport shoes & school Bag, to the Kasturba Gandhi Balika Vidyalaya, GUDIALI, KAFISURYANAGAR Block, District-GANJAM for the Year-2025-26 interested parties/firms can purchase The Tender form from the Office of the KGBV, GUDIALI, KABISURYANAGAR BLOCK w.e.f. 13/01/2026 to 19/01/2026 in working days from 10:00 am to 04:00 p.m. on payment of 500/-(Five hundred Rupees only) non refundable in cash or Bank draft payable in the Bank State Bank of India, Kabisuryanagar, GANJAM. The tenders completed in all respect along with requisite documents and Earnest Money(Refundable) in shape of Bank Draft in favour of the HM KGBV GUDIALI payable at State Bank of India KABISUYANAGAR, IFSC-SBIN0002073. The tender forms along with other particulars, the list of items and details instructions can also be downloaded from the dist website **www.ganjam.nic.in.** Tender form should be submitted without EMD will be summarily rejected. Last date of receipt of Tender form is upto 04:00 PM dated 20/01/2026. The KGBV Level Purchase committee meeting will be held on 21/01/2026 at 11.00 AM. in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**For more details please contact H.M. PH No- 9861380494**

*SD/-HEAD MISTRESS, KGBV, GUDIALI*

C-2066

**Office of the**
**Jaleswar Municipality, Jaleswar**
Dist.: Balasore, Odisha – 756032Ph.: (06781) 222407
Email: jaleswarmunicipality@gmail.com

No. 144 Date 12.01.26

**SHORT QUOTATION CALL NOTICE**

Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of: 1) 3.3 KW capacity Elec. Vehicle Charging Station. 2) 4.4 KW Panel Capacity Solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage. 3) Electric Semi High Mast Light equipment (as per specification mentioned – list & Terms & Condition can be seen at Office). Available documents from 13.01.2026 to 21.01.2026 up to 01.00 PM (in Office hours). The quotation should reach to the undersigned on or before 22.01.2026 at 03.00 PM through speed post / Registered Post / courier / by hand. The Quotation will be opened on 22.01.2026 at 04.00 PM in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

OIPR-

**Executive Officer**
**Jaleswar Municipality**

C-2057

**BHUBANESWAR MUNICIPAL CORPORATION**

Auction Sale Notice for Parking lots in BMC Area for Khandagiri Mela-2026

No.: 149/BMC Date: 07/01/2026 File No.: 13/26

Sealed Quotations are invited from the intending parties for **Auction of Parking Lots for 14 days** and they are requested to drop it in Tender Box ONLY addressed to the Zonal Commissioner (South West), BMC Bhubaneswar. The Quotations should be submitted in the prescribed format and should be filled up properly. The intending parties may participate for one or more parking lots, but the applications/Quotations will be considered individually for each parking lot. The intending parties must submit the quotation separately for each parking lot. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and **BMC Website – http://bmc.gov.in.**

The envelope, containing the tender paper, should be superscribed with **"Auction for Individual Parking Lot (Name and Location) in BMC area".**

The important dates & information are as follows:–

1. Availability of Tender Paper: Downloadable from BMC Website: http://bmc.gov.in / Sale of Tender Paper at ZC (SW) Office from **09.01.2026 to 19.01.2026 (up to 11.00 AM)**
2. Last date for sale of Tender Paper at BMC South-West Zone Office: **19.01.2026 (Up to 11.00 AM)**
3. Last date for submission of Tender Paper: **19.01.2026 up to 3.00 P.M.**
4. Earnest Money Deposit (EMD): **10% of Offset Price**
5. Tender Cost (Non-refundable): **Rs. 500/-** (Rupee Five hundred only)
6. Opening of tender papers: **19.01.2026 at 4.00 PM**

OIPR-

**Zonal Commissioner (South West)**
**Bhubaneswar Municipal Corporation**

O-2020

E-Mail:rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

e-procurement Notice No 23 / Road Work / 2025-26.

| | | |
|---|---|---|
| 1. | Name of the work | : Road Work |
| 2. | Total No. of Works | : 7 (Two) Nos |
| 3. | Tender Cost | : Rs.5.08 to 42.37 lakhs |
| 4. | Class Contractor | : D, C & B equivalent |
| 5. | Period of Completion | : 2 calendar months |
| 6. | Availability of Tender online for bidding | : 12.01.2026. at 11.00 A.M to 19.01.2026 up to 5.00 P.M |
| 7. | Last Date & Time of seeking tender clarification | : 17.01.2026 up to 5.00 PM |
| 8. | Date & Time of opening of Bid | : 20.01.2026 at 11.00 AM |

Other Details can be seen from the website http://tendersorissa.gov.in.

OIPR-

**Superintending Engineer**
**Rural Works Division-II, Dkl**
**Kamakhyanagar**

**IN THE COURT OF THE ADDITIONAL DISTRICT JUDGE, KORAPUT**
**RFA Case No. 05 of 2016**

IN THE MATTER OF:
Rajesh Ku. Kher & Ors. ......... Appellants
Versus
Smt. P. Jyoti Rao & Ors. .... Respondents

It is brought to the notice of the respondents namely, (1) Smt. P. Jyoti Rao, Aged about 69 years, Wife of late P. Sankar Rao Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh); (2) P. Surya Prakash Rao @ China Rao, Aged about 56 years, son of late P. Ramaswamy, Resident of Bus stand, Jeypore, PS: Jeypore Town, District: Koraput (Odisha), (3) Shri P. Vivek Naidu, Aged about 36 years, Son of late P. Shankar Rao, Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh) that the appellant has preferred an appeal against the order/judgement dtd. 21.03.2014 passed by the Civil Judge (Sr. Div), Koraput in Civil Suit Case No. 07/2013 before this court and the said appeal stands posted to 06.02.2026 for hearing.

The respondents are hereby directed to appear in person or through an advocate duly instructed on the date fixed failing which the appeal will be heard in their absence.

Dated Koraput, this the 9th Day of December 2025

**Addl. District Judge, Koraput**

### ଏପ୍‌ସିଲନ କାର୍ବନ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମି ଦଖଲ

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୧୨ା୧(ସମିସ)



ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଶ୍ରିପୁରା ପଞ୍ଚାୟତ ଠାରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଥିବା ଜଣାପଡ଼ିଛି। ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଶ୍ରିପୁରା ଗାଁର ଶତାଧିକ ମହିଳା ପୁରୁଷ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ କମ୍ପାନୀ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁଣିଥରେ ଦାବି କରିଛନ୍ତି। ଶ୍ରିପୁରା ଗ୍ରାମବାସୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି। ଏହାପରେ ମଧ୍ୟ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ପାଇଁ ଡେରି କରୁଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ଗ୍ରାମବାସୀ ଆଜି ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ର ଅନୁଯାୟୀ ଶ୍ରିପୁରା ସ୍ଥିତ ଏପସିଲନ କମ୍ପାନୀ ଗାଁ ସଭାର ବିନା ଅନୁମତିରେ ବେଆଇନ ଭାବେ ଗ୍ରାମ୍ୟ ଜଙ୍ଗଲକୁ ନିଜ କମ୍ପାନୀର ରାସ୍ତା ଭାବେ ବ୍ୟବହାର କରୁଛି।

ଏପରିକି ପାଦଚଲା ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗଛ ଗୁଡିକୁ କାଟି କମ୍ପାନୀର ପରିବହନ ପାଇଁ ରାସ୍ତାକୁ ଚଉଡା କରିଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଯେକୌଣସି ଜଙ୍ଗଲ ଜମିର ପରିବର୍ତ୍ତନ କି ହସ୍ତାନ୍ତର ପୂର୍ବରୁ ଗାଁସଭାର ଅନୁମୋଦନ ଆବଶ୍ୟକ। କିନ୍ତୁ କାହାରି ଅନୁମତି ବିନା କମ୍ପାନୀ ଜଙ୍ଗଲ ଜମି ରାସ୍ତାକୁ ବ୍ୟବହାର କରୁଛି। ଏପରିକି ସେହି ଜଙ୍ଗଲ ଜମିରେ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ଜଙ୍ଗଲ ବିଭାଗ ସହ ମିଶି ୧ ହଜାର ଚାରାରୋପଣ କରାଯାଇଥିଲା ଏବଂ ସେଥିପାଇଁ ବ୍ୟାରିକେଡ ମଧ୍ୟ ଲଗାଯାଇଥିଲା। ମାତ୍ର ଗଛ ଯୋଗୁ ରାସ୍ତା ସଙ୍କୁଚିତ ହେବା କହି ଝାରସୁଗୁଡ଼ା ତହସିଲଦାରଙ୍କ ଉପସ୍ଥିତିରେ ରୋପିତ ଚାରା ଓ ବ୍ୟାରିକେଡ ହଟେଇ ଦିଆଯାଇଥିଲା। ଶ୍ରିପୁରା ଗ୍ରାମବାସୀ ଗତ ଅକ୍ଟୋବର ୬, ଓ ୧୩ ତାରିଖରେ ଜିଲ୍ଲାପାଳଙ୍କୁ, ଡିସେମ୍ବର ୩ ରେ ଜିଲ୍ଲାପାଳ, ଡିଏଫଓ ଓ ତହସିଲଦାରଙ୍କୁ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରିବା ଘଟଣାରେ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରିପୁରା ଗ୍ରାମବାସୀଙ୍କ ଦ୍ୱାରା ବାରମ୍ବାର ଆବେଦନ ଏବଂ ଆନ୍ଦୋଳନ ସତ୍ତ୍ୱେ ଝାରସୁଗୁଡ଼ାର ଜିଲ୍ଲା ପ୍ରଶାସନ, ଡିଏଫଓ ଏବଂ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିଳ୍ପକୁ ଗ୍ରାମବାସୀ ସମର୍ଥନ କରୁଥିବା ବେଳେ ଜଙ୍ଗଲ ଜମିର ବେଆଇନ ଜବରଦଖଲ ପରିବେଶ ତଥା ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି କୁଠାରଘାତ ବୋଲି କହିଛନ୍ତି। ଏହି କ୍ଷେତ୍ରରେ ପ୍ରଶାସନ କାହିଁକି ପକ୍ଷପାତିତା କରୁଛି ତାହାକୁ ନେଇ ଦାବିପତ୍ରରେ ପ୍ରଶ୍ନ କରିଛନ୍ତି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରର ଅବିକଳ ନକଲ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହିତ ବିଭାଗୀୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଭାଗୀୟ ସଚିବଙ୍କୁ ମଧ୍ୟ ଗ୍ରାମବାସୀ ତାଙ୍କ ମେଲରେ ଆଜି ପ୍ରେରଣ କରିଥିବା ଗ୍ରାମବାସୀଙ୍କ ତରଫରୁ କୁହାଯାଇଛି। ଏହା ସହିତ ଗ୍ରାମବାସୀ ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିବା ସହିତ ପରିବେଶ ଏବଂ ମାନବ ସଭ୍ୟତାକୁ ରକ୍ଷା କରିବା ପାଇଁ ଉକ୍ତ ଜମିରେ ବନୀକରଣ କରିବାକୁ ଜିଲ୍ଲା ପ୍ରଶାସନ ଅନୁମତି ପ୍ରକାଶ କରନ୍ତୁ ବୋଲି କହିଛନ୍ତି। ଦାବିପତ୍ର ଦେବା ସମୟରେ ଶ୍ରିପୁରା ଗାଁର ଜିଲ୍ଲା ପରିଷଦ ସଦସ୍ୟ ଥିବା ଦିଗାମ୍ବର ଭୋଇ, ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

### ● ଧାନ ବିକ୍ରି ସମସ୍ୟା ସମାଧାନ ଦାବିରେ ପ୍ରତିବାଦ

## ଜିଲ୍ଲା କଂଗ୍ରେସ ସଭାପତିଙ୍କ ଆମରଣ ଅନଶନ ଘୋଷଣା




ଦେବଗଡ଼,୧୨ା୧(ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଜିଲ୍ଲାର ଚାଷୀ ଶୋଷଣର ଶିକାର ହେଉଥିବା ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ପ୍ରତିବାଦରେ ଜିଲ୍ଲାର ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ପୂର୍ଣ୍ଣ ସମାଧାନ ନ ହେବା ପର୍ଯ୍ୟନ୍ତ ଆସନ୍ତାକାଲି ସକାଳ ୬ ଘଟିକାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରାମ ଆମରଣ ଅନଶନରେ ବସିବେ। ଆଜି ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି। ଜିଲ୍ଲା କଂଗ୍ରେସର ଅଭିଯୋଗ ଅନୁଯାୟୀ ଦେବଗଡ଼ ଜିଲ୍ଲାରେ ଚଳିତ ଖରିଫ ଋତୁରେ ଚାଷୀଙ୍କ ଚାଷ ଜମିର ଅନୁପାତ ଓ ସମବାୟ ସମିତିରେ ପଞ୍ଜିକୃତ ଚାଷୀଙ୍କ ତୁଳନାରେ ଚାଷୀଙ୍କୁ ଟୋକନ ମିଳିନାହିଁ। ସେହିପରି ମଣ୍ଡିରେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପ୍ରତି ସାଢ଼େ ୪ ରୁ ୫ କେଜି ପର୍ଯ୍ୟନ୍ତ ଧାନ କଟନୀ ଛଟନୀ କରାଯାଉ ଥିବାରୁ ଚାଷୀ ଘୋର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି। ମଣ୍ଡିରୁ ଜାଣିଶୁଣି ମିଲର୍ସ ଧାନ ଉଠାଣ ନ କରି ମିଲକୁ ଧାନ ଆଣିବାକୁ ଚାଷୀଙ୍କୁ ବାଧ କରୁଥିବା ଏବଂ ପ୍ରଶାସନର ଜ୍ଞାତସାରରେ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଭେହିକିଲ ଟ୍ରାକିଂ ସିଷ୍ଟମକୁ ଉଲଂଘନ କରୁଥିବା ଭଳି ଗୁରୁତର ଅଭିଯୋଗ କରିଛି। ଏଥିସହ ଟ୍ରାଞ୍ଜିଟ ପରମିଟ ଅନୁପାତରେ ମିଲ ଗୁଡିକରେ ଅଧିକ ଧାନ ଗଚ୍ଛିତ ରହିଥିବାରୁ ଏହାର ତଦନ୍ତ ଦାବି କରିଛି। ଚାଷୀଙ୍କ ଉପରୋକ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ କରାଯିବା ନେଇ କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରାମ ଘୋଷଣା କରିବା ସହ ଜିଲ୍ଲା କଂଗ୍ରେସର ଏହି ଆନ୍ଦୋଳନକୁ ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିବା ସୂଚନା ଦେଇଥିଲେ।ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଏସସି ସେଲ ସଭାପତି ରମେଶ ଚନ୍ଦ୍ର ପାତ୍ର, ଜିଲ୍ଲା କଂଗ୍ରେସ ପୂର୍ବତନ ଉପ ସଭାପତି ମଞ୍ଜୁଳ ନାଏକ, ପୂର୍ବତନ ନଗର ସଭାପତି ରେବତୀ ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦରଗଡି ପର୍ଯ୍ୟଟନ ସ୍ଥଳରେ ବନ ବିଭାଗ ପକ୍ଷରୁ ସଫେଇ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ଦେବଗଡ଼,୧୨ା୧(ସମିସ): ବାରକୋଟ ବ୍ଲକ୍ ଅଧୀନ ସରୁଆଳି ପଞ୍ଚାୟତରେ ଥିବା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଦରଗଡି ଠାରେ ବନ ବିଭାଗ ପକ୍ଷରୁ ସୋମବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ବାରକୋଟ ବନାଞ୍ଚଳ ଠିଆନାଳ ସେକ୍ସନର ଫରେଷ୍ଟର ଭୀମସେନ ଶତପଥୀଙ୍କ ତତ୍ତ୍ୱାବଧାନରେ ଟାଇଁସିରା ବନ ସୁରକ୍ଷା ସମିତି ଅଧୀନ ୯ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଦରଗଡି ପର୍ଯ୍ୟଟନ ସ୍ଥଳୀରେ ଏକତ୍ରିତ ହୋଇଥିଲେ। ଏହାକୁ ଏକ ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ସେମାନେ ପର୍ଯ୍ୟଟନ ସ୍ଥଳୀରେ ପଡିରହିଥିବା ଅଳିଆ ଆବର୍ଜନା ଓ ପ୍ଲାଷ୍ଟିକକୁ ସଫା କରିବା ସହ ଏହାକୁ ଏକ ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ଭାବେ ସଜାଇବା ନେଇ ସଚେତନତା ମୂଳକ ବ୍ୟାନର ଏବଂ ହୋର୍ଡିଂ ଲଗାଇ ଥିଲେ। ଏହାପରେ ସେମାନେ ହାତରେ ବିଭିନ୍ନ ସଚେତନତା ମୂଳକ ବ୍ୟାନର ଓ ପ୍ଲାକାର୍ଡ ଧରି ସ୍ଲୋଗାନ ସହ ନିକଟସ୍ଥ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୨ା୧(ସମିସ): ବାରକୋଟ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ଶିକ୍ଷକ ବଦଳି, ଜମିର ପଟ୍ଟା ସଂଶୋଧନ, କମ୍ୟୁନିଟି ହଲ୍, ସୁଭଦ୍ରା ଯୋଜନାରେ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସର୍ଭିକାଲ କ୍ୟାନ୍‌ସର ପ୍ରତିରୋଧକ ଟୀକାକରଣ ଶିବିର

ଝାରସୁଗୁଡ଼ା,୧୨ା୧(ସମିସ): ରୋଟାରୀ କ୍ଲବ୍ ଅଫ ଝାରସୁଗୁଡ଼ା ଗ୍ରୀନ ଓ ଇଜେଭି ଫାଉଣ୍ଡେସନର ମିଳିତ ଅନୁକୂଲ୍ୟରେ ସର୍ଭିକାଲ କ୍ୟାନ୍‌ସର ପ୍ରତିରୋଧକର ତୃତୀୟ ଡୋଜ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରବାହଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସୋମବାର ସକାଳ ୧୧ରୁ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସର୍ବମୋଟ ୫୦ ଜଣ ଟୀକା ନେଇଛନ୍ତି। ବର୍ତ୍ତମାନର ଯୁବ ସମାଜକୁ ସର୍ଭିକାଲ କ୍ୟାନ୍‌ସର ବାବଦରେ ସଚେତନ କରିବା ଓ କ୍ୟାନ୍‌ସରରୁ ବଞ୍ଚାଇବା,




ମଧ୍ୟ ଓ ନିମ୍ନ ବର୍ଗ ରୋଜଗାର ଥିବା ପରିବାର ପିଲା ମାନଙ୍କୁ ଟୀକାକରଣ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି କ୍ରମରେ ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟ ଓ ସରବାହାଲ ସରକାରୀ ବିଦ୍ୟାଳୟର ପିଲା ମାନଙ୍କୁ ସାମିଲ କରାଯାଇଥିଲା। ଆୟୋଜିତ ଶିବିର ଡାକ୍ତର ବବିତା ରମଣୀଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଇଜେଭି ଫାଉଣ୍ଡେସନ ଓ ରୋଟାରୀ କ୍ଲବ୍ ଅଫ ଝାରସୁଗୁଡ଼ା ଗ୍ରୀନର ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ। ମାନସୀ ପଣ୍ଡା, ପ୍ରିୟାରାୟ, ସୋଭନା ସୋହେଲା, ସୁମିତ୍ରା ପଣ୍ଡା, ଦୀପ୍ତି ବେହେରା, ପୂନମ ପଟେଲ, ଅଞ୍ଜଳି ମୋଦି, ରାଜେଶ ପାଢ଼ୀ, ଜ୍ୟୋତିର୍ମୟୀ ବେହେରା, ସୁଶାନ୍ତ ନାୟକ, ହର୍ଷିତ ମୋଦି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା

ଝାରସୁଗୁଡ଼ା,୧୨ା୧(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ସୋମବାର ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ କାତିଖେଲା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷାର ବାର୍ତ୍ତା ନେଇ 'ଆଜିକୁ ସୁରକ୍ଷିତ ରଖିବା କାଲିପାଇଁ' ଶୀର୍ଷକ ପରିବେଶଗତ ଆଇନଗତ ସାକ୍ଷରତା ଏବଂ ସମ୍ପ୍ରଦାୟ ସୁରକ୍ଷାର ପ୍ରୟାସ ସମ୍ପର୍କିତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଝାରସୁଗୁଡ଼ା ବନାଞ୍ଚଳ ଅଧିକାରୀ ବିଜୟ ପ୍ରଧାନ ଓ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି କଲ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ହେଲ୍ପଲାଇନ ନମ୍ବର ୧୫୧୦୦, ଲୋକ ଅଦାଲତ, ମଧ୍ୟସ୍ଥତା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

## ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଦେବଗଡ଼,୧୨ା୧(ସମିସ): ବାରକୋଟ ବ୍ଲକ୍ ଡଂରା ପିଏମଶ୍ରୀ ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପିଏମଶ୍ରୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ମୁଖ୍ୟବକ୍ତା ଭାବେ ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପବନ୍ଧୁ ପ୍ରଧାନ, ଦିଗାମ୍ବର ମିଶ୍ର, ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ଚୌଧୁରୀ ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି କାଳିଚରଣ ପ୍ରଧାନ ଓ ବାରକୋଟ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପିଏମଶ୍ରୀ ବିଦ୍ୟାଳୟ ଓ ଜାତୀୟ ଶିକ୍ଷାନୀତି, ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ସହ ସମନ୍ୱୟ ଏବଂ ପିଏମଶ୍ରୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପାଭିଲିୟନ ମାଧ୍ୟମରେ ଓଡ଼ିଶା ୨୦୩୬, ଷ୍ଟୁଡେଣ୍ଟ ଟ୍ୟାଲେଣ୍ଟ ଗ୍ୟାଲେରୀ ଏବଂ ଦୁକାନ ଯାତ୍ରା ସମ୍ପର୍କରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି କ୍ରୀଡାଙ୍ଗନ, ସାହିତ୍ୟ ସୃଜନୀ, କୌଶଳୀ ଏବଂ ଜିଜ୍ଞାସା କ୍ଲବ୍‌ର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ବୁଲା କୁକୁରଙ୍କ ସଙ୍ଘବଦ୍ଧ ଆକ୍ରମଣରେ ମାନସିକ ବିକୃତ ମହିଳାଙ୍କ ମୃତ୍ୟୁ

**ବୁଲା କୁକୁର ଆତଙ୍କ**

ଦେବଗଡ଼,୧୨ା୧(ସମିସ): ରିଆମାଳ ଥାନା ଅଧୀନ ରେଙ୍ଗାଲବେଡା ସାପ୍ତାହିକ ବଜାର ଠାରେ ବୁଲା କୁକୁରଙ୍କ ସଙ୍ଘବଦ୍ଧ ଆକ୍ରମଣରେ ଜଣେ ମାନସିକ ବିକୃତ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି। ମୃତକ ମହିଳା ରିଆମାଳ ଗାଁର ସଞ୍ଜିତା ପାତ୍ର (୪୨) ବୋଲି ପରିଚୟ ମିଳିଛି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଶାସନ ରେଙ୍ଗାଲି ଗାଁର ବେଦବ୍ୟାସ ପାତ୍ରଙ୍କୁ ସେ ବିବାହ କରିଥିଲେ। ମାତ୍ର ମାନସିକ ବିକୃତି ଘଟିବା ପର ଠାରୁ ସେ ରିଆମାଳ ସ୍ଥିତ ନିଜ ବାପ ଘରକୁ ଫେରି ଆସିଥିଲେ। କିଛିଦିନ ଧରି ସେ ରେଙ୍ଗାଲବେଡା ବଜାର ଅଞ୍ଚଳରେ ରହି ଆସୁଥିଲେ। ଆଜି ମଧ୍ୟାହ୍ନରେ ୫/୬ ବୁଲାକୁକୁର ସଞ୍ଜିତାଙ୍କୁ ସଙ୍ଘବଦ୍ଧ ହୋଇ ଆକ୍ରମଣ କରିବାସହ ତାଙ୍କ ବେକ ହାତ, ଗୋଡ, ସହ ଶରୀରର ବିଭିନ୍ନ ସ୍ଥାନରେ କାମୁଡି ଝୁଣି ପକାଇଥିଲେ। ଏହା ଦେଖି କେତେକ ସ୍ଥାନୀୟ ଜନ ସାଧାରଣ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ କୁକୁରଙ୍କ କବଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ରିଆମାଳ ଥାନା ପୁଲିସ ମୃତଦେହ ଜବତ କରି ଶବାଗାରରେ ସଂରକ୍ଷିତ ରଖିବା ସହ ମାମଲାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଓଏସ୍‌ଆରଟିସି ପକ୍ଷରୁ ଅଟଳ ବସ୍‌ଷ୍ଟାଣ୍ଡର ଶୁଭାରମ୍ଭ



ଦେବଗଡ଼,୧୨ା୧(ସମିସ): ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡକ ସୁରକ୍ଷା ମାସ ପରିପ୍ରେକ୍ଷୀରେ ଜିଲ୍ଲାର ଜନ ସାଧାରଣଙ୍କ ପାଇଁ ତିଲେଇବଣି ବ୍ଲକ୍ ମୁଖ୍ୟାଳୟ ଓ ରିଆମାଳ ବ୍ଲକ୍‌ର ତେଲିମୁଣ୍ଡା ଠାରେ ନବ ନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି।

ଏହାଦ୍ୱାରା ଜିଲ୍ଲାର ତିଲେଇବଣି ବ୍ଲକ୍ ଓ ରିଆମାଳ ବ୍ଲକ୍‌ର ଲୋକମାଙ୍କ ଗମନାଗମନ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ତିଳେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷ ଆରତି ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଓଏସ୍‌ଆର୍‌ଟିସି ଜିଲ୍ଲା ପରିଚାଳକ ଚିରଞ୍ଜୀବ ବିଶ୍ୱାଳ, ଏପିଏମ ପୁଲିସ ହାଉସିଂ ବୋର୍ଡ କ୍ଷିରୋଦ ଚନ୍ଦ୍ର ଅମାତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଅଟଳ ବସଷ୍ଟାଣ୍ଡ ନିର୍ମାଣରେ ୧୦ କୋଟି ୭୮ ଲକ୍ଷ ୧୩ ହଜାର ୧୦୦ ଟଙ୍କା ବ୍ୟୟ କରାଯାଇଥିବା ଜଣା ପଡିଛି।

ସେହିପରି ରିଆମାଳ ବ୍ଲକ୍ ଅଟଳ ବସଷ୍ଟାଣ୍ଡ ଉଦ୍‌ଘାଟନରେ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ବୀରେନ ପ୍ରଧାନ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ଓ ନାଉଳିପଡା ସରପଞ୍ଚ ଏଲିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିବେକାନନ୍ଦଙ୍କ ଜୟନ୍ତୀରେ ଜାତୀୟ ଯୁବ ଦିବସ

### ● ବିବେକାନନ୍ଦ ସେବା ସଂସଦ

ଝାରସୁଗୁଡ଼ା,୧୨ା୧(ସମିସ): ଝାରସୁଗୁଡ଼ା ଜିଲ୍ଲା କାଳିବାଡି ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିବେକାନନ୍ଦ ସେବା ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାମକୃଷ୍ଣ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ କରାଯାଇଥିଲା। ଏହା ସହିତ ରାଷ୍ଟ୍ରୀୟ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଯାଇଥିଲା। ଯୁବଶକ୍ତିର ବିକାଶ ପାଇଁ ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ଯୁବକମାନଙ୍କ ସମସ୍ୟା ଓ ସେମାନଙ୍କ ଆବଶ୍ୟକତା ଉପରେ ଧ୍ୟାନ ଆକର୍ଷଣ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ଗତ ୯ ତାରିଖରେ ରାମକୃଷ୍ଣ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କୁ ନେଇ କ୍ରୀଡା ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସୋମବାର ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିବେକାନନ୍ଦ ସେବା ସଂସଦ ପକ୍ଷରୁ ତାପସରାୟ ଚୌଧୁରୀ, ସୁନୀଲ ଚକ୍ରବର୍ତ୍ତୀ, ମଧୁ ମିତ୍ର, ଧୁଲାଲରାୟ, ତୁଷାର ସେନ, ଆଶୀଷ ଭଟ୍ଟାଚାର୍ଯ୍ୟ, କିଆ ଚକ୍ରବର୍ତ୍ତୀ, ରେଖାରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ବନ୍ଧବାହାଲ ଡିଏଭି

ବନ୍ଧବାହାଲ/ଝାରସୁଗୁଡ଼ା: ମହାନ୍ ସନ୍ଥ, ଦାର୍ଶନିକ ତଥା ପ୍ରଜ୍ଞାପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜନ୍ମ ଜୟନ୍ତୀ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲ ପରିସରରେ ପାଳିତ ହୋଇଯାଇଛି। ପ୍ରାତଃ ବନ୍ଦନା ପରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତା ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱାମୀଜୀଙ୍କ ଦର୍ଶନ ଆଧାରିତ ପୁସ୍ତକ ପଠନ ପାଇଁ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। 'ଜାତୀୟ ଯୁବ ଦିବସ' ରୂପେ ପାଳିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାମୀଜୀଙ୍କ ମହନୀୟ ଆଦର୍ଶ ଓ ସମାଜ ସେବା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ପୂର୍ବାହ୍ଣ ୧୧ ଘଟିକାରେ ବିଦ୍ୟାଳୟର ପ୍ରାର୍ଥନା ସଭାସ୍ଥଳୀରେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜାତୀୟ ଗୀତ 'ବନ୍ଦେ ମାତରଂ'ର ସାମୂହିକ ଗାନ କରାଯାଇଥିଲା। ସ୍ୱଦେଶୀ ସାମଗ୍ରୀ ଗ୍ରହଣ ନିମନ୍ତେ 'ସ୍ୱଦେଶୀ ସଙ୍କଳ୍ପ ପତ୍ର' ଶପଥ ପାଠ କରାଯାଇଥିଲା।



### ● ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ସଂରଚନା

ଝାରସୁଗୁଡ଼ା: ଡିଏଭି ପବ୍ଲିକ୍ ସ୍କୁଲ, ଝାରସୁଗୁଡ଼ା ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ନେତୃତ୍ୱରେ ଆୟୋଜିତ ଯୁବ ଦିବସ ପାଳନ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋରେ ମାଲ୍ୟାର୍ପଣ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଓ ଯୁବ ଶକ୍ତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ବିଦ୍ୟାଳୟର ସହସ୍ରାଧିକ ଛାତ୍ରଛାତ୍ରୀ ଏକତ୍ର ହୋଇଥିଲେ। ଏହି ଅବସରରେ ବନ୍ଦେ ମାତରଂର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ 'ବନ୍ଦେ ମାତରମ'ର ଏକ ଭବ୍ୟ ସଂରଚନା କରିଥିଲେ ଏବଂ ଦେଶମାତୃକାର ବନ୍ଦନାପୂର୍ବକ ଜୟଧ୍ୱନି କରିଥିଲେ। ଭାରତବର୍ଷର ଇତିହାସ ତଥା ରାଷ୍ଟ୍ରର ଗର୍ବ ଓ ଗୌରବ ଗାଥାକୁ ଚିରପ୍ରବାହମାନ କରିଆସୁଥିବ। ତଥା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଆନନ୍ଦମଠ ଉପନ୍ୟାସରେ ସ୍ଥାନିତ ପ୍ରେରଣାଦାୟୀ ରାଷ୍ଟ୍ରଭକ୍ତି କବିତା ବନ୍ଦେ ମାତରଂକୁ ସାମୂହିକ ଭାବେ ଗାନ କରିଥିଲେ।



### ● କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଦେବଗଡ଼: ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର 'ମେରା ଯୁବା ଭାରତ' ପକ୍ଷରୁ ବାରକୋଟ ବ୍ଲକ୍ ଅଧୀନ କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମେରା ଯୁବା ଭାରତର ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଫାଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ହେମାଙ୍ଗିନୀ ମହାରଣା, ଲୁରୁଜା ବାଗ, କ୍ରିତ୍ତିକା ମଣ୍ଡଳ, ଅଧ୍ୟାପକ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତାରେ ମୁନା ପାତ୍ର ପ୍ରଥମ, ଶୁଭଶ୍ରୀ ନାଏକ ଦ୍ୱିତୀୟ ଓ ପାୟଲ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରି ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ଧବଳେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# 'ସ୍କ୍ରିନ୍ ଟାଇମ୍‌ରୁ ଗ୍ରୀନ୍ ଟାଇମ୍' ପୋଷ୍ଟର ଉନ୍ମୋଚିତ



**ଭବାନୀପାଟଣା, ୧୨।୧(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, କଳାହାଣ୍ଡି ଦ୍ୱାରା ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇଙ୍କ ଉପସ୍ଥିତି କ୍ରମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନୂତନ ରାଷ୍ଟ୍ରୀୟ ଅଭିଯାନ' ସ୍କ୍ରିନ୍ ଟାଇମ୍ ରୁ ଗ୍ରୀନ୍ ଟାଇମ୍ ଅଭିଯାନର ପୋଷ୍ଟର ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହ ପ୍ରମୁଖ ଅମିୟ ଜ୍ୟୋତି ଜେନା, ବିଭାଗ ସଂଯୋଜକ ଚୁଡ଼ାମଣି ପ୍ରଧାନି, ନଗର ସମ୍ପାଦକ ଭୋଜରାଜ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛନ୍ଦାଚରଣ ବେହେରା, ବିଦ୍ୟାଧର ଭୋଇ, ହେମନ୍ତ ନାୟକ, ମହେଶ ତାଣ୍ଡି, ଧନୀ ହିଆଲ, ତପନ ଗହିର, ଅଭୟ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଲାମୁଣ୍ଡାରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୧୨।୧ (ସମିସ):** ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ଗୋଲାମୁଣ୍ଡା ବ୍ଲକ ସ୍ଥିତ ଶିବାଜୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଛି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହାକୁ ରଚନା କରିଥିଲେ। ଏହି ରାଷ୍ଟ୍ରଗୀତ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ଉତ୍ସାହ ଓ ପ୍ରେରଣାର ଗୀତ ଥିଲା। ତେବେ ଏହି ଗୀତର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆଜି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶହଶହ ଛାତ୍ରଛାତ୍ରୀଙ୍କୁ ନେଇ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାୟକ, ଏବିଡିଓ ବିଜୟ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ।



## ବିକାଶ କାର୍ଯ୍ୟର ସମୀକ୍ଷା କଲେ ଉନ୍ନୟନ କମିସନର

# ଲକ୍ଷାଧିକ ଟଙ୍କାର କାର୍ଯ୍ୟକ୍ରମ, କାମ ନଦେଖି କେବଳ ସମୀକ୍ଷା

**ନୂଆପଡ଼ା, ୧୨।୧(ସମିସ)**

ନୂଆପଡ଼ା ଜିଲ୍ଲାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିକାଶ କାର୍ଯ୍ୟ ସବୁର ସମୀକ୍ଷା କରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଆଜି ନୂଆପଡ଼ା ଜିଲ୍ଲା ଗସ୍ତ କରିଥିଲେ। ସ୍ଥାନୀୟ ଗୋତମା ଏୟାରଷ୍ଟ୍ରିପ୍‌ରେ ଅବତରଣ ପରେ ସେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜୟ ଢୋଲକିଆ, ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଡିଆଇଜି ଦକ୍ଷିଣ ପଶ୍ଚିମାଞ୍ଚଳ କୁଅଁର ବିଶାଲ ସିଂ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ସାଂସଦଙ୍କ ପ୍ରତିନିଧି ଆଇନଜୀବୀ ପ୍ରସନ୍ନ ପାଢ଼ୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର କହିଲେ ଯେ ନୂଆପଡ଼ା ଯେହେତୁ ଏକ ଉପାନ୍ତ ଜିଲ୍ଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାହୁଁଛନ୍ତି ଏହାର ସର୍ବାଙ୍ଗୀନ ବିକାଶ ହେଉ। ଏହା ଦେଶ



ତଥା ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ହିସାବରେ ପରିଗଣିତ ହେଉ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିବା ୧୫୫୫ କୋଟି ଟଙ୍କାର ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସେ ସମୀକ୍ଷା କରିଥିଲେ। ଏଥିରୁ କେବଳ ଜଳସେଚନ ପାଇଁ ୮୦୨ କୋଟି ଥିବାରୁ, କୃଷକମାନଙ୍କ ଉନ୍ନତି ପାଇଁ ଏସବୁ ଶୀଘ୍ର ସମାପ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ୧୦୭୪ ଟି ଗଭୀର ନଳକୂପ ଖନନ ଥିବାରୁ କାମ ଶୀଘ୍ର ସାରି ବିଦ୍ୟୁତ ସଂଯୋଗ ପାଇଁ ଗୁରୁତ୍ୱ ଦେଇଥିଲେ। ଏହା ସହିତ ମଞ୍ଜୁର ହୋଇଥିବା ରାସ୍ତା ଓ କୋଠାବାଡ଼ି ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ବିଧାୟକ ଜିଲ୍ଲାର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଗ୍ରହଣ କରାଯାଉଥିବା ଅଭିନବ କାର୍ଯ୍ୟପନ୍ଥା, ଯେପରିକି ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଅଭିଯାନ, ବର୍ଦ୍ଧିତ ଜନ ଶୁଣାଣୀ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ଝିଅପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ, ପକ୍ଷୀ ପାଇଁ ଦିନଟିଏ, ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ଗାଁ ରେ ରାଜସ୍ୱ ପ୍ରଶାସନ, ୱାର୍ଡରେ ପୌର ପ୍ରଶାସନ, ମାସିକ ଜିଲ୍ଲା ଉନ୍ନୟନ ବୈଠକ ଇତ୍ୟାଦି ବିଷୟରେ ସୂଚନା ଦେଇଥିଲେ। ଉନ୍ନୟନ ଆୟୁକ୍ତ ଏସବୁର ପ୍ରଶଂସା କରିଥିଲେ। ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆମେ ନୂଆପଡ଼ାକୁ ଆସି ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ବିସ୍ତୃତ ଭାବରେ ସମୀକ୍ଷା କଲୁ। କିଛି ପ୍ରକଳ୍ପ କାମ ଶେଷ ହେଇଯାଇଛି, କିଛି ଆଗେଇ ଚାଲିଛି, କିଛି ପ୍ରକଳ୍ପ ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ଚାଲିଛି, ଆଉ କିଛି ପ୍ରକଳ୍ପର ଡି ପି ଆର୍ ପ୍ରସ୍ତୁତ ସରିଛି। ଆମେ ସବୁ ପ୍ରକଳ୍ପ ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କଲୁ। ଆମେ ଆଶା କରିଛୁ, ଜିଲ୍ଲାବାସୀଙ୍କ ସହଯୋଗରେ ଓ ସମସ୍ତ ଅଧିକାରୀଙ୍କ ପ୍ରଚେଷ୍ଟାରୁ ସବୁ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବ। ଉନ୍ନୟନ କମିଶନରଙ୍କ ଗସ୍ତ ପରେ ଜିଲ୍ଲାର ପ୍ରକଳ୍ପ ସବୁ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାବାସୀ ଆଶା ପୋଷଣ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି କମିସନର ଜିଲ୍ଲାକୁ ଆସିଥିଲେ। ଜିଲ୍ଲାବାସୀଙ୍କ ବହୁ ଆଶା ଆକାଂକ୍ଷା ଥିଲା ଯେ ଏଭଳି ଏକ ଉଚ୍ଚସ୍ତରୀୟ ଟିମ ଜିଲ୍ଲାର ଭାତ ହାଣ୍ଡିରୁ କିଛି ଭାତ ଚିପୁଡିଲା ଭଳି ଜିଲ୍ଲାର କିଛି ପ୍ରକଳ୍ପ ବୁଲି ଦେଖିବେ ବୋଲି ଅନାଇ ଚାହିଁ ବସିଥିଲେ, ହେଲେ ବିଳମ୍ବରେ ଆସି ଶୀଘ୍ର ଚାଲି ଯାଇଥିଲେ। ଅନ୍ୟପଟେ ଦିନ ତମାମ ଜିଲ୍ଲାର ୫ଟି ଯାକ ବ୍ଲକ ଅଞ୍ଚଳରୁ ସମସ୍ତ ବିଭାଗୀୟ ଅଧିକାରୀମାନେ ଆସି ଜଗି ରହିଥିଲେ।

# ଜୁନାଗଡ଼ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

**ଜୁନାଗଡ଼, ୧୨।୧(ସମିସ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ସ୍ଥିତ ଜୁନାଗଡ଼ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ପାଳିତ



ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ଅନୀଲ କୁମାର ନନ୍ଦ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ହିମାଦ୍ରୀ ନାଏକ, ପୁରାତନ ଛାତ୍ର ସଂସଦର ସଭାପତି ସନ୍ତୋଷ ସିଂହ ଦେଓ, ସମ୍ପାଦକ କୁବଳେଶ୍ୱର ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରୁପାକ୍ଷ ନାଏକ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ ଓ କାଉନସିଲର ହିମାଦ୍ରୀ ସିନ୍ଧୁର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ସଜାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ତପିମଣି ଯାନୀ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ, ଡିପିଇଓ ରୁପସୀଙ୍ଗ ରାଉତ, ପିଏସଏସ କୋର୍ଡିନେଟର ପ୍ରଶାନ୍ତ ନନ୍ଦ, ଶିକ୍ଷାବିତ ମନୋରଞ୍ଜନ ପାଣିଗ୍ରାହୀ, ବିଜୟ ପାଢ଼ୀ ଆଲୁମିନି ସତ୍ୟ ସିଂହ, ବାଲାଜୀ ଯାଦବ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ମଳୟ ମୁଣ୍ଡ ଓ ସଞ୍ଜୀବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ପର୍ଲା ଫୁଟବଲ ଚାମ୍ପିଅନ ଟ୍ରଫି ଉଦ୍‌ଘାଟିତ

# ୨-୦ ଗୋଲରେ ବଙ୍କାପଲା ବିଜୟୀ

**ଧର୍ମଗଡ଼, ୧୨।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲାଗ୍ରାମଠାରେ ଆୟୋଜିତ ଫୁଟବଲ ଚାମ୍ପିଅନ ଟ୍ରଫିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଫୁଟବଲ କେବଳ ପ୍ରତିଯୋଗିତା ମୂଳକ ନୁହଁ ବରଂ ବନ୍ଧୁତା ସ୍ଥାପନ କରିବା ରେ ପ୍ରେରଣା ଯୋଗାଏ କହି ମୁଖ୍ୟ ଅତିଥି



ଖେଳାଳିଙ୍କୁ ଉତ୍ସାହ କରିଥିଲେ। ଉଦ୍‌ଘାଟନ ଦିବସରେ ବଙ୍କାପଲା -ଧର୍ମଗଡ଼ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ଖେଳରେ ବଙ୍କାପଲା ୨-୦ଗୋଲରେ ବିଜୟୀ ହୋଇଛି। ସମ୍ମାନିତ ଅତିଥି ଭାବେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ସମିତି ସଭ୍ୟା ପୂର୍ଣ୍ଣମୀ ଝାଙ୍କର, କଦଳିମୁଣ୍ଡା ସରପଞ୍ଚ ଘନକେଶି ବୋଡ଼କିଆ, ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଅଧ୍ୟକ୍ଷ ନବକୁମାର ସୁନାରୀ, ବିଜ୍ଞାନଶିକ୍ଷକ ତେଜେଶ୍ୱର ସାହୁ, ସମାଜସେବୀ ମନୋଜ କୁମାର ପଟ୍ଟଯୋଶୀ, ବରିଷ୍ଠ ଖେଳାଳି ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ, ପୂର୍ବତନ ସରପଞ୍ଚ ସୁବାସ ବୋଡ଼କିଆ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଲା ଫୁଟବଲ କମିଟି ସଭାପତି-କାମାକ୍ଷ ଦାସ, ଉପସଭାପତି-ମାନସ ରଞ୍ଜନ ଦାସ, ସମ୍ପାଦକ-ପାରେଶ୍ୱର ସାହୁ, ସହ ସମ୍ପାଦକ -ଚିନ୍ମୟ ଦାସ, ସହ ସମ୍ପାଦକ-ଅରକ୍ଷିତ ବାରିକ, କୋଷାଧ୍ୟକ୍ଷ-ଲଛମନ ଗୋପାଳ ସମେତ ସଦସ୍ୟ-କୃଷ୍ଣ ମୋହନ ଶବର, ସଂଗ୍ରାମ ଦାସ, ରଞ୍ଜିତ ଶବର, ଅର୍ଜୁନ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ। ଖେଳ ପରିଚାଳନା -ତାପସ କୁମାର ଦାସ ସହ ଭୁପେନ୍ଦ୍ର ଗୋପାଳ, ସଞ୍ଜୀବ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# ଥୁଆମୂଳ ରାମପୁର ବିଜେଡି ପକ୍ଷରୁ ବନ୍ଧୁମିଳନ



**ଥୁଆମୂଳ ରାମପୁର, ୧୨।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଥୁଆମୂଳ ରାମପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରବିବାର ଦଳୀୟ କର୍ମୀମାନଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ଉପସ୍ଥିତିରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବ୍ଲକ ସଭାପତି କପିଳାସ ନାଏକଙ୍କ ସଭାପତିତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ୍ୟ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା, କାର୍ଯ୍ୟକାରୀ ସଭାପତି କୈଳାସ ପରିଚ୍ଛା, ଯୁବନେତା ଫଟୁସିଂ ଭୋଇ, ବ୍ଲକର ଦୁଇଟି ଜୋନ୍‌ର ସଭାପତି କୃଷ୍ଣଚନ୍ଦ୍ର ସାହୁ, ଲାଲ ନାଏକ ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଦଳୀୟ ସଭାପତି ସମ୍ପାଦକଙ୍କ ସହିତ ବରିଷ୍ଠ ବିଜେଡି କର୍ମୀମାନେ ଯୋଗଦେଇ ଥିଲେ। ବିଜେପି ସରକାରର କାର୍ଯ୍ୟକଳାପ ଉପରେ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିବା ବେଳେ ସରକାର ସବୁ କ୍ଷେତ୍ରରେ ନିଜର ଅପାରଗତା ପ୍ରଦର୍ଶନ କରୁଛି। ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ବିକାଶର ଗତିପଥ ଶୀର୍ଷକୁ ଛୁଇଁଥିଲା। କିନ୍ତୁ ବର୍ତ୍ତମାନ ସରକାରରେ ତାହା ହ୍ରାସ ହେବାରେ ଲାଗିଛି। ସରକାର ବଦଳିଛି ସତ କିନ୍ତୁ ଲୋକଙ୍କ ହୃଦୟରେ ଏବେବି ନବୀନ ପଟ୍ଟନାୟକଙ୍କ ଶାସନ କାଳର ବିଜେଡି ସରକାରକୁ ଯଥେଷ୍ଟ ଭଲପାଇବା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଲୋକଙ୍କ ସମସ୍ୟା ବୁଝିବା ସହିତ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ବିଧାୟକ ଶ୍ରୀ ଦିଶାରୀ। ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବା ସହିତ ପୁନଃଲୋକଙ୍କ ଆସ୍ଥା ଓ ଭରସାର ନିକଟତର ହେବା ସେଥିପାଇଁ ସମସ୍ତ ନେତୃବୃନ୍ଦ ନିଜନିଜ ଅଞ୍ଚଳରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ ବିଧାୟକ ଶ୍ରୀ ଦିଶାରୀ। ଅଞ୍ଚଳର ସମସ୍ୟା ସମାଧାନ ନ କଲେ, ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ହକ୍ ପାଇଁ ଲଢେଇ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ବିବେକାନନ୍ଦଙ୍କ ଜୟନ୍ତୀ




**ନୂଆପଡ଼ା, ୧୨।୧ (ସମିସ):** ନୂଆପଡ଼ା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପଶ୍ଚିମ ସମ୍ଭାଗ ପ୍ରମୁଖ ପ୍ରଫେସର ଚନ୍ଦ୍ରଶେଖର ଚନ୍ଦ୍ରକାର ମୁଖ୍ୟ ଅତିଥି, ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପିକା ମମତା ପଟ୍ଟନାୟକ, ଡ.ପ୍ରଣତି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରିବା ସହିତ ବିଶ୍ୱର ସମଗ୍ର ଯୁବ ସମାଜ ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଯୁବରେଡକ୍ରସ ଜିଲ୍ଲା ଆବାହକ-ସମ୍ପାଦକ ଶିବ ପ୍ରସାଦ ସା ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବୈକୁଣ୍ଠ ବେହରା ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ହେମାଳ ସା ଧନ୍ୟବାଦ ଅର୍ପଣ କରିଥିଲେ।



**କୋକସରା:** କୋକସରା ବ୍ଲକ ଭୂର୍ଷାଗୁଡା ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ଦ୍ୱାରା ସୋମବାର ବିବେକାନନ୍ଦ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଗ୍ରାମର ନକୁଳ ନାଏକ, ଦୁର୍ଜନ ମାଝୀ, ୱାର୍ଡସଭ୍ୟ ଦୈତାରୀ ମାଝୀ, ଟଙ୍କଧର ନାଏକ, ଭୂମିସୂତା ମାଝୀ, ରାଜେନ୍ଦ୍ର ଦାସ ନିଜ ନିଜ ଅଭିଭାଷଣ ରଖିଥିଲେ। ସଂଘ ସଭାପତି ଶିବାନ ମାଝୀ ସ୍ୱାଗତବାର୍ତ୍ତା ପ୍ରଦାନ କରିଥିବାବେଳେ ଜିତେନ୍ଦ୍ର କୁମାର ଠାକୁର ପରିଚାଳନା କରିଥିଲେ। ସଂଘ ଉପସଭାପତି ସୁଦର୍ଶନ ମାଝୀ, ସହ କୋଷାଧ୍ୟକ୍ଷ ଲଳିତ ଦିଆରୀ, ଉପଦେଷ୍ଟା ଲବ ମାଝୀ, ପଦ୍ମଲୋଚନ ମାଝୀ, ଉଗ୍ରେସନ ପୂଜାରୀ, ରୂପଧର ମାଝୀ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସମ୍ପାଦକ କ୍ଷୀରୋଦ କୁମାର ନାଏକ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

# ପାରା ବ୍ୟାଡମିଣ୍ଟନ ଖେଳାଳି ଆକାଶ ମୁଣ୍ଡଙ୍କୁ ସମ୍ବର୍ଦ୍ଧନା



**କୋକସରା, ୧୨।୧(ସମିସ):** କୋକସରା ବ୍ଲକ ଆମପାଣି ବୁଢ଼ାରଜା ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଜାତୀୟସ୍ତରର ପାରା ବ୍ୟାଡମିଣ୍ଟନ ଖେଳାଳି ଆକାଶ ରଞ୍ଜନ ମୁଣ୍ଡଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସମୟରେ ବୁଢ଼ାରଜା ବ୍ୟାଡମିଣ୍ଟନ ଆସୋସିଏସନ୍‌ର ତ୍ରିନାଥ ପ୍ରଶ୍ନ ରାୟ, ରୁତୁରାଜ ମାଝୀ, ବିନୋଦ କୁମାର ସିଂ, ପ୍ରିତମ, ଅଗ୍ରୱାଲ, ଲାଲୁ ପଟେଲ, ଜିତେନ୍ଦ୍ର ପଣ୍ଡା, ସୁନୀଲ ଯୋଷୀ, ସପ୍ନେନ୍ଦୁ ମୁଣ୍ଡ, ଜୟ ଶଙ୍କର ପାଠୀ, ସୁରେଶ କୁମାର ସାହୁ ସମେତ ଆମପାଣି ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ପୁରୁଣା ଘରେ ଚାଲୁଛି ପ୍ରାଣୀସମ୍ପଦ ବିଭାଗ କାର୍ଯ୍ୟାଳୟ

# ଔଷଧ ରଖିବାକୁ ସ୍ଥାନ ନାହିଁ; କର୍ମଚାରୀଙ୍କ ଦାବି କେବେ ଶୁଣିବେ ସରକାର

**ଭବାନୀପାଟଣା, ୧୨।୧(ସମିସ)**

ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟ ଓ ସୁରକ୍ଷା ଏବଂ କୃଷି କ୍ଷେତ୍ରରେ ସୃଜନଶୀଳତାର ବିକାଶ ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକ ପଡୁଛି। କିନ୍ତୁ ରାଜ୍ୟ ସରକାର କେବଳ ମେଳା ମହୋତ୍ସବର ମାହୋଲ ସୃଷ୍ଟିକରି ପ୍ରାଣୀସମ୍ପଦ ଦାୟିତ୍ୱ ନିଜ ମୁଣ୍ଡ ଉପରୁ ଓହ୍ଲାଇ ଦେଉଥିବା ଲକ୍ଷ୍ୟ କରାଯାଇଛି। ଆଗାମୀ ଦିନରେ ପ୍ରାଣୀସମ୍ପଦର ଗତି କୁଆଡ଼କୁ ଯିବ ତାହା କହିବା ମୁସ୍କିଲ। ପୂର୍ବ ସରକାର ମଧ୍ୟ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ମେଳା କରିଆସୁଥିଲେ। ପ୍ରକୃତ ଚାଷୀ ଏବଂ ପ୍ରାଣୀ ସମ୍ପଦ ବିଭାଗର ଭଲମନ୍ଦ ପ୍ରତି ନଜର ରଖି କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଏହିମେଳା ଜିଲ୍ଲାସଦର ମହକୁମାରୁ ବ୍ଲକସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି। ପ୍ରାୟ ଏକ କୋଟି ଟଙ୍କା ମେଳା ମହୋତ୍ସବରେ ଶ୍ରାଦ୍ଧ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀଙ୍କ ସମସ୍ୟା ଓ ନ୍ୟାର୍ଯ୍ୟ ଦାବି ପ୍ରତି ଧ୍ୟାନ ଦିଆଯା ନ ଥିବା ଅନୁମାନ କରାଯାଉଛି। ସେହିପରି କଳାହାଣ୍ଡି ପ୍ରରିପ୍ରେକ୍ଷୀରେ କୁହାଯାଇପାରେ ଯେ ଭଲ ଅଫିସ ଘରଟିଏ ନାହିଁ। ଦଦରାଘର ଗ୍ୟାରେଜରେ ମୂଲ୍ୟବାନ ଔଷଧ ଆଦି ରଖିବାକୁ ହେଉଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଗଦା ଗଦା ସମସ୍ୟା। ନୂତନ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ନିର୍ମାଣ ପାଇଁ ଆସିଥିବା କୋଟିଏ ଟଙ୍କା ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଦେଖାଯାଇଛି। ଯଦିଓ ମତ୍ସ୍ୟ ବିଭାଗ କାର୍ଯ୍ୟ ନିର୍ବାହୀ ଇଞ୍ଜିନିୟରଙ୍କୁ ଅଗ୍ରୀମ ଆକାରରେ ଟଙ୍କା ପ୍ରଦାନ କରାଯାଇଥିଲେ




ସୁଦ୍ଧା ବର୍ଷେ ହୋଇଯିବ, ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଜିଲ୍ଲା ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପୁରୁଣା ପାଞ୍ଚ ବଖରାରେ ଚାଲିଛି। କାର୍ଯ୍ୟାଳୟର ସଭା ଗୃହ ନାହିଁ ଓ ସ୍ଥାୟୀ ଔଷଧ ଭଣ୍ଡାର ଗୃହ ନଥିବାରୁ ଘୋର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ପ୍ରାଣୀ ଚିକିତ୍ସା ଏବଂ ଔଷଧ ଓ ଉପକରଣ ରଖିବା ପାଇଁ ଚିନ୍ତା ବଢ଼ାଉଛି। ସବୁ ସାମଗ୍ରୀ ବିଭିନ୍ନ ସ୍ଥାନରେ ରଖାଯାଇଛି ଓ ବଣ୍ଟନ କରାଯାଉଛି। ବର୍ଷା ଦିନେ ଅବସ୍ଥା ନ କହିଲେ ଭଲ। ଗ୍ୟାରେଜ ନ ଥିବାରୁ ଅଫିସ ଗାଡ଼ି ଗୁଡ଼ିକ ଖୋଲା ଆକାଶ ତଳେ ରହୁଛି। ଦୁଇଟି ବଡ଼ ବୁଢ଼ା ଗଛ, କାର୍ଯ୍ୟାଳୟ ପରିସରରେ ରହିଥିବା କାରଣରୁ ବର୍ଷା ଦିନେ ଡାଳ ଭାଙ୍ଗି କର୍ମଚାରୀଙ୍କ ବିପଦର କାରଣ ସାଜିଛି। ସେହିପରି କର୍ମଚାରୀମାନେ ବର୍ଷବର୍ଷ ଧରି ସେମାନଙ୍କ କେତେକ ଦାବି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସତ କିନ୍ତୁ ଫଳ ଶୂନ୍ୟ ହେବାରୁ ନିରବି ଯାଇଛନ୍ତି। ଗତଥର ଯେଉଁମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ଦାବି ପୂରଣ ସକାଶେ ଅଡ଼ି ବସିଥିଲେ। ଦାବି ପୂରଣ ପରିବର୍ତ୍ତେ ଓଲଟା ୩୨ଦିନର ଦରମା ସରକାର ବନ୍ଦ କରିଦେଇଛନ୍ତି। ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡ଼ରର ବିଭିନ୍ନ ଦାବି ତଥା ସଠିକ୍ ଭାବେ କ୍ୟାଡ଼ର ପୁନର୍ଗଠନ ଓ ଭିଟି / ଏଲଟି, ଜୁନିଅର ଏଲ.ଇ.ଓ, ସିନିଅର ଏଲ.ଇ.ଓର ମୂଳ ପଦ ସଂଖ୍ୟା ବଢ଼ାଇବା, ପଦଗୁଡ଼ିକର କାର୍ଯ୍ୟସାରଣୀ ପ୍ରସ୍ତୁତ କରିବା, ପ୍ରତ୍ୟେକ ପଦ ପାଇଁ ଅଲଗା କାର୍ଯ୍ୟ ନିର୍ଦ୍ଧାରଣ କରିବା, ଚାରିଟି ପଦର କାମ ପ୍ରାୟତଃ ସମାନ ରହୁଥିବାରୁ କର୍ମଚାରୀମାନେ ସେଇ ଗୋଟିଏ କାମ କରି ବୀତସ୍ପୃହ ହୋଇଗଲେଣି। ଏଣୁ ବର୍ତ୍ତମାନ ପରିବର୍ତ୍ତନ ଆବଶ୍ୟକ ବୋଲି ଦାବି ହେଉଛି। କ୍ୟାଡର କରୁଥିବା କାର୍ଯ୍ୟାବଳୀ ନିମନ୍ତେ ସରକାରୀ ସ୍ୱୀକୃତି ଓ ଦୁଇ ବର୍ଷିୟା ଡିପ୍ଲୋମାର ପୁନଃପ୍ରଚଳନ ଦାବି ହେଉଛି। ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ, ପାଇଁ ଅଲଗା ପଦ ସୃଷ୍ଟି କରାଯାଉ। ଏଲଆଇ କ୍ୟାଡ଼ରର ମୂଳଦରମା ହାର ବଢ଼ାଇ ଗ୍ରେଡ୍ ପେ ୪୨୦୦/- ରେ ନିର୍ଦ୍ଧାରଣ କରାଯାଉ। ଚୁକ୍ତିଭିତ୍ତିକ ଏଲଆଇମାନଙ୍କୁ ୨୦୧୩ ପରିବର୍ତ୍ତେ, ୨୦୦୮ କୁ ଚାକିରି କାଳରେ ଗଣିବା ଓ ସେହିଦିନରୁ ସ୍ଥାୟୀ କାରାଯାଉ ବୋଲି ନିର୍ଦ୍ଦିଷ୍ଟ କିଛି ଦାବି ପ୍ରତି ସରକାର ଗମ୍ଭୀରତାର ସହିତ ବିଚାରକୁ ନେବା ସମୟ ଆସିଛି। କଳାହାଣ୍ଡିରେ ୧୪୦ଏଲ ଆଇ ପଦରୁ ଅଛନ୍ତି ୮୬ଜଣ। ବିଭିନ୍ନ ପଦ ପଦ ଖାଲି ପଡ଼ିଛି। ଅଥଚ କୋଟି କୋଟି ଟଙ୍କା ବ୍ୟୟରେ ରାଜ୍ୟବ୍ୟାପୀ ମେଳା ମହୋତ୍ସବ କରି ଚାଲିଛନ୍ତି। ଆଗାମୀ ଦିନରେ ମେଳା ମହୋତ୍ସବ ଏହି ସରକାର ପଞ୍ଚାୟତସ୍ତରରେ ମଧ୍ୟ କରିପାରନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ଦୟନୀୟ ସ୍ଥିତି ଏବଂ କର୍ମଚାରୀଙ୍କ ଦାବିସମୂହର ପୁନର୍ବିଚାର କରି ସାହାଯ୍ୟ ଓ ସହଯୋଗ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

**ମେଳା ମହୋତ୍ସବରେ ସୀମିତ କି ପ୍ରାଣୀ ସମ୍ପଦ ବିଭାଗର ବିକାଶ**

# ପ୍ରହସନ ପାଲଟିଲା ୧୨ ଘଣ୍ଟିଆ ପାଟଣାଗଡ଼ ବନ୍ଦ

ପାଟଣାଗଡ଼,୧୨।୧ (ସମିସ)

- ପୁରୁଣା ଡାକ୍ତରଖାନାରେ ଓପିଡି ଦାବି
- ମଧ୍ୟାହ୍ନ ୧୨ଟା ପରେ ପରିସ୍ଥିତି ସ୍ୱାଭାବିକ
- ଆସିଲେନି ନେତୃତ୍ୱ ନେଇଥିବା ସାମାଜିକ କର୍ମୀ
- ଆନ୍ଦୋଳନକାରୀଙ୍କୁ ଉଠାଇ ନେଲା ପୁଲିସ

ଗଙ୍ଗାସାଗରଠାରେ ନବ ନିର୍ମିତ ନୂତନ ଡାକ୍ତରଖାନାକୁ ଗତ ୨୯ ତାରିଖରେ ସମସ୍ତ ସ୍ୱାସ୍ଥ୍ୟ ସେବା ସ୍ଥାନାନ୍ତର କରାଯାଇଛି। ଏହାପରେ ସ୍ଥାନୀୟ ପୁରୁଣା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ସହ ଓପିଡି ଖୋଲାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଦାବି ହୋଇଆସୁଛି। ଏନେଇ ଗତ ସୋମବାର ଓ ଶନିବାର ପୁରୁଣା ଡାକ୍ତରଖାନା ସମ୍ମୁଖରେ ଜନସାଧାରଣ ରାସ୍ତା ରୋକ କରି ଦାବି ଜଣାଇଥିଲେ; କିନ୍ତୁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପୂରଣ ନ ହେବାରୁ ସ୍ଥାନୀୟ କିଛି ସାମାଜିକ କର୍ମୀ ସୋମବାର ପାଟଣାଗଡ଼ ୧୨ ଘଣ୍ଟିଆ ବନ୍ଦ ହେବା ନେଇ ଡାକରା ଦେଇଥିଲେ। ଏହାକୁ ନେଇ କିଛି ସେଚ୍ଛାସେବୀ ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ପ୍ରକାଶ କରିଥିଲେ। ସୋମବାର ସକାଳ ୮ଟାରେ ପୁରୁଣା ଡାକ୍ତରଖାନା ସମ୍ମୁଖରେ ସହରବାସୀ ଏକତ୍ରିତ ହୋଇ ରାସ୍ତାରୋକ ସହ ଆନ୍ଦୋଳନ କରିଥିଲେ; କିନ୍ତୁ ଆନ୍ଦୋଳନର ନେତୃତ୍ୱ ନେଇଥିବା ଦୁଇ ସାମାଜିକ କର୍ମୀଙ୍କ ଦେଖା ନ ଥିଲା। ପାଟଣାଗଡ଼ ପୁଲିସ ଆନ୍ଦୋଳନ ସ୍ଥଳକୁ ଆସି ବୁଝାସୁଝା କରିବାକୁ ଉଦ୍ୟମ ପରେ ମଧ୍ୟ ଆନ୍ଦୋଳନକାରୀ ତାଙ୍କ ଜିଦରେ ଅଟଳ ରହିଥିଲେ। ପରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଗାଡ଼ିରେ ବସାଇ ଥାନାକୁ ନେଇଥିଲେ। ଥାନା ପରିସରରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୦ ଦିନ ଭିତରେ ଦାବି ପୂରଣ କରାଯିବା ନେଇ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପଟେ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ସାମାଜିକ କର୍ମୀ କୁଆଡେ ଗଲେ ବୋଲି ଚର୍ଚ୍ଚା ହୋଇଥିଲା। ରବିବାର ପାଟଣାଗଡ଼ ବନ୍ଦ ଡାକରା ନେଇ ଗଣମାଧ୍ୟମରେ ବୟାନ ଦେଇଥିବା ସାମାଜିକ କର୍ମୀ ଗିରିରାଜ ଭୋଇ ଓ ଜଗନ ମେହେର ପୁଲିସ ଭୟରେ ଫେରାର ହୋଇଯାଇଥିବା ଲୋକେ କହିଥିଲେ। ନୀରିହ ଜନସାଧାରଣଙ୍କୁ ମୋହରା ବନାଇ ଦୁଇ ସାମାଜିକ କର୍ମୀ ଆନ୍ଦୋଳନ ସମୟରେ ନ ରହିବା ଘଟଣା ସ୍ଥାନୀୟ ଜନସାଧାରଣ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ସକାଳୁ ସହରର ଦୋକାନ ବଜାର ବନ୍ଦ ରହିଥିଲା। ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇନେବାପରେ ୧୨ ଘଣ୍ଟିଆ ବନ୍ଦ ଡାକରାର ପ୍ରଭାବ ଫିକା ପଡିଥିଲା। ମଧ୍ୟାହ୍ନ ୧୨ଟା ପରେ ସହରର ଦୋକାନ ବଜାର ଖୋଲିବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ୫ ପ୍ରକଳ୍ପର ଶିଳାନ୍ୟାସ



ବୌଦ୍ଧ,୧୨।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସୱାନ ହଲ୍‌ରେ ଆଭାସୀ ମାଧ୍ୟମରେ କନ୍ଧମାଳ ନିର୍ବାଚନ ମଣ୍ଡଳୀର ୫ଟି ରାସ୍ତାର ଉନ୍ନତି କରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଉତ୍ସବରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳାନ୍ୟାସ କରିଥିଲେ। ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ବୌଦ୍ଧରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଲ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ କୁନା ଚରଣ ସିଂ, ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ଯୋଗ ଦେଇଥିଲେ।

## କନ୍ଧମାଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



କନ୍ଧମାଳ,୧୨।୧(ସମିସ): କନ୍ଧମାଳ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ। ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶିବ ମନ୍ଦିରରୁ କ୍ରୀଡା ମଶାଲ ଅଣାଯାଇଥିଲା। କନ୍ଧମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁମନ୍ତ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂଜୀବ ପ୍ରହରାଜ ଓ ବରିଷ୍ଠ ଶିକ୍ଷୟିତ୍ରୀ ହେମ ହେମବନ୍ତୀ ବାଘ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁଦାମ ଚରଣ ମିଶ୍ର ଓ ସୌରଭ ସାହୁ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ବନମାଳୀ ମେହେର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଆଲୋକ ପରଡ଼ିଆ, ସତ୍ୟଜିତ ପଣ୍ଡା ସରୋଜ ସାହୁ, ଶିକ୍ଷୟିତ୍ରୀ ମୀରାବାଇ ଧାରୁଆ, ସୁଭଦ୍ରା ମାଝୀ , ଶିକ୍ଷକ ଦେବାଶ୍ରିତ ପ୍ରଧାନ, ବୀରଭଦ୍ର ମିଶ୍ର, ନବକୁମାର ସାହୁ, କର୍ମଚାରୀ ମନୋଜ ବନଛୋର, ନିଳୀମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ତ୍ରୟୋବିଂଶତମ ବଲାଙ୍ଗିର ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ



ବଲାଙ୍ଗିର, ୧୨।୧(ସମିସ): ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରୟୋବିଂଶତମ ବଲାଙ୍ଗିର ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଯାଇଛି। ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜଗଦାନନ୍ଦ ଛୁରିଆ, ବାଲମକୁନ୍ଦ ବେହେରା, ନରେନ୍ଦ୍ରନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ସଙ୍ଗୀତ, ଲୋକ ନାଟକ ଆଦି ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ବିଶାରଦ ଗୁରୁ ରବୀନ୍ଦ୍ର କୁମାର ଜେନା, ଲୋକଧର୍ମୀ ପ୍ରଦର୍ଶନ କଳା ଗୁରୁ ସୁମନ ବନଛୋରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମାନନ୍ଦ ବନଛୋର, କାଳି ପ୍ରସାଦ ଷଡଙ୍ଗି, ଘାସିରାମ ମିଶ୍ର, ମୁରଲିଧର ପତି, ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ଅନୁପ୍ରିୟା ମିଶ୍ର, ଦୀପକ ବରାଳ, ବସୁଦେବ ମେହେର, ସନାତନ ଠାକୁର, ବ୍ୟାସଦେବ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ନେସଲା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡେପୁଟି କଲେକ୍ଟର ସତ୍ୟଜିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗୀତା ଦାସ, ମଧୁ ସୁଦନ ନାୟକ ଓ ଜ୍ୟୋତି ପ୍ରକାଶ ସାହୁ ସଭା ସଂଯୋଜନା କରିଥିଲେ।

## ଅଣ୍ଡା ଦୋକାନରୁ ୪୩ ଲିଟର ମଦ ଜବତ, ଜଣେ ଗିରଫ



ଡୁଙ୍ଗୁରିପାଲି,୧୨।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ପୁଲିସ ଏକ ଅଣ୍ଡା ଦୋକାନରୁ ୪୩ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଗତ କିଛିଦିନ ପୂର୍ବରୁ ସ୍ନାକ୍ସ ଦୋକାନରୁ ୬୫ ଲିଟର ବିଦେଶୀ ମଦ ଜବତ କରି ଦୁଇ ଜଣକୁ ପୁଲିସ ଗିରଫ କରିଥିଲା। ସୂଚନାମୁତାବକ, ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରବିବାର ରାତିରେ ଗଜବନ୍ଧ ଛକ ଏକ ଅଣ୍ଡା ଦୋକାନରେ ଚଢ଼ଉ କରି ପ୍ରାୟ ୪୩ ଲିଟର ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ଦୋକାନୀ ପଣ୍ଡରାପାଲି ଗ୍ରାମର ଧନେଶ୍ୱର ସାହୁଙ୍କୁ ଗିରଫ କରିଥିଲା। ଓଡିଶା ଏକ୍ସାଇଜ ଆକ୍ଟ ଅନୁଯାୟୀ ରାମପୁର ଥାନାରେ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ରାମପୁର ଥାନା ଅଧିକାରୀ ଡ଼ୋଲାମଣୀ ନାଇକ ସୂଚନା ଦେଇଛନ୍ତି।

## ଗଞ୍ଜେଇ ଚାଲାଣ ମାମଲାର ଫେରାର ଅଭିଯୁକ୍ତ ଗିରଫ

ତରଭା,୧୨।୧(ସମିସ): ୨୦୨୫ ଜୁଲାଇ ୧୭ ତାରିଖରେ ୯ କୁଇଣ୍ଟାଲ ଗଞ୍ଜେଇ ଚୋରାଚାଲାଣ କରି ତରଭା ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଏଥିରେ ଅନ୍ୟ ଜଣେ ଅଭିଯୁକ୍ତ କୌଶଳ କ୍ରମେ ଫେରାର ହୋଇଯାଇଥିଲା। ରବିବାର ବିଳମ୍ବିତ ରାତ୍ରିରେ ଫେରାର ଅଭିଯୁକ୍ତ ବୌଦ୍ଧ ଜିଲ୍ଲା କଣ୍ଟାମଲ ଥାନା ବରଡ଼ିପଦର ଗ୍ରାମର ଚନ୍ଦନ କର (୩୯)ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରଯାଇଥିବା ପୁଲିସ ସୂଚାଇଛି। ଗଞ୍ଜେଇ ଗାଡି ଗୁଡିକୁ ପାର କରାଇବାରେ ଚନ୍ଦନ ମୁଖ୍ୟ ଭୂମିକା ନିଭାଉଥିଲା ବୋଲି ପୁଲିସ କହିଛି।

## ମା' ଓ ମମତା କକ୍ଷ ଉଦଘାଟିତ



ଡୁଙ୍ଗୁରିପାଲି,୧୨।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଆନ୍ଧରିବାଞ୍ଜି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ପ୍ରଥମ ନିର୍ମିତ ମା' ଓ ମମତା କକ୍ଷ ଉଦଘାଟିତ ହୋଇଯାଇଛି। ସମସ୍ତ ମହିଳାଙ୍କ ପାଇଁ ନୂତନ ଭାବେ ନିର୍ମିତ ବିଶ୍ରାମ ଗୃହ ସହ ଶିଶୁମାନଙ୍କ ପାଇଁ, ସ୍ତନ୍ୟପାନ ପାଇଁ ନିର୍ମିତ ମା' ଓ ମମତା କକ୍ଷକୁ ଜିଲ୍ଲାପାଳ ଡ. ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାଏକ, ବ୍ଲକ୍ ଅଧ୍ୟକ୍ଷା ଅହଲ୍ୟା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବାଡା, ସରପଞ୍ଚ ତେଯୋମୟୀ ସାହୁ, ପଞ୍ଚଯାତ ପିଇଓ ମୁକେଶ ସମନ୍ତରାୟ, ପଞ୍ଚଯାତର ୱାର୍ଡ ମେମ୍ବର, ଏମବିକେ, ସିଆରପିଙ୍କ ସମେତ ମା'ମାନେ ଯୋଗଦେଇଥିଲେ।

## ପାପକ୍ଷୟ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



ବିନିକା,୧୨।୧(ସମିସ): ବିନିକା ପାପକ୍ଷୟ ଲୋକ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କ ସଂଗୀତ ପରିବେଷଣ ସାଙ୍ଗକୁ ବରଗଡ଼ ମା' ଦିବ୍ୟ ରୂପା କଳା ପରିଷଦର ରୁମ୍‌କୁ ଝୁମାନା, ମୋର ବେଗମ୍ ଫଟାଇ ଖାଇଲି ବେଲ ଆଦି ଲୋକ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। କଳାକାରଙ୍କ ନୃତ୍ୟ ଶୈଳୀ ଦେଖି ଦର୍ଶକଙ୍କ ବିଭୋର ହୋଇଥିଲେ। ଦର୍ଶକଙ୍କ ତାଳିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଦଣ୍ଡସନାଙ୍କ ସଭାପତିତ୍ୱ ଓ ହିମାଂଶୁ ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଶେଷଜ୍ଞ ଡ. ଅଶ୍ୱିନୀ ପୂଜାରୀ, ଡ. ବେଣୁଧର ପାଣ୍ଡେ, ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରେଖା ପ୍ରଧାନ, ଶିକ୍ଷାବିତ୍ ମିନତି ମିଶ୍ର, ସଚେତନ ନାଗରିକ ସନ୍ତୋଷ ପଣ୍ଡା, ପୂର୍ବତନ ଇଓ ଦୁଃଖୀରାମ ନାଏକ, ଶିଳ୍ପପତି ବୁଲୁ ପାତ୍ର, କମିଟି ସମ୍ପାଦକ ଧର୍ମେନ୍ଦ୍ର ସାହୁ ,ଡ. ଆଭାସ ରଞ୍ଜନ ବାବୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ସାହୁ ଅଞ୍ଚଳର କଳା, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲାପାଳଙ୍କ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ



ହରଭଙ୍ଗା, ୧୨।୧(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ହରଭଙ୍ଗାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ମହାନଦୀରୁ ହରଭଙ୍ଗା ବ୍ଲକର ବିଭିନ୍ନ ଗ୍ରାମ ସହ କନ୍ଧମାଳ ଜିଲ୍ଲାର ଫୁଲବାଣୀର ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରାଯିବ। ଏହି ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ସାରିବାକୁ କାର୍ଯ୍ୟ ନିର୍ବାହୀ ସଂସ୍ଥା ଏଲଏଣ୍ଡଟିର ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ■ କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ଗୁମୁରଡୁଲା

ବୀରମହାରାଜପୁର,୧୨।୧(ସମିସ): ବୀରମହାରାଜପୁର ବ୍ଲକ୍ ଦୁର୍ଜନତୈଳା ପଞ୍ଚାୟତର ସାଗଜୁରୀ ଗ୍ରାମର ଖେଳ ପଡ଼ିଆରେ ୧୭ତମ କ୍ଷିରୋଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ତୃତୀୟ ଦିବସ। ସୋମବାର ତିନୋଟି ମ୍ୟାଚ ମଧ୍ୟରୁ ପ୍ରଥମ ମ୍ୟାଚଟି ସାଗଜୁରୀ ଓ ସିଣ୍ଢୋଲ ମଧ୍ୟରେ ହୋଇଥିଲା। ସିଣ୍ଢୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭୬ ରନ୍ କରିଥିଲା। ଜବାବରେ ସାଗଜୁରୀ ଦଳ ଆବଶ୍ୟକୀୟ ୭୭ ରନକୁ ୫.୨ ଓଭରରେ ୨ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି କଳାପଥର ଓ ଗୁମୁରଡୁଲା ମଧ୍ୟରେ ହୋଇଥିଲା। ଏଥିରେ ଗୁମୁରଡୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୮୧ ରନ କରିଥିଲା। ଜବାବରେ କଳାପଥର ୬ ଓଭରରେ ୩ ଉଇକେଟରେ ୭୬ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚଟି ପ୍ରଥମ ମ୍ୟାଚର ବିଜେତା ସାଗଜୁରୀ ଓ ଦ୍ୱିତୀୟ ମ୍ୟାଚର ବିଜେତା ଗୁମୁରଡୁଲା ମଧ୍ୟରେ ହୋଇଥିଲା। ଏଥିରେ ସାଗଜୁରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟରେ ୫୩ ରନ କରିଥିଲା। ଗୁମୁରଡୁଲା ଦଳ କୌଣସି ଉଇକେଟ ନ ହରାଇ ଆବଶ୍ୟକୀୟ ୫୪ ରନ ସଂଗ୍ରହ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ସୈନ୍ୟ ବାହିନୀରେ କାର୍ଯ୍ୟରତ ଶ୍ରୀକାନ୍ତ ମହାକୁର ଓ କ୍ରୀଡ଼ାବିତ ଚିତ୍ତରଞ୍ଜନ କମ୍ପ ଅତିଥି ଭାବେ ଯୋଗଦେଇ ଗୁମୁରଡୁଲାର ଭୀମକାର ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମନରଞ୍ଜନ ହାତୀ ଓ ଭରତ ଥାପା ଅମ୍ପାୟାର, ସୁଶିଲ ସେଠୀ ସ୍କୋରିଙ୍ଗ ଏବଂ ରମାକାନ୍ତ ଗହିର ଧାରା ବିବରଣୀ ପ୍ରଦାନ କରିଥିଲେ।

## ବୌଦ୍ଧରେ ଜୀବନ ଶୈଳୀ ପ୍ରଦର୍ଶନୀ ଉତ୍ସବ




ବୌଦ୍ଧ, ୧୨।୧ (ସମିସ): ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଧାରଣୀୟ ଓ ଜୀବନ ଶୈଳୀ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍ ଲାଲ୍ ଦୁବେ ସଭାପତିତ୍ୱ କରିଥିଲେ। ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଡି ଏସ୍ ଏସ୍ ଜୟନ୍ତ ପ୍ରଧାନ, ଡିପିଇଓ ଆନନ୍ଦ ବେହେରା ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସଂଗ୍ରାମରର ପ୍ରଧାନ ଶିକ୍ଷକ ଭରତ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବୌଦ୍ଧ ପଞ୍ଚାୟତ କଲେଜର ଉଦ୍ଭିଦ ବିଭାଗର ଅଧ୍ୟାପକ ଡ. ପ୍ରବୀର ଦାସ, ଦହ୍ୟା ପି ଏମ୍ ଶ୍ରୀ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଚିରଞ୍ଜିବୀ ପଟ୍ଟନାୟକ ଏବଂ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରମୋଦ ଚାନ୍ଦ ବିଚାରକ ଭାବେ ଯୋଗ ଦେଇଥିଲେ। ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ବିବେକ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ଟୁଟୁସୀଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଦେବସ୍ମିତା କରଡିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସ୍ୱାଗତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ।

## ମାର୍ଚ୍ଚ ୧୮ ରୁ ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ




ବଲାଙ୍ଗିର,୧୨।୧(ସମିସ): ସ୍ଥାନୀୟ ସଦାଇପାଲି ସାଇଟ୍ କଲେଜ ରାଧାକୃଷ୍ଣ ରଙ୍ଗମଞ୍ଚରେ ମାର୍ଚ୍ଚ ୧୮ରୁ ୨୧ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମହାକୋଶଲ କୋଶଲୀ ନାଟବାଦୀ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସାଇଟ୍ କଲେଜ ସଂପାଦକ ନାରାୟଣ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ତିନୋଟି କୋଶଲୀ ନାଟକ ଓ ତିନୋଟି ଲୀଳାନାଟକ ପ୍ରଦର୍ଶିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଇଚ୍ଛୁକ ନାଟ୍ୟଦଳ ଶୀଘ୍ର ଉପଦେଷ୍ଟା ଡ. ଶ୍ରୀକର ମିଶ୍ରଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ଡୁଙ୍ଗୁରିପାଲିରେ ଅଭିଯୋଗ ଶୁଣାଣି

ଡୁଙ୍ଗୁରିପାଲି,୧୨।୧(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ବ୍ଲକ୍ ଅନ୍ଧାରିବାଞ୍ଜୀ ପଞ୍ଚାୟତ କାର୍ଯ୍ୟାଳୟର ପ୍ରାଙ୍ଗଣଠାରେ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ସର୍ବମୋଟ ୫୨ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୭ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୫ ଗୋଟି ସାମୁହିକ ରହିଥିଲା। ତନ୍ମଧ୍ୟରୁ ୮ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବ୍ଲକ୍ ଅଧ୍ୟକ୍ଷା ଅହଲ୍ୟା ସାହୁ, ସହକାରୀ ଜିଲ୍ଲାପାଳ ଅଜିତ କୁମାର ତ୍ରିପାଠୀଙ୍କ ସମେତ ତହସିଲଦାର ବିମଳ କିଶୋର ପାତ୍ର, ସରପଞ୍ଚ ତେଜୋମୟୀ ସାହୁ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଦୁଇ ଭିନ୍ନକ୍ଷମ ହିତାଧିକାରୀ ଅନ୍ଧରିବାଞ୍ଜୀର ମାଧବୀ ନାୟକ ଓ ଗଣିଆର ଗ୍ରାମର ଟିଟୁ ସୁନାଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟିତ

ବଲାଙ୍ଗିର, ୧୨।୧(ସମିସ): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ସିନଖମନଠାରୁ ଭୂତିଆରବାହାଲ, ବଲାଙ୍ଗିରଠାରୁ ଅର୍ଜୁନପୁର, ପଥରଚେପା-ଭଇଁଷା, ବଲାଙ୍ଗିର-ଚନ୍ଦନଭାଟି ରାସ୍ତାର ଉନ୍ନତିକରଣ, ବଲାଙ୍ଗିର ସହରର ଡ୍ରେନ ନିର୍ମାଣର ଶିଳାନ୍ୟାସ କରିଛନ୍ତି। ସେହିପରି ଲୋଇସିଂହା-ଭରସୁଜା, ସାଲେଭଟା-ଆଗଲପୁର, ସାଲେଭଟା-କୁଟାସିଂହା, ୪ଲେନ ବିଶିଷ୍ଟ ବଲାଙ୍ଗିର ବାଇପାସ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣର ଉଦ୍‌ଘାଟନ କରିଛନ୍ତି। ଏହାସହ ସଇଁତଳା, କଣ୍ଟାବାଞ୍ଜି ଓ ଟିଟିଲାଗଡରେ ନୂତନ ଅଟଳ ବସଷ୍ଟାଣ୍ଡର ଲୋକର୍ପଣ କରିଛନ୍ତି। ଏଥିରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ନୂତନ ଅଟଳ ବସଷ୍ଟାଣ୍ଡର ଲୋକର୍ପଣ କାର୍ଯକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗମନ୍ତ୍ରୀ ରବି ନାରାୟଣ ନାଏକ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଉପସ୍ଥିତ ଥିଲେ। ଟିଟିଲାଗଡର ନୂତନ ଅଟଳ ବସଷ୍ଟାଣ୍ଡର ଲୋକାର୍ପଣ କାର୍ଯ୍ୟକ୍ରମରେ ଟିଟିଲାଗଡ ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ନେଣ-ଦେଣ ସମୟରେ ସତର୍କ ରୁହନ୍ତୁ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ବୈବାହିକ ଜୀବନରେ ଚାଲିଥିବା ସମସ୍ୟାରୁ ମୁକ୍ତି ମିଳିବ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି।

**କର୍କଟ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସମ୍ମାନ ହାନି ଯୋଗ। ଘରେ ପୂଜାପାଠ ଆୟୋଜନ କରିବେ। ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣି ପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ନିବେଶରୁ କ୍ଷତି ସହିବାକୁ ପଡ଼ିପାରେ।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଅନ୍‌ଲାଇନ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳି ନ ପାରେ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ।


## ଆଜିର ଇତିହାସ

- ୧୫୫୯-ଏଲିଜାବେଥ୍ ପ୍ରଥମ ଇଂଲଣ୍ଡର ସାମ୍ରାଜ୍ଞୀ ହେଲେ।
- ୧୯୧୦- ନ୍ୟୁୟର୍କରୁ ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୩୦-ମିକି ମାଉସ୍‌ର କମିକ୍ ଷ୍ଟ୍ରିପ୍ ପ୍ରକାଶ ପାଇଲା।
- ୧୯୯୫-ବେଲାରୁସ୍ ନାଟୋର ୨୪ତମ ସଦସ୍ୟ ହେଲା।
- ୨୦୦୯ - ଜାମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ନ୍ୟାସନାଲ୍ କନ୍‌ଫରେନ୍ସର ଅଧ୍ୟକ୍ଷ ହେଲେ।



## ଧୂମପାନ ଧରିବ କାଚ

ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧର ନିୟମ ଥିଲେ ବି ଅନେକ ଏହାକୁ ମାନି ନ ଥାନ୍ତି। ସେହିପରି ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ଏହିସବୁ ସ୍ଥାନରେ ସିସିଟିଭି ମଧ୍ୟ ନ ଥାଏ। ତେବେ ଏହି ସମସ୍ୟାର ଚୀନ୍ ଏକ ନିଆରା ସମାଧାନ ବାହାର କରିଛି। ଦକ୍ଷିଣ ଚୀନ୍‌ର ଏକ ସପିଂ ସେଣ୍ଟରର ପୁରୁଷଙ୍କ ଶୌଚାଳୟର ଦ୍ୱାରରେ ଏମିତି ଏକ କାଚ ଲଗାଇଛି, ଯାହ ଭିତରେ ଧୂମପାନ କଲେ ଏହି କାଚ ପାରଦର୍ଶୀ (ଟ୍ରାନ୍ସପରେଣ୍ଟ) ହୋଇଯିବ। ଗୁଆଙ୍ଗଡୋଙ୍ଗ ଅଞ୍ଚଳରେ ଥିବା ଶେନଜେନର ଦୁଇଟି ଜୁଏଲାରି ମଲ୍ ଶୁଇବେଇ ଇଣ୍ଟରନ୍ୟାସନାଲ ସେଣ୍ଟର ଏବଂ ଶୁଇବେଇ ଜିନଜୁଆ ବିଲଡିଂର ଏହି ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ଏହି ଗ୍ଲାସ୍‌ରେ ଏକ ବିଶେଷ ଟେକ୍ନିକ୍‌ର ଉପଯୋଗ କରାଯାଇଛି। ତେବେ ଲୋକଙ୍କୁ ଏହା ବାବଦରେ ଜଣାଇବା ପାଇଁ ଶୌଚାଳୟ ଦ୍ୱାରରେ ଏକ ନୋଟିସ୍ ଲଗାଯାଇଛି। ଏଥିରେ ଉଲ୍ଲେଖ ଅଛି, 'ଧୂମପାନ କରିବା ଦ୍ୱାରା କାଚ ପାରଦର୍ଶୀ ହୋଇଯିବ। ଯଦି ଅନଲାଇନ୍‌ରେ ଭାଇରାଲ ହେବାକୁ ଚାହାନ୍ତି ନାହିଁ, ଧୂମପାନରୁ ଦୂରେଇ ରୁହନ୍ତୁ।' ଶେନଜେନରେ ଧୂମପାନ କଡ଼ାକଡ଼ି ଭାବେ ମନା। ସେହିପରି ସପିଂ ସେଣ୍ଟର ମଧ୍ୟ ଧୂମପାନ ରହିତ ସ୍ଥାନ। କିଛି ଲୋକ ଏହି ଟେକ୍ନିକ୍‌କୁ ଜାତୀୟସ୍ତରରେ ବ୍ୟବହାର ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏହି ସିଷ୍ଟମକୁ ଅଧିକ ଅପଡେଟ୍ କରିବା ଦିଗରେ କାର୍ଯ୍ୟ ଜାରି ରହିଛି।



## ମାନିକ୍ୱିନ୍ ନା ଶବ!

ମେକ୍ସିକୋ ଚିହୁଆହୁଆସ୍ଥିତ ଏକ ବ୍ରାଇଡାଲ ସପ୍ ଦୀର୍ଘ ୯୦ ବର୍ଷ ଧରି ଗ୍ରାହକଙ୍କ ଧ୍ୟାନ ଆକର୍ଷଣର କେନ୍ଦ୍ର ପାଲଟିଛି। 'ଲା ପପୁଲାର' ନାମକ ଏହି ଦୋକାନଟି ତା'ର ପୋଷାକ କିମ୍ବା କୌଣସି ବିଶେଷ ଅଫର୍ ପାଇଁ ଚର୍ଚ୍ଚାରେ ନାହିଁ। ଏହାର ପ୍ରସିଦ୍ଧିର ମୁଖ୍ୟ କାରଣ ହେଉଛି, ଦୋକାନ ସମ୍ମୁଖରେ ଥିବା 'ଲା ପାସ୍‌କ୍ୟୁଲିଟା ମାନିକ୍ୱିନ୍'। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦୋକାନର ମାଲିକ ନିଜ ଝିଅର ମୃତ୍ୟୁ ପରେ ତାଙ୍କର ଶବକୁ ସଂରକ୍ଷଣ କରି ଏହାକୁ ମାନିକ୍ୱିନ୍ ଭଳି ସଜାଇ ରଖିଛନ୍ତି। ଏହି ଘଟଣାଟି ୨୫ ମାର୍ଚ୍ଚ, ୧୯୩୦ ମସିହାର। ଦୋକାନ ମାଲିକାଣୀ ପାସ୍‌କ୍ୟୁଲା ଏସ୍ପାର୍ଜାଙ୍କ ଝିଅର ବିବାହ ଦିନ ଥିଲା। ବିବାହ ଦିନ ଝିଅଟିର ମୃତ୍ୟୁ ହୋଇ ଯାଇଥିଲା। ତେବେ କୌଣସି ବିଷାକ୍ତ ବୁଢ଼ିଆଣୀ କାମୁଡ଼ିବାରୁ କିମ୍ବା ତାଙ୍କ ମା' ଏହି ବିବାହରେ ରାଜି ନଥିବାରୁ ସେ ବିଷପିଇ ଆତ୍ମହତ୍ୟା କରିଥିବା ଲୋକେ କୁହନ୍ତି। ଝିଅର ପିତା ଶବକୁ ପୋତିବା ପରିବର୍ତ୍ତେ ଏହାକୁ ସଂରକ୍ଷଣ କରି ଦୋକାନ ସମ୍ମୁଖରେ ବିବାହ ପୋଷାକ ପିନ୍ଧାଇ ଛିଡ଼ା କରି ଦେଇଥିବା ସ୍ଥାନୀୟ ଲୋକେ କୁହନ୍ତି। କାରଣ ମାନିକ୍ୱିନ୍‌ଟି ଅବିକଳ ଦୋକାନ ମାଲିକଙ୍କ ଝିଅ ଭଳି ଦେଖାଯାଉଥିଲା। ଏହି ଘଟଣାକୁ ୯୦ ବର୍ଷ ବିତି ଯାଇଥିଲେ ମଧ୍ୟ ପାସ୍‌କ୍ୟୁଲିଟା ସେହିପରି ସେଠାରେ ରହିଛି। ଏହି ମାନିକ୍ୱିନ୍‌କୁ ଦେଖିବା ପାଇଁ ଦୋକାନକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସନ୍ତି। କିଛି ଲୋକଙ୍କ କହିବାନୁଯାୟୀ, ପାସ୍‌କ୍ୟୁଲିଟା ଆଖି ହଲାଇବା ସହ ହାତ ମଧ୍ୟ ହଲାଇଥାଏ। ସେହିପରି କିଛି ସ୍ଥାନୀୟ ଲୋକଙ୍କ କହିବାକଥା, ଏହି ମାନିକ୍ୱିନ୍‌ଟି ରାତିରେ ଜୀବନ୍ତ ହୋଇଯାଏ ଓ ଏହା ନିଜେ ପୋଷାକ ବଦଳାଇଥାଏ। ଏନେଇ ଦୋକାନର ମାଲିକ ଓ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ କହିବାକଥା, ଏହା ଏକ ହାଇ ବଜେଟ୍‌ର ମ୍ୟାନିକ୍ୱିନ୍। ୧୯୩୦ ମସିହାରେ ଏହା ନୂଆ ଆସିଥିବାରୁ ଲୋକେ ଏହାକୁ ଶବକୁ ସଂରକ୍ଷଣ କରାଯାଇଥିବା କଥା ଭାବୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ମାନିକ୍ୱିନ୍‌ର ଭିଡିଓ ବେଶ୍ ଭାଇରାଲ ହେଉଛି।



## ଅଲଗା ହେଲେ ତାରା-ବୀର!

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିୟା ଓ ବୀର ପହାରିଆଙ୍କ ପ୍ରେମ ସମ୍ପର୍କ ଅନେକ ଦିନରୁ ଖବରର ଶିରୋନାମା ପାଲଟିଥିଲା। ଏବେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବରୁ ଉଭୟ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଏହାପରେ ଉଭୟଙ୍କୁ ଅନେକ ବଲିଉଡ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା। ଏକ ପଡ୍‌କାଷ୍ଟରେ ମଧ୍ୟ ତାରା, ବୀରଙ୍କ କଥା କହିଥିଲେ। ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, ତାରା ଓ ବୀର ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏପି ଢିଲୋନଙ୍କର ଏକ କନସର୍ଟକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ହେବାପରେ ଉଭୟ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନିକଟରେ ମୁମ୍ବାଇରେ ଏପି ଢିଲୋନଙ୍କର ଏକ କନସର୍ଟରେ ତାରା ଓ ବୀର ଯୋଗ ଦେଇଥିଲେ। ଏଥିରେ ଏପି ଢିଲୋନଙ୍କ ସହ ତାରା ମଞ୍ଚରେ ନାଚୁଥିଲେ। ବୀର ମଞ୍ଚ ତଳେ ରହି ତାରାଙ୍କୁ ସମର୍ଥନ କରୁଥିଲେ। ଏହି ସମୟରେ ଏପି ଢିଲୋନ ତାରାଙ୍କୁ ନିବିଡ଼ ଆଲିଙ୍ଗନ କରିଥିଲେ। ଏହାକୁ ମଞ୍ଚ ତଳେ ଉପସ୍ଥିତ ଥିବା ବୀର ସହଜରେ ଗ୍ରହଣ କରିପାରି ନ ଥିଲେ। ଏବେ ବୀରଙ୍କର ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାକୁ ଲାଗୁଛି। ଯଦିଓ ଉଭୟ ବ୍ରେକ୍‌ଅପ୍ ଖବର ଉପରେ କିଛି ମନ୍ତବ୍ୟ ନେଇ ନାହାନ୍ତି, କିନ୍ତୁ ଏହି କନସର୍ଟ ଯୋଗୁଁ ବୀର ଓ ତାରାଙ୍କ ସମ୍ପର୍କରେ ତିକ୍ତତା ଆସିଥିବା ଚର୍ଚ୍ଚା ହେଉଛି।






## ପ୍ରାଣୀପାଳକଙ୍କ ପାଇଁ ଉପଯୋଗୀ ଯନ୍ତ୍ର

ଗାଈ, ଛେଳି, ମଇଁଷିଙ୍କ ଶାରୀରିକ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଆବଶ୍ୟକ। ହେଲେ ବଜାରରେ ମିଳୁଥିବା ଖାଦ୍ୟ ସପ୍ଲିମେଣ୍ଟ ଅଧିକ ମହଙ୍ଗା ଥିବାରୁ କ୍ଷୁଦ୍ର ଚାଷୀ ଏହାକୁ କିଣି ପାରନ୍ତି ନାହିଁ। ଫଳରେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ପ୍ରଭାବିତ ହୁଏ। ତେଣୁ ଏହି ସମସ୍ୟାକୁ ଦୂର କରିବାକୁ ପଶ୍ଚିମବଙ୍ଗ, ଜଲପାଇଗୁଡି ଜିଲ୍ଲାର ୩୯ ବର୍ଷୀୟ କର୍ଣ୍ଣଦେବ ରାୟ ଏକ ଉପଯୋଗୀ ଏବଂ ଶସ୍ତା ଯନ୍ତ୍ର ତିଆରି କରିଛନ୍ତି। ଏହାକୁ ୟୁରିଆ ମିନେରାଲ ମୋଲାସେସ ବ୍ଲକ୍ ମେକର୍ କୁହାଯାଏ। ଏହା ପ୍ରାଣୀଙ୍କ ଲାଗି ପୋଷକଯୁକ୍ତ ମିନେରାଲ ବ୍ଲକ୍ ତିଆରି କରେ। ଯାହା ଦ୍ୱାରା ଗାଈ ଏବଂ ଛେଳିଙ୍କୁ ଆବଶ୍ୟକୀୟ ଖଣିଜଦ୍ରବ୍ୟ ଓ ଭିଟାମିନ୍ ମିଳିଥାଏ। ଏହି ଯନ୍ତ୍ରଟି ଏକ ଘଣ୍ଟାରେ ୨୦ରୁ ୨୫ ପୋଷକଯୁକ୍ତ ବ୍ଲକ୍ ତିଆରି କରିପାରିବ। ଗାଈ ଦୁଗ୍ଧ ଉତ୍ପାଦନରେ ଏହି ବ୍ଲକ୍ ଅଧିକ ପ୍ରଭାବୀ। ସେହିପରି ଛେଳିଙ୍କ ଶାରୀରିକ ଓଜନ ବୃଦ୍ଧି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯନ୍ତ୍ରଟି ୬୫ କିଲୋ। ଏହା ମଜବୁତ। ଏହା ୨୨ ଇଞ୍ଚ ଲମ୍ବା, ୧୧.୫ ଚଉଡ଼ା ଏବଂ ୩୬ ଇଞ୍ଚ ଉଚ୍ଚା। ଏହାକୁ ଚାଷୀମାନେ ନିଜ ସୁବିଧା ଅନୁସାରେ ବ୍ୟବହାର କରି ପାରିବେ। ଏହି ବ୍ଲକ୍‌ର ବ୍ୟବହାର କେବଳ ପ୍ରାଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବ ତାହା ନୁହେଁ ବରଂ ଗ୍ରାମୀଣ ଯୁବପିଢ଼ିଙ୍କୁ ରୋଜଗାରର ଅବସର ଦେବ।

## ପିଆଜ ଚାରାରୋପଣର ପରବର୍ତ୍ତୀ ଯତ୍ନ

**ଆମ ରାଜ୍ୟର ଚାଷୀଭାଇ ପ୍ରତିବର୍ଷ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ପିଆଜ ଚାରା ପକାନ୍ତି। ଡିସେମ୍ବର ସୁଦ୍ଧା ଚାରାକୁ ମୁଖ୍ୟ ଜମିରେ ଲଗାଇଥାନ୍ତି। ତେବେ ଜାନୁଆରୀରେ ପିଆଜ ଚାରା ରୋପଣର ପରବର୍ତ୍ତୀ ଯତ୍ନ ତଥା ଖତସାର ପ୍ରୟୋଗ ଓ ଜଳସେଚନ ଉପରେ ଅଧିକ ଧ୍ୟାନ ନ ଦେଲେ ଲାଭଯୁକ୍ତ ଅମଳ ମିଳିପାରି ନ ଥାଏ। ଏଥିପ୍ରତି ସତର୍କ ରହିବା ଜରୁରି।**

ବର୍ତ୍ତମାନ ପିଆଜର ଆକାର ଏବଂ ଓଜନ ବୃଦ୍ଧି ହେବାର ସମୟ। ଏହି ସମୟରେ ଜମିରେ ଆର୍ଦ୍ରତା ଅଧିକ କିମ୍ବା ବହୁତ କମ୍ ହେଲେ ପିଆଜର ବିକାଶ ହୁଏନି। ତେଣୁ ହେକ୍ଟର ପ୍ରତି ୧୨୦ କିଗ୍ରା. ଯବକ୍ଷାରଜାନ, ୬୦କିଗ୍ରା. ଫସ୍‌ଫରସ୍ ଏବଂ ୬୦ କିଗ୍ରା. ପଟାସ ସାର ପ୍ରୟୋଗ ଆବଶ୍ୟକ।

**ଜଳସେଚନ:** ତଳି ଲଗାଇବାର ପରବର୍ତ୍ତୀ ଅବସ୍ଥାରେ ମାଟିର ଜଳଧାରଣ କରିବା କ୍ଷମତାକୁ ବିଚାରକୁ ନେଇ ଜଳସେଚନର ବ୍ୟବସ୍ଥା କରିବାକୁ ପଡ଼ିଥାଏ। ଅଧିକ ଜଳ ଏବଂ ବାରମ୍ବାର ୟୁରିଆ ପ୍ରୟୋଗ ଯୋଗୁଁ ଗଛ ମୂଳ ସଢ଼ି ଥାଏ। ତେଣୁ ପାଗ ଦେଖି ଜମିରେ ପାଣି ମଡ଼େଇବା ଭଲ। ପିଆଜଗଛର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ମାଟିର ଉପରି ଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରହିବା ଦରକାର। କିନ୍ତୁ ଜମିରେ ପାଣି ଜମି ରହିବା ଅନୁଚିତ। ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ ଅଧିକଥର (ଲଗାଇବାର ୬୦ ଦିନରୁ ୧୧୦ ପର୍ଯ୍ୟନ୍ତ) ପାଣି ମଡ଼ାଇବା ଆବଶ୍ୟକ। ଫସଲରେ ଘାସ ନିୟନ୍ତ୍ରଣ କରିବା ଜରୁରି।

ସେହିପରି ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରି ଦିଅନ୍ତୁ। ସକାଳ ଏବଂ ସନ୍ଧ୍ୟା ସମୟରେ ହାଲୁକା ପାଣି ଦେଇ ପାରିବେ।



## କୁକୁଡ଼ା ମଳରୁ ଜୈବିକ ଖତ



ଫସଲ ବୃଦ୍ଧି ପାଇଁ ଚାଷୀମାନେ ୟୁରିଆ, ଡିଏପି ଏବଂ ଅନ୍ୟାନ୍ୟ ରାସାୟନିକ ସାର ପ୍ରାୟତଃ ବ୍ୟବହାର କରିଥାନ୍ତି। କାଳକ୍ରମେ ଏହା ମାଟିର ଉର୍ବରତାକୁ ହ୍ରାସ କରିଥାଏ। କୁକୁଡ଼ା ମଳ ଓ ମୂତ୍ର ଫସଲରେ ଉତ୍କୃଷ୍ଟ ଜୈବିକ ଖତ ଭାବେ କାମ ଦିଏ। ଏହା ମାଟି ସଂରଚନା ସୁଧାରିବା ସହ ଜିଆ ବୃଦ୍ଧିରେ ସାହାଯ୍ୟ କରେ। ସାଧାରଣତଃ ଫାର୍ମରେ କୁକୁଡ଼ା ରହିବା ପାଇଁ କୁଣ୍ଡା ଓ ଭୁସି ତଳେ ପକାଯାଇଥାଏ। କୁକୁଡ଼ା ଏହା ଉପରେ ମଳ ଓ ପରିସ୍ରା କରନ୍ତି। ଏହା କିଛି ସମୟ ପରେ ପୋଷକତତ୍ତ୍ୱଯୁକ୍ତ ଜୈବିକ ଖତରେ ବଦଳିଯାଏ। ତେଣୁ ପୋଲଟ୍ରିଫାର୍ମରୁ ବାହାରୁଥିବା ଏହି ବର୍ଜ୍ୟକୁ ଦୈନିକ ଏକାଠି କରି ସୁରକ୍ଷିତ ସ୍ଥାନରେ ରଖି ଜମିରେ ଖତରୂପେ ବ୍ୟବହାର କରାଯାଇପାରିବ। ଏହା ମାଟିକୁ ଫସ୍‌ଫସିଆ କରିଥାଏ। ରାସାୟନିକ ସାରଠାରୁ ଏହା ବେଶ୍ ପ୍ରଭାବୀ। ଧାନ, ପରିବା, ଫଳ ଗଛରେ ଏହାକୁ ଆବଶ୍ୟକତା ଅନୁସାରେ ପ୍ରୟୋଗ କରିବା ଆବଶ୍ୟକ। ଡିପ୍‌ଲିଟର ପଦ୍ଧତିରେ କୁକୁଡ଼ା ପାଳନ କରୁଥିବା ଚାଷୀଙ୍କ ପାଇଁ ଏହା ସାରର ଏକ ଉତ୍କୃଷ୍ଟ ଉତ୍ସ ଅଟେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିଘରାକୁ ନଡ଼ା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ।
- ଧାନ ତଳି ଉପାଡ଼ିବା ୨ରୁ ୩ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ।
- ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି। ତେଣୁ ନିୟମିତ ଫସଲରେ ପୋକ ଓ ରୋଗର ସର୍ବେକ୍ଷଣ କରନ୍ତୁ।
- ଗୋଲାପ ଗଛରେ ଉକୁଣିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଫିନୋପାଇରକ୍ସିମେଟ ୫% ଇସି ୨ ମିଲି ମିଶାଇ ସିଞ୍ଚନ କରନ୍ତୁ।
- ଗାଈଙ୍କୁ ଚର୍ମବିଣ୍ଡି ରୋଗ ହେଲେ ଦେହରେ ଆବୁ ଫଳିବା ସହ ଜ୍ୱର ଆସେ। ରୋଗ ମୁଖ୍ୟତଃ ମଶା, ମାଛି ଦ୍ୱାରା ବ୍ୟାପିଥାଏ। ତେଣୁ ଗୁହାଳକୁ ସଫା ରଖନ୍ତୁ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

## ଏ ମାସର ଚାଷ

**ଶୀତଋତୁରେ କମ୍ ତାପମାତ୍ରାରେ ବିଭିନ୍ନ ପ୍ରକାର ପନି ପରିବା ଚାଷ କରାଯାଏ। ନିର୍ଦ୍ଦିଷ୍ଟ ଚାଷପାଇଁ ଜମି ପ୍ରସ୍ତୁତ ହୁଏ। ତାହା ସହିତ ଏହି ମାସରେ ମୃତ୍ତିକା ପରୀକ୍ଷା, ଉଚିତ ମାତ୍ରାର ପୋଷକତତ୍ତ୍ୱ, ଜଳ ପ୍ରୟୋଗ ଏବଂ ଘାସ ନିୟନ୍ତ୍ରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।**



ଚାଷ ପୂର୍ବରୁ ମାଟି ପ୍ରସ୍ତୁତ କରାଯାଏ। ଏଥିପାଇଁ ଜମିରେ ଗୋବର, ଖତ କିମ୍ବା କୋକୋପିଟ୍ ମିଶାଇ ଜମି ପ୍ରସ୍ତୁତ କରିପାରିବେ। ଏହାଦ୍ୱାରା ସଠିକ୍ ସମୟରେ ଜଳ ସିଞ୍ଚନ, ଜୈବିକ ଖତ ବ୍ୟବହାର ଏବଂ କୀଟନିୟନ୍ତ୍ରଣ ଦ୍ୱାରା ଫସଲ ଗୁଣବତ୍ତା ଏବଂ ଉତ୍ପାଦନ ଉଭୟ ବଢ଼ିଥାଏ। ଅତ୍ୟାଧୁନିକ କୌଶଳରେ ବ୍ରୋକଲି ଚାଷ କରାଯାଇପାରିବ।

- ଆଳୁ, ଟମାଟୋ, ବାଇଗଣ, ମଟର, ଲାଉ, ମେଥି, ପାଳଙ୍ଗ, ମୂଳା, ବିଟ୍, ଫ୍ରେଞ୍ଚବିନ୍, କଲରା, ପୋଟଳ ଲେମ୍ବୁ, ଅମୃତଭଣ୍ଡା ଚାଷ ପାଇଁ ଏବେ ବିହନ ବୁଣି ପାରିବେ।
- ମଟର ଫସଲରେ ପାଉଡରି ମିଲଡ୍ୟୁ ବା ପତ୍ର ପାଉଁଶିଆ ରୋଗ ଦେଖାଦେଲେ ପରିଚାଳନା କରନ୍ତୁ। ଚଣା, ମଟର ଏବଂ ମସୁର ଫସଲରେ ଜଳ ସିଞ୍ଚନରେ ଧ୍ୟାନ ଦେବା ଜରୁରି। ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସୁବନ୍ଦୋବସ୍ତ କରନ୍ତୁ।
- ପାଳଙ୍ଗ, ମେଥି ଏବଂ ଧଣିଆ ପତ୍ରକୁ କାଟି ବଜାରକୁ ପଠାନ୍ତୁ। ଏଥିରୁ ମଞ୍ଜି ରଖିବାକୁ ଚାହୁଁଥିଲେ, ପତ୍ର କାଟିବା ସ୍ଥଗିତ ରଖନ୍ତୁ।

## ସୋଫିଙ୍କ ସହ ଧାୱନଙ୍କ ନିର୍ବନ୍ଧ



ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଓ ତାଙ୍କର ବାନ୍ଧବୀ ଆୟର୍ଲାଣ୍ଡର ସୋଫି ସାଇନଙ୍କ ମଧ୍ୟରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ୪୦ ବର୍ଷୀୟ ଧାୱନ ଏହି ସୂଚନା ତାଙ୍କର ପ୍ରଶଂସକଙ୍କୁ ଜଣାଇଛନ୍ତି। ଉଭୟ ଧାୱନ ଓ ସୋଫିଙ୍କ ହାତ ଏହି ଫଟୋରେ ରହିଛି। ଯେଉଁଥିରେ ସୋଫିଙ୍କ ହାତରେ ନିର୍ବନ୍ଧ ମୁଦି ପିନ୍ଧି ଦେଖିବାକୁ ମିଳୁଛି। 'ଆମର ନିର୍ବନ୍ଧ ଲାଗି ଦେଇଥିବା ଭଲପାଇବା, ଆଶୀର୍ବାଦ ଓ ଶୁଭକାମନା ଲାଗି ଋଣୀ। ସବୁଦିନ ଲାଗି ଆମେ ଏକାଠି ରହିବା ଲାଗି ନିଷ୍ପତ୍ତି ନେଇଛୁ' ବୋଲି ଧାୱନ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଫେବୃଆରୀ ୩ୟ ସପ୍ତାହରେ ଧାୱନ ଓ ସୋଫିଙ୍କ ବିବାହ ଦିଲ୍ଲୀ-ଏନସିଆର୍‌ର ଏକ ବଡ଼ ହୋଟେଲରେ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରକାଶଯୋଗ୍ୟ, ଗତବର୍ଷ ଚାମ୍ପିଅନ୍ସ ଟ୍ରଫି ସମୟରେ ଧାୱନ ଓ ସୋଫିଙ୍କ ସମ୍ପର୍କକୁ ନେଇ ପ୍ରଥମେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଧାୱନଙ୍କ ଏହା ୨ୟ ବିବାହ ହେବ। ଏଥିପୂର୍ବରୁ ସେ ୨୦୧୨ରେ ତାଙ୍କଠାରୁ ୮ ବର୍ଷ ବଡ଼ ଅଷ୍ଟ୍ରେଲୀୟ କିକ୍‌ବକ୍ସର ଆୟେଶା ମୁଖାର୍ଜୀଙ୍କ ବିବାହ କରିଥିଲେ। ତେବେ ୨୦୨୩ ଅକ୍ଟୋବରରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା।

## ଦ୍ୱିତୀୟ ବିବାହ କଲେ ମଣ୍ଟି ପାନିସାର୍



ଲଣ୍ଡନ, ୧୨।୧ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ପଞ୍ଜାବୀ କ୍ରିକେଟର ମଣ୍ଟି ପାନିସାର୍ ଦ୍ୱିତୀୟ ବିବାହ କରିଛନ୍ତି। ଗତକାଲି ସେ ସୁବ୍ରାନି ଜୋହାଲଙ୍କୁ ବିବାହ କରିଥିବା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ପୂର୍ବରୁ ଗୁରୁଶରର ରତନଙ୍କ ସହ ପାନିସାର୍‌ଙ୍କର ବିବାହ ହୋଇଥିଲା। କିନ୍ତୁ ଏହା ୩ ବର୍ଷରେ ଭାଙ୍ଗିଯାଇଥିଲା। ବିବାହ ବିଚ୍ଛେଦ ହେଲା ବେଳକୁ ପାନିସାର୍‌ଙ୍କୁ ମାତ୍ର ୩୧ ବର୍ଷ ହୋଇଥିଲା। ଏବେ ସେ ୪୩ ବର୍ଷରେ ଲିସେଷ୍ଟର ବାସିନ୍ଦା ମିଡ୍ ଏଜୁକେସନାଲ ଟ୍ରଷ୍ଟରେ କାର୍ଯ୍ୟକରୁଥିବା ଜୋହାଲଙ୍କୁ ବିବାହ କରିଛନ୍ତି। ଜଣେ ସ୍ପିନର ଭାବେ ଇଂଲଣ୍ଡ ପକ୍ଷରୁ ୫୦ଟି ଟେଷ୍ଟ, ୨୬ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୧୬୭, ୧୭ ଓ ୨ଟି ୱିକେଟ ଅକ୍ତିଆର କରିଛନ୍ତି।

### ମହିଳା ପ୍ରିମିୟର ଲିଗ୍: ମନ୍ଧାନା, ହାରିସଙ୍କ ଅର୍ଦ୍ଧଶତକ

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଆର୍‌ସିବି

ନଭି ମୁମ୍ବଇ, ୧୨।୧(ଏଜେନ୍ସି)



ମହିଳା ପ୍ରିମିୟର ଲିଗ୍‌ରେ ସୋମବାର ଏଠାରେ ଅନୁଷ୍ଠିତ ୫ମ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୯ ୱିକେଟ୍‌ରେ ୟୁପି ୱାରିୟର୍ଜଙ୍କୁ ହରାଇଦେଇଛି। ଓପନର୍ ଗ୍ରେସ ହାରିସଙ୍କ ଦମ୍‌ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆର୍‌ସିବିକୁ କ୍ରମାଗତ ୨ୟ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁଇଟି ମ୍ୟାଚରୁ ୪ ପଏଣ୍ଟ ସହ ଆର୍‌ସିବି ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ଗୁଜରାଟ ଜାଏଣ୍ଟ୍ସ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍ ଆଧାରରେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି।

ୟୁପି ୱାରିୟର୍ଜ ପକ୍ଷରୁ ଧାର୍ଯ୍ୟ ୧୪୪ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ଅଧିନାୟିକା ମନ୍ଧାନା ଓ ଗ୍ରେସ୍ ହାରିସ ପ୍ରଥମ ୱିକେଟ୍ ଭାଗୀଦାରିରେ ୭୦ ବଲରୁ ୧୩୭ ରନ ଉଠାଇ ଦଳକୁ ଏକପାଖିଆ ବିଜୟ ନିକଟତର କରାଇଥିଲେ। ତେବେ ୮୫ ରନ କରି ଖେଳୁଥିବା ହାରିସଙ୍କୁ ଆଉଟ୍ କରି ଶିଖା ପାଣ୍ଡେ ୧୨ତମ ଓଭରରେ ଏହି ଯୋଡ଼ିକୁ ଭାଙ୍ଗିଥିଲେ। ହାରିସ ୪୦ ବଲ୍‌ର ଏହି ଅର୍ଦ୍ଧଶତକୀୟ ପାଳିରେ ୫ଟି ଛକା ଓ ୧୦ଟି ଚୌକା ମାରିଥିଲେ। ଏହାପରେ ରିଚା ଘୋଷ ଅଧିନାୟିକା ମନ୍ଧାନାଙ୍କ ସହ ଯୋଗଦେଇ ଦଳକୁ ୪୭ ବଲ୍ ଓ ୯ ୱିକେଟ୍ ବଳକା ଥାଇ ବିଜୟୀ କରାଇଥିଲେ। ୯ଟି ଚୌକା ବଳରେ ମନ୍ଧାନା ୩୨ ବଲରୁ ୪୭ ରନ ଓ ରିଚା ୨ ବଲରୁ ୪ ରନ କରି ଅପରାଜିତ ରହିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁପି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୩ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଡିଆଣ୍ଡ୍ରା ଡଟିନ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୪୦ ଓ ଦୀପ୍ତି ଶର୍ମା ୪୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ମେଗ୍ ଲାନ୍ନିଂ ୧୪, ଫୋଏବ ଲିଚଫିଲ୍ଡ ୨୦, ହର୍ଲିନ ଦେଓଲ ୧୧ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

**ଆଜିର ମ୍ୟାଚ୍**
ମୁମ୍ବାଇ ଇଣ୍ଡିଆନ୍ସ-ଗୁଜରାଟ ଜାଏଣ୍ଟ୍ସ
ଆରମ୍ଭ: ରାତି ୭ଟା ୩୦

● ମୁମ୍ବଇ ମ୍ୟୁନ୍‌ସିପାଲ ନିର୍ବାଚନ

## ଦର୍ଶକଙ୍କ ବିନା ଖେଳାଯିବ ୨ଟି ମ୍ୟାଚ୍

ମୁମ୍ବଇ, ୧୨।୧(ଏଜେନ୍ସି): ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ବିନା ଦର୍ଶକରେ ଖେଳାଯିବ ମହିଳା ପ୍ରିମିୟର ଲିଗ୍‌ର ୨ ଦିନର ମ୍ୟାଚ୍। ଏହା ଫଳରେ କ୍ରମାଗତ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଖେଳ ଦେଖିବାକୁ ଦର୍ଶକ ବଞ୍ଚିତ ହେବେ। ଘଟଣାରୁ ଜଣାଯାଇଛି ଜାନୁଆରୀ ୧୫ରେ ମୁମ୍ବଇରେ ମ୍ୟୁନ୍‌ସିପାଲ ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ପୁଲିସ୍ ନିର୍ବାଚନରେ ବ୍ୟସ୍ତ ରହୁଥିବାରୁ ଜାନୁଆରୀ ୧୪ ଓ ୧୫ରେ ଷ୍ଟାଡିୟମ୍‌ରେ ସୁରକ୍ଷା ଯୋଗାଇ ଦେଇପାରିବ ନାହିଁ ବୋଲି ବିସିସିଆଇକୁ ଜଣାଇ ଦିଆଯାଇଛି। ଫଳରେ ଏହି ଦୁଇ ଦିନ ଦର୍ଶକଙ୍କ ଲାଗି ଷ୍ଟାଡିୟମ୍ ବନ୍ଦ ରହିବ। ୧୪ରେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ୟୁପି ୱାରିୟର୍ଜ, ୧୫ରେ ମୁମ୍ବଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ଜ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଗ୍ରହୀ ଦର୍ଶକମାନେ ଟେଲିଭିଜନରେ ଏହି ଖେଳ ଉପଭୋଗ କରିପାରିବେ।

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ |

## ପନ୍ତ୍‌ଙ୍କ ପରେ ସୁନ୍ଦର

ଭଦୋଦରା, ୧୨।୧(ଏଜେନ୍ସି): ଦୀର୍ଘ ୩ ସପ୍ତାହ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଭାରତୀୟ ଦଳ ଆଘାତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜ୍‌ରୁ ୱାଶିଂଟନ ସୁନ୍ଦର ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ଦଳରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ସିରିଜ୍ ଆରମ୍ଭ ହେବା ପୂର୍ବରୁ ୱିକେଟରକ୍ଷକ ଋଷଭ ପନ୍ତ୍ ବାଦ୍ ପଡ଼ିଥିଲେ। ନ୍ୟୁଜିଲାଣ୍ଡ ସହ ପ୍ରଥମ ଦିନିକିଆରେ ବୋଲିଂ କରୁଥିଲାବେଳେ ବଲ ଫିଲ୍ଡି କରିବାକୁ ଯାଇ ସୁନ୍ଦର ଆହତ ହୋଇଛନ୍ତି। ତାଙ୍କ ମାଂସପେସୀ ଟାଣି ହୋଇଯାଇଥିବା ଜାଣିବାକୁ ମିଳିଛି। ଫଳରେ ସେ ମାତ୍ର ୫ ଓଭର ବୋଲିଂ କରିପାରିଥିଲେ। ରନ୍ ଚେଜ୍ କଲାବେଳେ ମଧ୍ୟ ବହୁ କଷ୍ଟରେ ବ୍ୟାଟିଂ କରିଥିଲେ ସୁନ୍ଦର। ଖେଳ ପରେ ତାଙ୍କ ଆଘାତ ସମସ୍ୟାର ତର୍ଜମା କରାଯାଇଥିଲା। ସେଥିରେ ସମସ୍ୟା ଗମ୍ଭୀର ଥିବାରୁ ତାଙ୍କୁ ସିରିଜ୍‌ର ଅବଶିଷ୍ଟ ୨ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ଦିଲ୍ଲୀ ରଣଜୀ ଦଳର ଅଧିନାୟକ ଆୟୁଷ ବଦୋନିଙ୍କୁ ସାମିଲ କରାଯାଇଛି। ପୂର୍ବରୁ ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଟି-୨୦ ସିରିଜ୍ ଲାଗି ମନୋନୀତ ତିଲକ ବର୍ମାଙ୍କୁ ମିଶାଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ମନୋନୀତ ହୋଇଥିବା ୩ଜଣ ଖେଳାଳି ଆଘାତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି।

## ଟି-୨୦ ବିଶ୍ୱକପ୍: ତିରୁଅନନ୍ତପୁରମ୍, ଚେନ୍ନଇରେ ଖେଳିପାରେ ବାଂଲାଦେଶ

ଦୁବାଇ, ୧୨।୧(ଏଜେନ୍ସି): ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ଆଇସିସିକୁ ଅନୁରୋଧ କରିଛି। କିନ୍ତୁ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ। କିନ୍ତୁ ବାଂଲାଦେଶର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର ନ କରିବାକୁ ଆଇସିସି ଓ ସହ ଆୟୋଜକ ବିସିସିଆଇ ରାଜି ନୁହଁନ୍ତି। ବାଂଲାଦେଶ ତାହାର ଲିଗ୍ ମ୍ୟାଚ୍ କୋଲକାତା ଓ ମୁମ୍ବଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଏହି ଦୁଇଟି ଭେନ୍ୟୁକୁ ତାମିଲନାଡୁର ଚେନ୍ନଇ ଓ କେରଳର ତିରୁଅନନ୍ତପୁରମରେ ଆୟୋଜନ କରିବାକୁ ଯୋଜନା ହୋଇଛି। ଉଭୟ ରାଜ୍ୟର କ୍ରିକେଟ ବୋର୍ଡକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଦୁଇଟି ରାଜ୍ୟରେ ବାଂଲା ବିରୋଧି ମନୋଭାବ ସାଧାରଣତଃ ନାହିଁ। ଏଣୁ ମ୍ୟାଚ୍ ସେଠାରେ ମ୍ୟାଚ୍ ହେଲେ ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ଉଭୟ ଆଇସିସି ଓ ବିସିସିଆଇ ଆଶା ପ୍ରକାଶ କରିଛନ୍ତି।

## ମା'ଙ୍କ ନିକଟକୁ ସମସ୍ତ ଟ୍ରଫି ପଠାଇଥା'ନ୍ତି କୋହଲି



ଭଦୋଦରା, ୧୨।୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚକୁ ଘରୋଇ ଭାରତ ୪ ୱିକେଟ୍‌ରେ ଜିତିନେଇଛି। ୯୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିବା ବିରାଟ କୋହଲି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୭୧ଥର ଲାଗି କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିଭଳି ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ୪୫ତମ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଥିଲା। ପୁରସ୍କାର ଗ୍ରହଣ ଅବସରରେ ବିରାଟ କୋହଲି ଏକ ବଡ଼ ଖୁଲାସା କରିଛନ୍ତି। 'ତୁମ ପାଖରେ କେତୋଟି ପ୍ଲେୟର ଅଫ୍ ଦି ଆୱାର୍ଡ ଟ୍ରଫି ରହିଛି' ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ୩୭ ବର୍ଷୀୟ କୋହଲି କହିଥିଲେ ଯେ 'ସତ କହିବାକୁ ଗଲେ ମୋର କୌଣସି ଧାରଣା ନାହିଁ। ମୁଁ ମୋର ସମସ୍ତ 'ପ୍ଲେୟର ଅଫ୍ ଦି ମ୍ୟାଚ୍ ଟ୍ରଫି' ଗୁରୁଗ୍ରାମରେ ରହୁଥିବା ମା'ଙ୍କ ନିକଟକୁ ପଠାଇ ଦେଇଥାଏ। ମୋ ମା' ପୁରସ୍କାର ରଖିବାକୁ ବହୁତ ଭଲ ପାଆନ୍ତି।

ମହମ୍ମଦ୍ ନବିଙ୍କ ସ୍ୱପ୍ନ ପୂରଣ ହେଲା |

## ବିପିଏଲ୍‌ରେ ଏକାଠି ଖେଳିଲେ ବାପ-ପୁଅ



ସିଲହଟ୍, ୧୨।୧(ଏଜେନ୍ସି): ପୁଅ ହାସନ ଐସାଖିଲଙ୍କ ସହ ଏକାଠି ଖେଳିବାକୁ ଆଫଗାନିସ୍ତାନର କିଂବଦନ୍ତି କ୍ରିକେଟର ମହମ୍ମଦ୍ ନବି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଗତକାଲି ଅନୁଷ୍ଠିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ପୂରଣ ହୋଇଛି। ଢାକା କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଉଭୟ ୪୧ ବର୍ଷୀୟ ବାପ ନବି ଓ ୧୯ ବର୍ଷୀୟ ପୁଅ ଐସାଖିଲ ନୋଆଖାଲି ଏକ୍ସପ୍ରେସ୍ ଟିମ୍‌ରୁ ଖେଳିଥିଲେ। କେବଳ ଉଭୟ ମ୍ୟାଚ୍ ଖେଳି ନ ଥିଲେ, ବରଂ ଦଳକୁ ୪୧ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ କରାଇଥିଲେ। ଏହି ମ୍ୟାଚ୍‌ରେ ଐସାଖିଲ ଇନିଂସ ଓପନ କରି ୯୨ ରନ୍ କରିଥିଲେ। ସେ ମଧ୍ୟ ପିତା ନବିଙ୍କ ସହ ୫୩ ରନ୍‌ର ପାର୍ଟନରସିପ୍ କରିଥିଲେ। ଏହି ମ୍ୟାଚ୍ ବିଜୟୀ ଇନିଂସ ଯୋଗୁଁ ଐସାଖିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

■ ବିଜୟ ହଜାରେ ଟ୍ରଫି

## ସେମିରେ କର୍ଣ୍ଣାଟକ, ସୌରାଷ୍ଟ୍ର

ବେଙ୍ଗାଲୁରୁ, ୧୨।୧(ଏଜେନ୍ସି): କର୍ଣ୍ଣାଟକ ଓ ସୌରାଷ୍ଟ୍ର ଚଳିତବର୍ଷର ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଏଠାରେ ପ୍ରଥମ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଭିଜେଡି ମେଥଡ ଅନୁଯାୟୀ ମୁମ୍ବଇକୁ ୯ ୱିକେଟରେ ଓ ସୌରାଷ୍ଟ୍ର ୭ ୱିକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ସହ ବିଦର୍ଭର ଓ ପଞ୍ଜାବ ସହ ମଧ୍ୟପ୍ରଦେଶର ମୁକାବିଲା ହେବ। ଆଜିର ପ୍ରଥମ କ୍ୱାର୍ଟରରେ ବ୍ୟାଟିଂ କରି ମୁମ୍ବଇ ୮ ୱିକେଟରେ ୨୫୪ ରନ୍ କରିଥିଲା। ସ୍ପିନ ଅଲରାଉଣ୍ଡର ସାମ୍ସ ମୁଲାନି ୮୬, ଅଧିନାୟକ ସିଦ୍ଧେଶ ଲାଡ ୩୮ ଓ ସାଇରାଜ ପାଟିଲ ଅପରାଜିତ ୩୩ ରନ୍ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ବିଦ୍ୟାଧର ପାଟିଲ ୩ଟି ୱିକେଟ ପାଇଥିଲେ। କର୍ଣ୍ଣାଟକ ବ୍ୟାଟିଂ ଆରମ୍ଭ କରି ୩୩ ଓଭରରେ ୧ ୱିକେଟ ହରାଇ ୧୮୭ ରନ୍ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ବନ୍ଦ ରଖାଯାଇଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ କର୍ଣ୍ଣାଟକକୁ ୩୩ ଓଭରରେ ୧୩୪ ରନ୍‌ର ଟାର୍ଗେଟ ରହିଥିଲା। ଏଣୁ କର୍ଣ୍ଣାଟକକୁ ୫୫ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା। ଦେବଦତ୍ତ ପାଡିକଲ ୮୧ ଓ କରୁନ ନାୟାର ୭୪ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଅଭିଷେକ ଗୋସ୍ୱାମୀ ୮୮ ଓ ସମୀର ରିଜଭୀଙ୍କ ଅପରାଜିତ ୮୮ ରନ୍ ସହାୟତାରେ ଉତ୍ତରପ୍ରଦେଶ ୮ ୱିକେଟରେ ୩୧୦ ରନ୍ କରିଥିଲା। ଜବାବରେ ହାର୍ଭିକ ଦେଶାଇଙ୍କ ଅପରାଜିତ ୧୦୦ ରନ୍ ସହାୟତାରେ ସୌରାଷ୍ଟ୍ର ୪୦.୧ ଓଭରରେ ୩ ୱିକେଟ ହରାଇ ୨୩୮ ରନ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ ସୌରାଷ୍ଟ୍ରକୁ ୧୭ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

## ଓଡ଼ିଶା ଆସିବେ ଚେସ୍ କିଂବଦନ୍ତି ଆନନ୍ଦ



ଭୁବନେଶ୍ୱର, ୧୨।୧(ସମିସ): ଭାରତୀୟ ଚେସର କିଂବଦନ୍ତି ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ସହ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ସଭାପତି ଆର୍କାଡି ଡିଭୋରକୋଭିଚ୍, ଉପସଭାପତି ଡାନା ରେଜିନ୍‌ଙ୍କ ସମେତ ଦେଶ ଓ ବିଦେଶର ଚେସ୍ କର୍ମକର୍ତ୍ତା ଓ ଖେଳାଳି ଓଡ଼ିଶା ଆସିବେ। କିଟ୍ ଡିମ୍‌ଡ ୟୁନିଭର୍ସିଟି ଆନୁକୂଲ୍ୟରେ କିଟ୍ କ୍ୟାମ୍ପସ ଓ ଏକ ଘରୋଇ ହୋଟେଲରେ ଆସନ୍ତା ଜାନୁଆରୀ ୧୪ରୁ ୧୬ ଯାଏ ସୋସିଆଲ ଆଣ୍ଡ ଏଜୁକେସନାଲ ଚେସ୍ ଉପରେ ଏକ କର୍ମଶାଳା ଆୟୋଜିତ ହେବ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସନାଲ ଚେସ୍ ହଲ ଓ ଚେସ୍ ଗ୍ରାଉଣ୍ଡକୁ ଆନନ୍ଦ ଉଦ୍‌ଘାଟନ କରିବେ। ଫିଡେ ସଭାପତି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୪୦ଟି ଦେଶର ପ୍ରାୟ ୫,୨୦୦ ଚେସ୍ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କର୍ମଶାଳା ଦେଶରେ ପ୍ରଥମଥର ଆୟୋଜିତ ହେଉଛି ଓ ଏଥିଲାଗି ଭାରତର ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି ବୋଲି ଇଭେଣ୍ଟ କମିସନ ସଦସ୍ୟ ରଞ୍ଜନ ମହାନ୍ତିଙ୍କଠାରୁ ଜଣାଯାଇଛି।

## କଳିଙ୍ଗରେ ୧୭ରୁ ମାଗଣାରେ ଖେଳ ଦେଖିବେ ଦର୍ଶକ

ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୨।୧(ସମିସ): ଓଡ଼ିଶା ତଥା ଭୁବନେଶ୍ୱର ହକି ପ୍ରେମୀଙ୍କ ଲାଗି ଏକ ଶୁଭ ଖବର। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖଯାଏ ଖେଳାଯିବାକୁ ଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ)ର ସମସ୍ତ ମ୍ୟାଚ୍ ଦର୍ଶକ ମାଗଣାରେ ଦେଖିପାରିବେ। ଏ ସମ୍ପର୍କରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ଘୋଷଣା କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳାଳିଙ୍କ ଖେଳ ଦେଖିବାକୁ ଓଡ଼ିଶାର ସମସ୍ତ ହକିପ୍ରେମୀ କଳିଙ୍ଗ ଷ୍ଟାଡିୟମ୍ ଆସିବାକୁ ଅନୁରୋଧ କରିଛନ୍ତି। ଦର୍ଶକମାନେ https://ticketgenie.in/event/Hero-Hockey-India-League-୨୦୨୫-୨୬ ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ। ଏଥର ପୁରୁଷ ଏଚ୍‌ଆଇଏଲ୍‌ରେ ୮ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟାଇଟଲ ଦାବିଦାର ରହିଛି। ଏଚ୍‌ଆଇଏଲ୍‌ର ତୃତୀୟ ଭାଗର ସମସ୍ତ ମ୍ୟାଚ୍ କଳିଙ୍ଗରେ ଖେଳାଯିବ। ଏଠାରେ ୯ଦିନ ମ୍ୟାଚ୍ ଅନୁଷ୍ଠିତ ହେବ। ଜାନୁଆରୀ ୨୪ରେ ବିଶ୍ରାମ ଦିବସ, ଜାନୁଆରୀ ୧୯, ୨୧, ୨୨ ଓ ୨୫ରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୨୩ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବ। ଜାନୁଆରୀ ୨୫ରେ କ୍ୱାଲିଫାୟର-୨, ଜାନୁଆରୀ ୨୬ରେ ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ହକି ଇଣ୍ଡିଆ ଲିଗ୍

# ଏସଜି ପାଇପର୍ସର ପ୍ରଥମ ବିଜୟ

ରାଞ୍ଚି, ୧୨।୧ (ଏଜେନ୍ସି)



ଏସ୍‌ଜି ପାଇପର୍ସ ଦଳ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପୁରୁଷ ବିଭାଗରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ସ୍ଥାନୀୟ ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଅନୁଷ୍ଠିତ ଏକ ମ୍ୟାଚରେ ପାଇପର୍ସ ୨-୧ ଗୋଲ୍‌ରେ ହାଇଦରାବାଦ୍ ତୁଫାନ୍ସକୁ ପରାସ୍ତ କରିଥିଲା। ତୋମାସ ଡୋମେନେ ଡବଲ୍ ଗୋଲ୍‌ସ୍କୋର କରି ପାଇପର୍ସକୁ ଟୁର୍ଣ୍ଣାମେଣ୍ଟରେ ପ୍ରତୀକ୍ଷିତ ବିଜୟ ପଏଣ୍ଟ ଭେଟି ଦେଇଥିଲେ। ଏଥିସହ ପାଇପର୍ସ ୩ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ସୁଟ୍‌ଆଉଟ୍ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲ୍‌ର ୫ମ ସ୍ଥାନରେ ରହିଛି।

ହାଇଦରାବାଦ୍ ତୁଫାନ୍ସ ବିପକ୍ଷ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ପାଇପର୍ସ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଆର୍ଜେଣ୍ଟିନା ଫରୱାର୍ଡ ଡୋମେନ ପ୍ରଥମ ଗୋଲ୍ ଦେଇ ପାଇପର୍ସକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରର ଶେଷ ତଥା ୨୯ତମ ମିନିଟ୍‌ରେ ଡୋମେନ ବ୍ୟକ୍ତିଗତ ୨ୟ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ ୩୦ ମିନିଟ୍‌ରେ ୨ଟି ଗୋଲ୍ ଦେଇ ପ୍ରଥମାର୍ଦ୍ଧକୁ ପାଇପର୍ସ ନିଜ ନାମରେ କରିଥିଲା। ତେବେ ଏହାପରେ ଦ୍ୱିତୀୟାର୍ଦ୍ଧରେ ତୁଫାନ୍ସ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ଗୋଟିଏ ଗୋଲ୍ ଦେଇ ତୁଫାନ୍ସର ଖାତା ଖୋଲିଥିଲେ। ଏହାପରେ ପରବର୍ତ୍ତୀ ୧୯ ମିନିଟ୍ ମଧ୍ୟରେ ତୁଫାନ୍ସ ଗୋଲ୍‌କୁ ଶୁଝାଇବା ଲାଗି ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଫଳରେ ପାଇପର୍ସ ୨-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା। ସୋମବାର ଅନ୍ୟ ଏକ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଗଭର୍ଣ୍ଣିଂ କାଉନସିଲ୍ ୨-୦ ଗୋଲରେ ଅଗ୍ରଣୀ ରହିଛି। ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩ଟି ମ୍ୟାଚରୁ ୩ଟି ବିଜୟ ସହ ୮ ପଏଣ୍ଟ ପାଇ ଶୀର୍ଷରେ ରହିଛି।

## ବାର୍ସିଲୋନାକୁ ୧୬ତମ ସୁପର୍ କପ୍ ଟାଇଟଲ

ଜେଦ୍ଦା, ୧୨।୧ (ଏଜେନ୍ସି): ରାଫିନାଙ୍କ ଡବଲ୍ ଗୋଲ୍ ବଳରେ ବାର୍ସିଲୋନା ୩-୨ ଗୋଲରେ ରିଅଲ ମାଦ୍ରିଦକୁ ପରାସ୍ତ କରି ସୁପର୍ କପ୍ ଟାଇଟଲ୍ ହାସଲ କରିଛି। ସ୍ପାନିଶ ସୁପର୍ କପ୍‌ର ୪୧ତମ ସଂସ୍କରଣ ଫାଇନାଲ ସାଉଦୀ ଆରବରେ ଖେଳାଯାଇଥିଲା। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୨-୨ ଗୋଲ୍‌ରେ ବରାବର୍ ରହିଥିଲା। ଏହି ୪ଟି ଗୋଲ୍‌ରୁ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମରେ ୩ଟି ଗୋଲ୍ ହୋଇଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟ୍‌ରେ ରାଫିନା ବ୍ୟକ୍ତିଗତ ୨ୟ ଓ ଦଳ ପାଇଁ ୩ୟ ଗୋଲ୍‌ଟି ଦେଇ ବାର୍ସିଲୋନାକୁ ଚାମ୍ପିଅନ କରାଇଥିଲେ। ଏଥିସହ ବାର୍ସିଲୋନା ରେକର୍ଡ ୧୬ଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ହାସଲ କରିଛି।

### ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ଉଦ୍‌ଯାପିତ

## ମୌସୁମୀଙ୍କୁ ଡବଲ୍ ସ୍ୱର୍ଣ୍ଣ, ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୨।୧(ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶା ମୌସୁମୀ ଦାସ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଯୁବ ଓ ସିନିୟର ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ବିଭାଗର ସେ ସ୍ନାଚ୍‌ରେ ୭୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୪ କେଜି ଓଜନ ଉଠାଇଥିଲେ। ମୋଟରେ ୧୬୪ କେଜି ଓଜନ ଉଠାଇଥିବା ମୌସୁମୀଙ୍କୁ ୨ଟି ସ୍ୱର୍ଣ୍ଣପଦକ ମିଳିଥିଲା। ଏହାକୁ ମିଶାଇ ଟୁର୍ଣ୍ଣାମେଣ୍ଟର ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ରନର୍ସଅପ୍ ହୋଇଛି। ଦଳର ପ୍ରତିଯୋଗୀମାନେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।



ଓଡ଼ିଶା ଦଳର ଏହି ସଫଳତା ଲାଗି କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି, ମ୍ୟାନେଜର ଟାଙ୍ଗ ଦେବୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS